# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧/୨୦୨୦ (୧୨ପୃଷ୍ଠା) | Bhubaneswar, Thursday, October 1/2020 | ★★★★

୪୬ଶ ଭାଗ ୩୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସତ ହେଲା ଆକଳନ**

ତାପସୀ ପାନ୍ନୁଙ୍କ ଅଭିନୀତ 'ଥାପ୍ପଡ' ୧୪ତମ ଏସିଆନ୍ ଫିଲ୍ମ ଆୱାର୍ଡ ନୋମିନେଶନରେ ସ୍ଥାନ ପାଇଛି। ଫିଲ୍ମ ଶୁଟିଂ ସମୟରେ ସେ ଏହା ପୂର୍ବାନୁମାନ କରି କହିଥିଲେ।

୧୧

୧୨

**ତୃତୀୟ ରାଉଣ୍ଡରେ ନାଡାଲ**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସ୍ପେନର ରାଫାଲ ନାଡାଲ।




# ସବୁ ଅଭିଯୁକ୍ତ ଦୋଷମୁକ୍ତ

**ଲକ୍ଷ୍ନୌ, ୩୦।୯**

ବାବ୍ରି ମସ୍‌ଜିଦ ଭଙ୍ଗାଯିବାର ୨୮ ବର୍ଷ ପରେ ସ୍ଥାନୀୟ ସ୍ୱତନ୍ତ୍ର ସିବିଆଇ କୋର୍ଟ ବୁଧବାର ଭାଜପାର ବରିଷ୍ଠ ନେତା ଏଲ୍‌.କେ. ଆଡଭାନୀ, ମୁରଲୀ ମନୋହର ଜୋଷୀ, କଲ୍ୟାଣ ସିଂ ଓ ଉମା ଭାରତୀଙ୍କ ସମେତ ସମସ୍ତ ୩୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ବିବାଦୀୟ ଢାଞ୍ଚା ଭାଙ୍ଗିବା ଲାଗି ଷଡ଼ଯନ୍ତ୍ର କରାଯାଇଥିବା ନେଇ କୌଣସି ନିର୍ଣ୍ଣାୟକ ପ୍ରମାଣ ଏହି ୩୨ ଜଣଙ୍କ ବିରୋଧରେ ମିଳି ନାହିଁ ବୋଲି ୨,୩୦୦ ପୃଷ୍ଠାବିଶିଷ୍ଟ ରାୟରେ ପ୍ରକାଶ ପାଇଛି। ଅବସର ନେବା ଦିନ ସ୍ୱତନ୍ତ୍ର ବିଚାରପତି ଏସ୍‌.କେ. ଯାଦବ ରାୟ ଦେଇ କହିଛନ୍ତି, ଖବରକାଗଜ ରିପୋର୍ଟ ଓ ଭିଡିଓ କ୍ୟାସେଟ୍‌କୁ ପ୍ରମାଣ ଭାବେ ଗ୍ରହଣ କରାଯାଇ ନ ଥିଲା। ସୂଚନାଯୋଗ୍ୟ ଯେ, ଷୋଡ଼ଶ ଶତାବ୍ଦୀର ବାବ୍ରି ମସ୍‌ଜିଦକୁ ୬ ଡିସେମ୍ବର ୧୯୯୨ରେ ଭଙ୍ଗା ଯାଇଥିଲା। ଏହା ପରେ ଘଟିଥିବା ଦଙ୍ଗାରେ ଦେଶରେ ଶତାଧିକ ଲୋକଙ୍କ ପ୍ରାଣ ଯାଇଥିଲା।

ରାୟ ପ୍ରକାଶ ପାଇବା ପରେ ଭାଜପା ନେତା ଆଡଭାନୀ, ମୁରଲୀ ମନୋହର ଜୋଷୀ ଓ ଅନ୍ୟ ଅଭିଯୁକ୍ତମାନେ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଅଲ୍ ଇଣ୍ଡିଆ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ରାୟ ବିରୋଧରେ ହାଇକୋର୍ଟକୁ ଯିବ ବୋଲି କହିଛି। ଏଥିସହିତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବୁଧବାର ବିଚାରପତି ରାୟ ଶୁଣାଇବା ବେଳେ ଲକ୍ଷ୍ନୌ କୋର୍ଟରେ ୨୬ ଜଣ ଅଭିଯୁକ୍ତ ଉପସ୍ଥିତ ଥିଲେ। ହେଲେ ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଏଲ୍‌.କେ. ଆଡଭାନୀ, ଉତ୍ତରପ୍ରଦେଶର ☞ପୃଷ୍ଠା–୪



**ବାବ୍ରି ମସ୍‌ଜିଦ୍ ଭଙ୍ଗା ଘଟଣା**

- ୯ ନଭେମ୍ବର, ୨୦୧୯ ପରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାୟ
- ଷଡ଼ଯନ୍ତ୍ର ନେଇ ନିର୍ଣ୍ଣାୟକ ପ୍ରମାଣ ନାହିଁ : ସ୍ୱତନ୍ତ୍ର କୋର୍ଟ
- ଆଡଭାନୀ, ଜୋଷୀଙ୍କ ଉପରୁ ହଟିଲା ଷଡ଼ଯନ୍ତ୍ର ଅଭିଯୋଗ
- ହାଇକୋର୍ଟ ଯିବୁ: ଏଆଇଏମ୍‌ପିଏଲ୍‌ବି

## ସୁପ୍ରିମକୋର୍ଟଙ୍କ ରାୟର ବିରୋଧାଭାସ: କଂଗ୍ରେସ

**ନୂଆଦିଲ୍ଲୀ, ୩୦।୯**

ବାବ୍ରି ମସ୍‌ଜିଦ୍ ଭଙ୍ଗା ମାମଲାରେ ସମସ୍ତ ୩୨ ଅଭିଯୁକ୍ତଙ୍କୁ କୋର୍ଟ ଖଲାସ କରିଛନ୍ତି। କୌଣସି ପୂର୍ବ ଯୋଜନାରେ ୧୯୯୨ ଡିସେମ୍ବର ୬ରେ ମସ୍‌ଜିଦ୍ ଭଙ୍ଗା ଯାଇ ନ ଥିଲା ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଏହାକୁ ନେଇ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱତନ୍ତ୍ର କୋର୍ଟଙ୍କ ଏହି ରାୟ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ବିରୋଧାଭାସ। ତେଣୁ ଏହା ବିରୋଧରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ ବୋଲି କଂଗ୍ରେସ କହିଛି।

କଂଗ୍ରେସ କହିଛି ଯେ, ମସ୍‌ଜିଦ୍ ଭଙ୍ଗା ଘଟଣାରେ ହୋଇଥିବା ଷଡ଼ଯନ୍ତ୍ରରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ନ ମିଳିବାରୁ ସେମାନଙ୍କୁ ଖଲାସ କରାଯାଇଛି ବୋଲି କୋର୍ଟ କହିଛନ୍ତି। ହେଲେ ଭାଜପା ଏବଂ ଆର୍‌ଏସ୍‌ଏସ୍ ଏହି ଷଡ଼ଯନ୍ତ୍ରରେ ସମ୍ପୂର୍ଣ୍ଣ ଭାବେ ସାମିଲ ଥିଲେ ବୋଲି ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୁର୍ଜେୱାଲା କହିଛନ୍ତି। ମସ୍‌ଜିଦ୍ ଭଙ୍ଗା ମାମଲାରେ ଅଭିଯୁକ୍ତଙ୍କୁ ଖଲାସ କରିବା ସୁପ୍ରିମକୋର୍ଟଙ୍କ ରାୟର ସମ୍ପୂର୍ଣ୍ଣ ବିରୋଧୀ ଏବଂ ଏହା ଅସାମ୍ବିଧାନିକ। ସମ୍ବିଧାନ, ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ଭ୍ରାତୃଭାବ ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ଭାରତୀୟ ଚାହୁଁଛନ୍ତି ଯେ, କେନ୍ଦ୍ର ସରକାର ସିବିଆଇ କୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରନ୍ତୁ ବୋଲି ସୁର୍ଜେୱାଲା କହିଛନ୍ତି।




## 'ମସ୍‌ଜିଦ୍ ଭଙ୍ଗା ମ୍ୟାଜିକ୍ ଥିଲା କି'

**ହାଇଦ୍ରାବାଦ,୩୦।୯**

ବାବ୍ରି ମସ୍‌ଜିଦ ଧ୍ୱଂସ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମସ୍‌ଜିଦ ଭଙ୍ଗା ଘଟଣା ଯୋଜନାବଦ୍ଧ ନ ଥିଲା, ଆକସ୍ମିକ ଥିଲା ବୋଲି କୋର୍ଟ କହିଛନ୍ତି। ଏହାକୁ ନେଇ ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ପାର୍ଟି ମୁଖ୍ୟ ଅସାଦୁଦ୍ଦିନ ଓୱାଇସି ଗଭୀର କ୍ଷୋଭ ପ୍ରକାଶ କରି ଭାରତୀୟ ନ୍ୟାୟପାଳିକାର କଳାଦିନ ବୋଲି କହିଛନ୍ତି। 'କୋର୍ଟଙ୍କ ରାୟ କେବଳ ହିନ୍ଦୁତ୍ୱ ବିଚାରକୁ ସନ୍ତୁଷ୍ଟ କରିବ, ଭାରତୀୟ ମୁସଲମାନ ନ୍ୟାୟ ପାଇନାହାନ୍ତି। ମୁଁ ଜଣେ ଭାରତୀୟ ମୁସଲମାନ ଭାବରେ ଆଜି ନିଜକୁ ଅପମାନିତ ଏବଂ ଅସହାୟ ମନେ କରୁଛି। ଠିକ୍ ଯେପରି ୧୯୯୨ରେ,



ଅସାଦୁଦ୍ଦିନ ଓୱାଇସି

ଯେତେବେଳେ ମୁଁ ଯୁବକ ଥିଲି ବୋଲି ଓୱାଇସି କହିଛନ୍ତି। ଓୱାଇସି କହିଛନ୍ତି ଯେ, 'ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ଆଇନର ଗୁରୁତର ☞ପୃଷ୍ଠା–୪

## ୩ରୁ ୬ ପ୍ରବଳ ବର୍ଷା ସମ୍ଭାବନା

**ଲଘୁଚାପ**

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଅକ୍ଟୋବର ୩ରୁ ୬ ତାରିଖ ମଧ୍ୟରେ ଉପକୂଳ, ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅକ୍ଟୋବର ୩ ତାରିଖ ରାତିରୁ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବ। ୫ ଓ ୬ ତାରିଖ ରାତିରୁ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷ କରି କଟକ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ☞ପୃଷ୍ଠା–୧୦

## ଆଇଟିଆର୍ ଫାଇଲିଂ ଅବଧି ବଢ଼ିଲା

**ନୂଆଦିଲ୍ଲୀ,୩୦।୯**

ଆୟକର ବିଭାଗ ପକ୍ଷରୁ ଆସେସମେଣ୍ଟ ବର୍ଷ ୨୦୧୯-୨୦ (ଆର୍ଥିକ ବର୍ଷ ୨୦୧୮-୧୯) ଲାଗି ଆୟକର ରିଟର୍ନ (ଆଇଟିଆର୍) ଫାଇଲିଂ କରିବାର ସୀମାକୁ ବୁଧବାର ବୃଦ୍ଧି କରାଯାଇଛି। ଏଥି ଲାଗି ଅବଧି ସେପ୍ଟେମ୍ବର ୩୦ ଯାଏ ରହିଥିବା ବେଳେ ଏହାକୁ ନଭେମ୍ବର ୩୦ ଯାଏ ବଢାଯାଇଛି। କୋଭିଡ୍-୧୯ ଯୋଗୁ ଲୋକମାନେ ବର୍ତ୍ତମାନ ସମସ୍ୟାରେ ରହିଥିବାରୁ ବିଭାଗ ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡ଼ିଛି। ଆୟକର ବିଭାଗ ଟୁଇଟ ଯୋଗେ କହିଛି ଯେ, କୋଭିଡ୍ ଯୋଗୁ ଲୋକମାନେ ସମସ୍ୟାରେ ରହିଛନ୍ତି। ଏଭଳି ବିଭିନ୍ନ ଦିଗକୁ ବିଚାର କରି ଟିକସଦାତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ଆୟକର ବିଭାଗର ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଥିବା କୁହାଯାଇଛି। ☞ପୃଷ୍ଠା–୧୦

**ଆଜିର ସମ୍ପାଦକୀୟ**

**ପ୍ରାଣୀ ସେବାର ସ୍ୱପ୍ନ**

## ଅକ୍ଟୋବର ୧୫ରୁ ଖୋଲିବ ସିନେମା ହଲ୍

**ନୂଆଦିଲ୍ଲୀ,୩୦।୯**

ଅନ୍‌ଲକ୍ ୫.୦ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଅକ୍ଟୋବର ୧୫ରୁ ସର୍ତ୍ତମୂଳକ ଭାବେ ସିନେମା ହଲ୍ ଓ ଥିଏଟର ଖୋଲିବା ଲାଗି ଅନୁମତି ପ୍ରଦାନ କରାଯାଇଛି। ଅଧା ଦର୍ଶକଙ୍କୁ ନେଇ ସିନେମା, ଥିଏଟର ଚଲାଇବାକୁ କୁହାଯାଇଛି। ଏଥିଲାଗି ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହାସହ ସ୍କୁଲ, କଲେଜ, କୋଚିଂ ସେଣ୍ଟର, ଇ-ଏଜୁକେଶନ ଅନୁଷ୍ଠାନ ଖୋଲିବା ଲାଗି ମଧ୍ୟ ଅନୁମତି ପ୍ରଦାନ କରାଯାଇଛି। କରୋନା ଲାଗି ଗତ ମାର୍ଚ୍ଚରୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ତେବେ ଅକ୍ଟୋବର ୧୫ ପରେ ଶିକ୍ଷାନୁଷ୍ଠାନ ଖୋଲିବା ☞ପୃଷ୍ଠା–୧୦

**ଅନ୍‌ଲକ୍ ୫.୦**



- ସାଂସ୍କୃତିକ, ସାମାଜିକ, କ୍ରୀଡ଼ା, ଧାର୍ମିକ, ରାଜନୈତିକ ସମାବେଶକୁ ଅନୁମତି
- ଶିକ୍ଷାନୁଷ୍ଠାନ ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ନେବେ

## ଶନିବାର ସରକାରୀ କାର୍ଯ୍ୟାଳୟ ବନ୍ଦ

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

ରାଜ୍ୟର ସମସ୍ତ ସରକାରୀ ଅଫିସ ଶନିବାର ବନ୍ଦ ରହିବ। ତେବେ ଅକ୍ଟୋବରରେ କଟକ ଓ ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ ବିଭାଗ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ। ସରକାରୀ କାର୍ଯ୍ୟ ଯେପରି ପ୍ରଭାବିତ ନ ହେବ ସେ ନେଇ ବିଭାଗଗୁଡ଼ିକ ନିଶ୍ଚିତ କରିବେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କେଉଁ କର୍ମଚାରୀ କେଉଁ ଦିନ କାର୍ଯ୍ୟାଳୟରେ ଯୋଗଦେବେ ସେ ନେଇ ବିଭିନ୍ନ ବିଭାଗ ଓ କାର୍ଯ୍ୟାଳୟଗୁଡ଼ିକର ମୁଖ୍ୟମାନେ ନିଷ୍ପତ୍ତି ନେବେ। ☞ପୃଷ୍ଠା–୧୦

## ଗୃହରେ କରୋନା ଝଡ଼

- କୋଭିଡ୍ ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିରୋଧୀ
- ବର୍ଷିଲେ ପ୍ରଦୀପ୍ତ, ନରସିଂହ
- ଅସଜଡ଼ା ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ନେଇ ଭାଜପାର ସମାଲୋଚନା

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ସରକାରଙ୍କୁ ଘେରିଥିଲେ ବିରୋଧୀ। କରୋନା ମହାମାରୀ ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳତା ନେଇ ବିରୋଧୀ ଆଣିଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିବା ପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପ୍ରଥମ ଘଣ୍ଟା ପ୍ରଶ୍ନକାଳ ବାତିଲକୁ କଂଗ୍ରେସ ବିରୋଧ କରିବା ସହ ଏହା ଗୃହର ମୌଳିକ ଅଧିକାର କ୍ଷୁଣ୍ଣ କରୁଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ। ସେହିଭଳି ଭାଜପା ପକ୍ଷରୁ ମଧ୍ୟ ପ୍ରଶ୍ନକାଳ ବାତିଲକୁ ବିରୋଧ କରାଯାଇଥିଲା।

କରୋନାକୁ ନେଇ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବୃତି ପରେ ଉଭୟ ଭାଜପା ଓ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଥିଲେ। ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ବେଳେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ, କୋଭିଡ୍ ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାର ସ୍ୱାର୍ଥପର ଭଳି କେବଳ ଗଞ୍ଜାମ ଜିଲାକୁ ପ୍ରାଧାନ୍ୟ ଦେଇଛନ୍ତି। ଅନ୍ୟ ଜିଲାଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାଜ୍ୟ ସରକାର କୋଭିଡ୍ ବାହାନାରେ ଯେତିକି ଅର୍ଥ ବ୍ୟୟ କରିଛନ୍ତି ସେଭଳି ଭାବେ କିନ୍ତୁ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ☞ପୃଷ୍ଠା–୪

## ସଂକ୍ରାମକ ରୋଗ ବିଧେୟକ ପାରିତ

- ନିୟମ ନ ମାନିଲେ ୧ଲକ୍ଷ ପର୍ଯ୍ୟନ୍ତ ଜରିମାନା
- ୨ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ
- ଏହା ଏକ କଳା ବିଲ୍: କଂଗ୍ରେସ
- ବିରୋଧୀଙ୍କ ସ୍ୱର ଚାପିବାର ଉଦ୍ୟମ: ଭାଜପା

**ଭୁବନେଶ୍ୱର,୩୦।୯(ବ୍ୟୁରୋ)**

ବିଧାନସଭା ମୌସୁମୀ ଅଧିବେଶନର ବୁଧବାର ଦ୍ୱିତୀୟ ଦିବସରେ ସଂକ୍ରାମକ ରୋଗ ବିଧେୟକ-୨୦୨୦ ପାରିତ ହୋଇଛି। ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟଙ୍କ ବିରୋଧ ସତ୍ତ୍ୱେ ଏହି ବିଲ୍ ଗୃହରେ ପାରିତ ହୋଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ପୂର୍ବରୁ ଥିବା ସଂକ୍ରାମକ ଅଧିନିୟମ ୧୮୯୭କୁ ସଂଶୋଧନ କରି ସଂକ୍ରାମକ ରୋଗ(ଓଡ଼ିଶା ସଂଶୋଧନ) ଅଧିନିୟମ ୨୦୨୦ ଅଣାଯାଇଛି। ନୂତନ ଅଧିନିୟମରେ ସଂକ୍ରାମକ ରୋଗର ନିବାରଣ ଓ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଦ୍ରବ୍ୟ, ସେବା ଓ ଉପକରଣର ସଂଗ୍ରହ ଓ ସଂଗ୍ରହ କରିବାର ନୀତିକୁ ପରିବର୍ତ୍ତନ କରାଯାଇଛି। ସେହିଭଳି କୋଭିଡ୍ ନିୟମ ଉଲ୍ଲଂଘନ କଲେ ଜରିମାନା ☞ପୃଷ୍ଠା–୪

# ଶିଳ୍ପସଂସ୍ଥାକୁ ଜଳକର ଅନୁକମ୍ପା


**ଓଟିଏସ୍‌ରେ ୨୬୧୯ କୋଟି ଛାଡ଼ ପ୍ରସ୍ତାବ**

- ୫୫ ସଂସ୍ଥା ପାଖରେ ୩୩୬୫ କୋଟି ଟଙ୍କା ଜଳକର ବାକି
- ଦେବାଳିଆ ତାଲିକାରେ ଭୂଷଣ, ବିଆର୍‌ଜି ଆଇରନ ଆଣ୍ଡ୍ ଷ୍ଟିଲ
- ୧୫ ସଂସ୍ଥାର ୨୬୬୫କୋଟି ଉପରେ ଚାଲିଛି ମାମଲା

**ହର୍ଷବର୍ଦ୍ଧନ ବେହେରା**
ଯାଜପୁର ଅଫିସ୍, ୩୦।୯

ରାଜ୍ୟର ୫୫ ସରକାରୀ ଓ ବେସରକାରୀ ସଂସ୍ଥା ପାଖରେ ମାର୍ଚ୍ଚ ୩୧ ସୁଦ୍ଧା ୩୩୬୫.୭୫୧ କୋଟି ଟଙ୍କା ଜଳ କର ବାକି ପଡ଼ିଛି। ଏଥିରୁ ୩୨ଟି ବେସରକାରୀ ଶିଳ୍ପାନୁଷ୍ଠାନ ପାଖରେ ୨୬୯୪.୧୮୬ କୋଟି, ଗୋଟିଏ ରାଜ୍ୟ ଓ କେନ୍ଦ୍ରର ମିଳିତ ଅନୁଷ୍ଠାନ ପାଖରେ ୪୫୪.୦୪୩ କୋଟି ଏବଂ ରାଜ୍ୟ ସରକାରୀ ଅନୁଷ୍ଠାନ ପାଖରେ ୨୧୭.୫୨୨ କୋଟି ଟଙ୍କା ବାକି ରହିଛି। ତେବେ ବକେୟା ଜଳକରକୁ ଏକକାଳୀନ ସମାଧାନ(ଓଟିଏସ୍) କରି ୨୬୧୯.୦୯୯ କୋଟି ଟଙ୍କା ଛାଡ଼ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହାବାଦ ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ୍ ଏବଂ ଢେଙ୍କାନାଳ ଜିଲା ବିଆରଜି ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ ଦେବାଳିଆ ତାଲିକାରେ ଥିବାରୁ ଏକକାଳୀନ ସମାଧାନ ବ୍ୟବସ୍ଥାରୁ ବାଦ ଦିଆଯାଇଛି। ଏହି ମର୍ମରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ତାଙ୍କ ପତ୍ରସଂଖ୍ୟା ୨୦୦୯୦/୨୨।୯।୨୦୨୦ରେ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ସୂଚିତ କରିଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ଶିଳ୍ପସଂସ୍ଥାଗୁଡ଼ିକୁ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରୁଥିବାରୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୧୫ ନଭେମ୍ବରରେ ରାଜ୍ୟ ସରକାର ଇଡକୋକୁ ଅଯାଚିତ ଦାନ ସ୍ୱରୂପ ୫୬ କୋଟି ୪ ଲକ୍ଷ ☞ପୃଷ୍ଠା–୪



Office of the Engineer-in-Chief,
Water Resources, Odisha, Secha Sadan, Bhubaneswar.

No.WS-WT-PR-2/2020   20090 / WR Date: 22.09.2020

From

Er. Jyotirmaya Rath,
Engineer-in-Chief, Water Resources.

To

The Special Secretary to Govt.,
DoWR, Rajiv Bhawan, Bhubaneswar.

Sub: *One Time Settlement (OTS) of arrear water rate dues of industrial, commercial and other establishments.*

Ref: This Office Lr. No. 18921 dtd. 04.09.2020.

Madam,

In continuation to this office letter under reference, the Industry-wise/ Entity-wise amount of Interest/Principal/Penalty to be foregone in line with the OTS Principle in respect of 55 Industries/Entities is enclosed as Annexure-I along with other calculations pertaining to arrear water rate.

In this context it is to intimate that as M/s Bhusan power and Steel Ltd., Lapanga, Sambalpur and M/s BRG Iron & Steel Ltd., Dhenkanal are covered under the proceeding under IBC (Insolvency and Bankruptcy Code), details of the industries are not incorporated in the proposal for consideration of OTS.

This is for favour of kind information and further course of action.

Encl: As above.

Yours faithfully,
Engineer-in-Chief,
Water Resources.

ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଚିଠି ।


**ADMISSION NOTICE - 2020-21**

**GANGADHAR MEHER UNIVERSITY, AMRUTA VIHAR, SAMBALPUR - 768004**

Invites Applications for Admission into the following Courses

| Course | Duration | Annual Fee | Eligibility |
|---|---|---|---|
| MBA* (Master in Business Administration) | 2 Years | Rs.45,000/- | OJEE/CAT/MAT/XAT/ATMA. Non-OJEE candidates having score card with minimum 50% marks in aggregate at the Degree Level. |
| MBA (Financial Management) | 2 Years | Rs.30,000/- | +3 or equivalent with 45% marks in aggregate at Degree Level (Relaxation of 5% marks is allowed for the Students belonging to ST/SC Categories) |
| M.Sc. ETC (Electronics & Telecommunication) | 2 Years | Rs.35,000/- | +3 Science with Mathematics/Physics/Electronics & Telecommunication/Computer Science/B.Sc. IST/BCA with Mathematics or Equivalent and minimum 45% marks in aggregate at Degree Leve. (Relaxation of 5% marks is allowed for the Studetns belogning to ST/SC Categories) |
| M.A./M.Sc.** Biostatistics | 2 Years | Rs.32,000/- | +3 Science/Arts with Statistics (Hons.)/Mathematics (Hons.)/P.G. on Statistics/Mathematics with minimum 50% marks in aggregate. |
| (PGDLAN)** Post Graduate Diploma in Library Automation and Networking | 1 Year | Rs.12,000/- | Any graduate with 45% marks. (Preference will be given to candidates having B.L.I.S./M.L.I.S./equivalent degree) |

- Candidates can download the application form from the Unviersity website.
- The filled in application form must reach at the university form receiving counter **before 13.10.2020, by Speed Post or by Hand**.
- Candidates must mention the name of the course he/she has applied on the top of the envelope.
- The application fees i.e. Rs.500/- for each course which is to be paid only through Bank Draft drawn in favour of **"Comptroller of Finance, Gangadhar Meher University, Sambalpur", payable at Sambalpur**.
- For details on the course and entrance pattern, check the information brochure available in the website.
- ***Subject to availability of seats after OJEE admission**.
- ****Minimum 60% seats to be filled up in order to run the course.**

**For admission related queries Contact: 9090668373, 9040578593 or mail to eadmission@gmuniversity.ac.in**

**Sd./- Registrar**

ଧରିତ୍ରୀ
DHARITRI
ଗୁରୁବାର, ୧ ଅକ୍ଟୋବର, ୨୦୨୦

**୪ ଦିନରେ ୨୩୦୦ ଆର୍ମେନିଆ ସୈନ୍ୟ ମୃତାହତ**

ଗତ ୪ ଦିନରେ ୨୩୦୦ ଆର୍ମେନିଆ ସୈନ୍ୟ ମୃତାହତ ହୋଇଛନ୍ତି। ଏନେଇ ଆଜରବୈଜାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ନାଗୋର୍ନୋ ଏବଂ କାରାବାଖାରେ ଘଟିଥିବା ସଂଘର୍ଷରେ ଏଭଳି ଘଟିଛି। ଏଥିରେ ୧୩୦ ଟ୍ୟାଙ୍କ, ୨୦୦ ତୋପ, ୨୫ ଏୟାର ଡିଫେନ୍ସ ସିଷ୍ଟମ୍‌, ୬ ଫରୱାର୍ଡ ପୋଷ୍ଟ ନଷ୍ଟ ହୋଇଛି। ସେହିପରି ୫ ଗୋଳାବାରୁଦ ଗୋଦାମ, ୫୦ ପ୍ରତିରକ୍ଷା ଯାନ, ୫୫ ପରିବହନ ଯାନ ନଷ୍ଟ ହୋଇଛି।



# ଯୁକ୍ତିଯୁକ୍ତ ଉପସଂହାର: ଜଷ୍ଟିସ ଯାଦବ

**ନୂଆଦିଲ୍ଲୀ, ୩୦।୯**


ଜଷ୍ଟିସ୍ ସୁରେନ୍ଦ୍ର କୁମାର ଯାଦବ

ବାବ୍ରି ମସ୍‌ଜିଦ୍ ଭଙ୍ଗ ମାମଲାର ରାୟ ପ୍ରକାଶ ପାଇବା ପରେ ଚର୍ଚ୍ଚାର ପରିଧିକୁ ଆସିଛନ୍ତି ସ୍ୱତନ୍ତ୍ର ସିବିଆଇ ଜଜ୍ ସୁରେନ୍ଦ୍ର କୁମାର ଯାଦବ। ଜଷ୍ଟିସ୍ ଯାଦବ ୨୦୧୯ରେ ଅବସର ଗ୍ରହଣ କରିବାର ଥିଲା। ହେଲେ ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ସୁପ୍ରିମକୋର୍ଟ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ତାଙ୍କୁ ୫ବର୍ଷ ତଳେ ସିବିଆଇର ସ୍ୱତନ୍ତ୍ର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ମାମଲାର ରାୟ ପ୍ରକାଶ କରିବା ପରେ ସେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, 'ବାବ୍ରି ମାମଲା ଅନେକ ରାତି ଅନିଦ୍ରା ରଖିଥିଲା। ଖୁସିର କଥା ଯେ, ଏହାର ଯୁକ୍ତିଯୁକ୍ତ ଉପସଂହାର ଆଣିପାରିଛି'।

ଜୈନପୁର ଅଧୀନ ପଖାନପୁର ଗ୍ରାମର ମୂଳ ବାସିନ୍ଦା ସୁରେନ୍ଦ୍ରଙ୍କ ଜନ୍ମ ୧୯୫୯ରେ। ପିଲାଦିନରୁ ପାଠ ପଢ଼ିବାରେ ବିଶେଷ ରୁଚି ରଖୁଥିବା ସୁରେନ୍ଦ୍ର ୩୧ ବର୍ଷ ବୟସରେ ନ୍ୟାୟିକ ସେବା ବ୍ୟବସ୍ଥାରେ ନିଯୁକ୍ତି ପାଇଥିଲେ। ଫୈଜାବାଦ କୋର୍ଟରେ ଅତିରିକ୍ତ ଜିଲା ଦୌରାଜଜ୍ ଭାବେ ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା। ବିଭିନ୍ନ ନ୍ୟାୟାଳୟରେ ଦାୟିତ୍ୱ ନିର୍ବାହ କରିବା ପରେ ତାଙ୍କୁ ଲକ୍ଷ୍ନୌ ଜିଲା ଦୌରାଜଜ୍ ଭାବେ ପଦୋନ୍ନତି ମିଳିଥିଲା। ବାବ୍ରି ମସ୍‌ଜିଦ ଭଙ୍ଗ ଘଟଣାର ରାୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ତାଙ୍କୁ ସ୍ୱତନ୍ତ୍ର ଜଜ୍ ଭାବେ ନିଯୁକ୍ତ କରାଯାଇଥିଲା। ଜିଲା ଜଜ୍ ପଦବୀରୁ ଅବସର ନେବା ସତ୍ତ୍ୱେ ସେ ସ୍ୱତନ୍ତ୍ର ଜଜ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅଯୋଧ୍ୟା ରାମ ଜନ୍ମଭୂମି ଏବଂ ବାବ୍ରି ମସ୍‌ଜିଦ ଭଙ୍ଗ ମାମଲାରେ ନ୍ୟାୟାଧୀଶ ସୁରେନ୍ଦ୍ରଙ୍କ ଯଥେଷ୍ଟ ଅଭିଜ୍ଞତା ରହିଥିଲା। ତେଣୁ ବାବ୍ରି ମସ୍‌ଜିଦ୍ ଧ୍ୱଂସ ମାମଲା ନିଷ୍କର୍ଷ ବାହାରିବା ଯାଏ ଦାୟିତ୍ୱ ତୁଲାଇବାକୁ ତାଙ୍କୁ ସୁପ୍ରିମ୍‌କୋର୍ଟ କହିଥିଲେ। ରାୟ ପ୍ରଦାନ କରିବା ସହ ଜଷ୍ଟିସ୍ ଯାଦବ ଅବସର ନେଇଛନ୍ତି।

## କେମିତି ଭାଙ୍ଗିଥିଲା ବାବ୍ରି ମସ୍‌ଜିଦ



୧୯୯୨ ମସିହା ଡିସେମ୍ବର ୬ରେ ଅଯୋଧ୍ୟାସ୍ଥିତ ବାବ୍ରି ମସ୍‌ଜିଦ ଭଙ୍ଗାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ଓ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଉତ୍ତରପ୍ରଦେଶର ଅଯୋଧ୍ୟାରେ ଥିବା ଷୋଡ଼ଶ ଶତାବ୍ଦୀର ଏହି ମସ୍‌ଜିଦକୁ ଟାର୍ଗେଟ କରାଯାଇଥିଲା। ପ୍ରଥମେ ହିନ୍ଦୁ ନ୍ୟାଶନାଲିଷ୍ଟ ସଙ୍ଗଠନ ପକ୍ଷରୁ ଏନେଇ ଏକ ରାଲି ବାହାରିଥିଲା। ପରେ ଏହା ହିଂସାତ୍ମକ ରୂପ ନେଇଥିଲା। ଅଯୋଧ୍ୟା ମହାପୁରୁଷ ରାମଙ୍କ ଜନ୍ମସ୍ଥାନ ହୋଇଥିବାରୁ ଏଠାରେ ରାମମନ୍ଦିର ନିର୍ମାଣ ଲାଗି ଦାବିକରାଯାଇଥିଲା। ଏଠାରେ ରାମମନ୍ଦିର ନିର୍ମାଣ ଲାଗି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ୧୯୮୦ରେ କ୍ୟାମ୍ପେନ୍ ଆରମ୍ଭ ହୋଇଥିଲା। ଭାଜପା ପକ୍ଷରୁ ଏହାକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରାଯାଇଥିଲା। ଅନେକ ରାଲି ଓ ସଭା କରାଯାଇ ଆନ୍ଦୋଳନକୁ ତୀବ୍ରତର କରାଯାଇଥିଲା। ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ ରାମ ରଥ ଯାତ୍ରା କରାଯାଇଥିଲା। ୧୯୯୨ ଡିସେମ୍ବର ୬ରେ ଭିଏଚ୍‌ପି ଓ ଭାଜପା ପକ୍ଷରୁ ୧.୫୦ ଲକ୍ଷ କାରସେବକଙ୍କୁ ନେଇ ବାବ୍ରି ମସ୍‌ଜିଦ ନିକଟରେ ରାଲି କରାଯାଇଥିଲା। ରାଲି ଭୟଙ୍କର ରୂପ ନେବା ସହ କାରସେବକମାନେ ସୁରକ୍ଷାବଳୟ ଭାଙ୍ଗି ମସ୍‌ଜିଦକୁ କ୍ଷତି ପହଞ୍ଚାଇ ଭାଙ୍ଗିଦେଇଥିଲେ। ଏହାକୁ ନେଇ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଇଥିଲା।

# ଭାରତ ଲୁଚାଉଛି କରୋନା ମୃତ୍ୟୁସଂଖ୍ୟା: ଟ୍ରମ୍ପ୍

**ୱାଶିଂଟନ, ୩୦।୯:** ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଜୋ ବିଡେନ୍‌ଙ୍କ ମଧ୍ୟରେ ପ୍ରଥମ ନିର୍ବାଚନୀ ତର୍କ ଅନୁଷ୍ଠିତ ହୋଇଛି।

**ଟ୍ରମ୍ପ୍-ବିଡେନ୍‌ଙ୍କ ନିର୍ବାଚନୀ ତର୍କ**



ଦେଶର ଆର୍ଥିକ ସ୍ଥିତି, ବର୍ଣ୍ଣବୈଷମ୍ୟବାଦ, କରୋନା ମହାମାରୀ ମୃତ୍ୟୁସଂଖ୍ୟାକୁ ନେଇ ବିଡେନ୍‌ଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ପରସ୍ପର ପରସ୍ପରକୁ ଦୋଷ ଦେଇ ଅଭିଯୋଗମାନ ଆଣିଥିଲେ। ସରଗରମ ଆଲୋଚନାରେ ମହାମାରୀ କରୋନା ନେଇ ଟ୍ରମ୍ପ୍ କହିଛନ୍ତି ଯେ, ଭାରତ ଜାଣିଶୁଣି କରୋନା ମୃତ୍ୟୁ ସଂଖ୍ୟା ଲୁଚାଉଛି। ଚାଇନା, ରୁଷ୍ ଏବଂ ଭାରତ ମୃତ୍ୟୁ ସଂଖ୍ୟାର ଠିକ୍ ରିପୋର୍ଟ ଦେଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। କରୋନା ମହାମାରୀ ସଂକ୍ରମଣ ପାଇଁ ଚାଇନା ଦାୟୀ। ବିଡେନ୍ ଯଦି ରାଷ୍ଟ୍ରପତି ହୋଇଥାନ୍ତେ ତେବେ ଆମେରିକାରେ କରୋନା ମୃତ୍ୟୁସଂଖ୍ୟା ଅଧିକ ହୋଇଥାନ୍ତା ବୋଲି ଟ୍ରମ୍ପ୍ କହିଛନ୍ତି।

# ଫଡ଼ନବିସ୍‌ଙ୍କୁ ବିହାର ନିର୍ବାଚନ ଦାୟିତ୍ୱ

**ନୂଆଦିଲ୍ଲୀ, ୩୦।୯**



ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ଭାଜପା ପକ୍ଷରୁ ବିହାର ନିର୍ବାଚନର ପ୍ରଭାରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ପୂର୍ବରୁ ବିହାର ନିର୍ବାଚନ ନେଇ ସମସ୍ତ ଭର୍ଚୁଆଲ ବୈଠକରେ ସେ ଯୋଗଦେଇଆସୁଥିଲେ। ବିହାର ନିର୍ବାଚନରେ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଥିବାବେଳେ ବିହାରର ପୁଅ ସୁଶାନ୍ତଙ୍କ ପରିବାରକୁ ଭାଜପା ନ୍ୟାୟ ଦେବ ବୋଲି ଫଡ଼ନବିସ୍ କହିଛନ୍ତି। ପ୍ରକାଶଥାଉ କି, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ଲାଗି ୨୮ରୁ ୩ ପର୍ଯ୍ୟାୟରେ ମତଦାନ କରାଯିବ। ନଭେମ୍ବର ୧୦ରେ ଫଳାଫଳ ପ୍ରକାଶ କରାଯିବ।

# ଦୋଷୀଙ୍କୁ କଡ଼ା ଦଣ୍ଡ ଲାଗି ମୋଦିଙ୍କ ନିର୍ଦ୍ଦେଶ


ନରେନ୍ଦ୍ର ମୋଦି   ଯୋଗୀ ଆଦିତ୍ୟନାଥ

- ହାଥରସ୍ ଗଣବଳାତ୍କାର ମାମଲା
- ୭ ଦିନରେ ରିପୋର୍ଟ ଦେବ ଏସ୍‌ଆଇଟି

**ନୂଆଦିଲ୍ଲୀ, ୩୦।୯:** ଉତ୍ତରପ୍ରଦେଶ ହାଥରସ୍ ଚନ୍ଦପାରେ ଘଟିଥିବା ଦଳିତ ମହିଳା ଗଣବଳାତ୍କାର ମାମଲାରେ ଦୋଷୀଙ୍କ ପ୍ରତି କଡ଼ା ଦଣ୍ଡବିଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହିତ ଆଲୋଚନା କରିଛନ୍ତି। ଘଟଣାର ତଦନ୍ତ ପାଇଁ ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଏସ୍‌ଆଇଟି ଗଠନ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏସ୍‌ଆଇଟି ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିବ। ମାମଲାର ଶୀଘ୍ର ଫଇସଲା ଲାଗି ଏହାର ବିଚାର ଫାଷ୍ଟଟ୍ରାକ୍ କୋର୍ଟରେ କରାଯିବ। ଏହି ମାମଲାରେ ପୀଡ଼ିତାଙ୍କ ମୃତଦେହକୁ ପରିବାରର ବିନା ଅନୁମତିରେ ଚନ୍ଦପା ଥାନା ପୋଲିସ ପକ୍ଷରୁ ସଂସ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପରିସ୍ଥିତି ବିଗିଡ଼ିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ମୃତ ମହିଳାଙ୍କ ପରିବାର ସହ ଆଲୋଚନା କରିଛନ୍ତି।

ଗଣବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଭିମ୍ ଆର୍ମି, କଂଗ୍ରେସ ଲକ୍ଷ୍ନୌରେ ବିକ୍ଷୋଭ କରିଥିବାବେଳେ ସିପିଏମ୍, ଏସ୍‌ପି, ବିଏସ୍‌ପି, ଏନ୍‌ସିପି ଆଦି ଦଳ ଉତ୍ତରପ୍ରଦେଶ ସରକାରଙ୍କ ଉପରେ ବର୍ଷିଛନ୍ତି। ଏନ୍‌ସିଡବ୍ଲ୍ୟୁ ପକ୍ଷରୁ ଏଭଳି ଘଟଣାର ଦୃଢ଼ ନିନ୍ଦା କରାଯାଇଛି। ଉତ୍ତରପ୍ରଦେଶ ପୋଲିସକୁ ରିପୋର୍ଟ ମଗାଯାଇଥିବା ଓ ଏଭଳି ଘୃଣ୍ୟ କାର୍ଯ୍ୟରେ ଦୋଷୀଙ୍କୁ କଠୋର ଦଣ୍ଡ ଲାଗି ସିଜେଆଇଙ୍କୁ ଚିଠି ଲେଖିଥିବା ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷ ସ୍ୱାତୀ ମାଲିୱାଲ କହିଛନ୍ତି।

# ଦୀପିକା, ସାରା, ଶ୍ରଦ୍ଧାଙ୍କ କ୍ଲିନ୍‌ଚିଟ୍‌କୁ ଖଣ୍ଡନ

**ବଲିଉଡ୍ ଡ୍ରଗ୍ସ ଲିଙ୍କ୍**

**ମୁମ୍ବାଇ, ୩୦।୯**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ, ସାରା ଅଲ୍ଲୀ ଖାନ, ଶ୍ରଦ୍ଧା କପୁର ଏବଂ କରିଷ୍ମା ପ୍ରକାଶଙ୍କୁ ଏନ୍‌ସିବି କ୍ଲିନ୍‌ଚିଟ୍ ଦେଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ହେଲେ ଏହାକୁ ଖଣ୍ଡନ କରିଛି ଏନ୍‌ସିବି। ସଂସ୍ଥାର ଡେପୁଟି ଡାଇରେକ୍ଟର କେ.ପି.ଏସ୍. ମଲହୋତ୍ରା କହିଛନ୍ତି, ଏଯାଏ କାହାରିକୁ କ୍ଲିନ୍‌ଚିଟ୍ ଦିଆଯାଇନାହିଁ। ଏନ୍‌ସିବି ଅଧିକାରୀ ପୃଥକ୍ ରୁମ୍‌ରେ ଦୀପିକା ଏବଂ କରିଷ୍ମାଙ୍କୁ ସମାନ ପ୍ରଶ୍ନ ପଚାରିଥିଲେ। ଉଭୟେ କୋଡ୍ ୱାର୍ଡକୁ ସମାନ ଭାବେ ପ୍ରକାଶ କରିଥିଲେ। ତେବେ ୨୦୧୭ ହ୍ୱାଟ୍‌ସ ଆପ୍ ଚାଟ୍ କୋଡ୍‌ୱାର୍ଡକୁ ନେଇ ସନ୍ଦେହ ଉପୁଜିଥିଲା।

# ବାବ୍ରି ମସ୍‌ଜିଦ ଭଙ୍ଗ ମାମଲାର ଘଟଣାକ୍ରମ

**୧୫୨୮:** ମୋଗଲ ସମ୍ରାଟ ବାବରଙ୍କ କମାଣ୍ଡର ମିର ବାକି ବାବ୍ରୀ ମସ୍‌ଜିଦ ନିର୍ମାଣ କରିଥିଲେ।

**୧୮୮୫:** ମହନ୍ତ ରଘୁବୀର ଦାସ ଫୈଜାବାଦ ଜିଲା କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ବିବାଦୀୟ ଢାଞ୍ଚା ବାହାରେ ଏକ ଛତ୍ରୀ ନିର୍ମାଣ ପାଇଁ ଅନୁମତି ଦେବାକୁ ସେ ଏଥିରେ ଅନୁରୋଧ କରିଥିଲେ। କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

**୧୯୪୯:** ବିବାଦୀୟ ଢାଞ୍ଚା ବାହାରେ କେନ୍ଦ୍ରୀୟ ଗମ୍ବୁଜ ତଳେ ରାମ ଲାଲାଙ୍କ ପୂଜା ଆରମ୍ଭ କରାଗଲା।

**୧୯୫୦:** ରାମ ଲାଲାଙ୍କ ମୂର୍ତ୍ତି ପୂଜା ପାଇଁ ଅଧିକାର ଦାବିକରି ଫୈଜାବାଦ ଜିଲା କୋର୍ଟରେ ଗୋପାଳ ସିମ୍‌ଲା ବିଶାରଦ ଏକ ସୁଟ୍ ଫାଇଲ୍ କରିଥିଲେ।

➥ପରମହଂସ ରାମଚନ୍ଦ୍ର ଦାସ ମଧ୍ୟ ଏକ ସୁଟ୍ ଫାଇଲ କରିଥିଲେ। ଏଥିରେ ସେ ମୂର୍ତ୍ତି ରଖିବା ଓ ପୂଜା କରିବା ପାଇଁ ଆବେଦନ କରିଥିଲେ।

**୧୯୫୯:** ବିବାଦୀୟ ଭୂମିର ଦଖଲ ପାଇଁ ନିର୍ମୋହୀ ଆଖଡ଼ା ପକ୍ଷରୁ ଏକ ସୁଟ୍ ଫାଇଲ କରାଯାଇଥିଲା।

**୧୯୮୧:** ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ଭୂମି ଦଖଲ ଲାଗି ପିଟିଶନ ଦାଏର କରିଥିଲା।

**୧୯୮୬ ଫେବୃୟାରୀ ୧:** ହିନ୍ଦୁ ପୂଜକମାନଙ୍କ ପାଇଁ ଉକ୍ତ ସ୍ଥାନ ଖୋଲିବା ଲାଗି ସ୍ଥାନୀୟ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୧୯୮୯ ଅଗଷ୍ଟ ୧୪:** ବିବାଦୀୟ ଢାଞ୍ଚାକୁ ନେଇ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**୧୯୯୨ ଡିସେମ୍ବର ୬:** ବାବ୍ରୀ ମସ୍‌ଜିଦ ଭଙ୍ଗାଗଲା।

**୧୯୯୩ ଏପ୍ରିଲ ୩:** ବିବାଦୀୟ ଅଞ୍ଚଳରେ ଭୂମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାର 'ଅଯୋଧ୍ୟାରେ ନିର୍ଦ୍ଦିଷ୍ଟ ଅଞ୍ଚଳ ଅଧିଗ୍ରହଣ ଆଇନ' ଆଣିଲେ।

➥ଏହି ଆଇନକୁ ଚ୍ୟାଲେଞ୍ଜ କରି ଇସ୍‌ମାଇଲ୍ ଫାରୁକୀଙ୍କ ସମେତ ଅନେକ ପକ୍ଷ ଆଲ୍ଲାହାବାଦ ହାଇକୋର୍ଟରେ ଏକାଧିକ ରିଟ୍ ପିଟିଶନ ଦାଏର କରିଥିଲେ।

➥ହାଇକୋର୍ଟରେ ବିଚାରାଧୀନ ସମସ୍ତ ରିଟ୍ ପିଟିଶନକୁ ଅନୁଚ୍ଛେଦ ୧୩୯ଏ ଅନୁସାରେ ସୁପ୍ରିମକୋର୍ଟ ସ୍ଥାନାନ୍ତର କରି ନିଜ ପାଖକୁ ନେଲେ।

**୧୯୯୪ ଅକ୍ଟୋବର ୨୪:** ମସ୍‌ଜିଦ ଇସ୍‌ଲାମର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଇସ୍‌ମାଇଲ୍ ଫାରୁକି ମାମଲାରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ।

**୨୦୦୨ ଏପ୍ରିଲ:** ବିବାଦୀୟ ସ୍ଥାନର ମାଲିକାନା ନିର୍ଦ୍ଧାରଣକୁ ନେଇ ହାଇକୋର୍ଟରେ ଶୁଣାଣି ଆରମ୍ଭ ହେଲା।

**୨୦୦୩ ମାର୍ଚ୍ଚ ୧୩:** ଅଧିଗୃହୀତ ଜମିରେ କୌଣସି ଧାର୍ମିକ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ଅସ୍‌ଲମ ଓରଫ୍ ଭୁରେ ମାମଲାରେ ସୁପ୍ରିମକୋର୍ଟ ବାରଣ କଲେ।

**୨୦୧୦ ସେପ୍ଟେମ୍ବର ୩୦:** ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମ ଲାଲାଙ୍କ ମଧ୍ୟରେ ସମାନ ତିନିଭାଗରେ ବଣ୍ଟନ ପାଇଁ ଆଲ୍ଲାହାବାଦ ହାଇକୋର୍ଟ ୨:୧ ସଂଖ୍ୟାଗରିଷ୍ଠତାରେ ରାୟ ଦେଲେ।

**୨୦୧୧ ମେ ୯:** ଅଯୋଧ୍ୟା ଜମି ବିବାଦ ନେଇ ହାଇକୋର୍ଟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କଲେ।

**୨୦୧୭ ମାର୍ଚ୍ଚ ୨୧:** କୋର୍ଟ ବାହାରେ ବୁଝାମଣା ଜରିଆରେ ସମାଧାନ ପାଇଁ ସିଜେଆଇ ଜେ.ଏସ୍. ଖେହର ପ୍ରସ୍ତାବ ଦେଲେ।

**ଅଗଷ୍ଟ ୭:** ଆଲ୍ଲାହାବାଦ ହାଇକୋର୍ଟଙ୍କ ୨୦୧୦ ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ୩ ଜଣିଆ ଖଣ୍ଡପୀଠ ଗଠନ କଲେ।

**୨୦୧୮ ଫେବୃୟାରୀ ୮:** ଦେୱାନୀ ଅପିଲଗୁଡ଼ିକର ଶୁଣାଣି ଆରମ୍ଭ କଲେ ସୁପ୍ରିମକୋର୍ଟ।

**ଜୁଲାଇ ୨୦:** ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଲେ।

**ସେପ୍ଟେମ୍ବର ୨୭:** ଏକ ୫ ଜଣିଆ ସାମ୍ବିଧାନିକ ପୀଠରେ ମାମଲାର ଶୁଣାଣିକୁ ପ୍ରତ୍ୟାଖ୍ୟାନ କଲେ। ଏହାସହ ଅକ୍ଟୋବର ୨୯ରେ ଗଠନ ହେବାକୁ ଥିବା ତିନିଜଣିଆ ଖଣ୍ଡପୀଠରେ ଏହାର ବିଚାର କରାଯିବ ବୋଲି ସ୍ଥିର କଲେ।

**ଅକ୍ଟୋବର ୨୯:** ଜାନୁୟାରୀ ପ୍ରଥମ ସପ୍ତାହରେ ଉପଯୁକ୍ତ ଖଣ୍ଡପୀଠରେ ମାମଲାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଧାର୍ଯ୍ୟ କଲେ।

**ଡିସେମ୍ବର ୨୪:** ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀ ୪ରେ ପିଟିଶନଗୁଡ଼ିକର ଶୁଣାଣି କରାଯିବ ବୋଲି ସ୍ଥିର କଲେ।

**୨୦୧୯ ଜାନୁୟାରୀ ୪:** ସୁପ୍ରିମକୋର୍ଟରେ ଗଠନ କରାଯାଇଥିବା ଏକ ଉପଯୁକ୍ତ ଖଣ୍ଡପୀଠରେ ଜାନୁୟାରୀ ୧୦ରେ ଜମି ବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ତାରିଖ ସ୍ଥିର ପାଇଁ ରାୟ ଶୁଣାଇବାକୁ ଧାର୍ଯ୍ୟ କରାଗଲା।

**ଜାନୁୟାରୀ ୮:** ସୁପ୍ରିମକୋର୍ଟ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କଲେ। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଏନ୍.ଭି. ରମନ୍ନା, ୟୁ.ୟୁ. ଲଳିତ ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ଉକ୍ତ ପୀଠରେ ରହିଲେ।

**ଜାନୁୟାରୀ ୧୦:** ଜଷ୍ଟିସ୍ ଲଳିତ ଉକ୍ତ ଶୁଣାଣିରୁ ଓହରିଯିବା ପରେ ନୂଆ ପୀଠରେ ଜାନୁୟାରୀ ୨୯ ତାରିଖରେ ବିଚାର ପାଇଁ ସ୍ଥିର କରାଗଲା।

**ଜାନୁୟାରୀ ୨୫:** ସିଜେଆଇ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ପାଞ୍ଚଜଣିଆ ସାମ୍ବିଧାନିକ ପୀଠ ଗଠନ କରାଗଲା।

**ଜାନୁୟାରୀ ୨୯:** ବିବାଦୀୟ ସ୍ଥଳ ଚତୁଃପାର୍ଶ୍ୱରେ ଥିବା ୬୭ ଏକର ଅଧିଗୃହୀତ ଜମିକୁ ମୂଳ ମାଲିକମାନଙ୍କୁ ଫେରସ୍ତ କରିବା ଲାଗି ଅନୁମତି ପ୍ରଦାନ ସକାଶେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ର ସରକାର।

**ଫେବୃୟାରୀ ୨୬:** ସୁପ୍ରିମକୋର୍ଟ ମଧ୍ୟସ୍ଥତା ପାଇଁ ପରାମର୍ଶ ଦେଲେ। ଏହାସହ କୋର୍ଟ-ନିଯୁକ୍ତ ମଧ୍ୟସ୍ଥଙ୍କ ଜରିଆରେ ସମାଧାନ ପାଇଁ ମାର୍ଚ୍ଚ ୫ରେ ନିଷ୍ପତ୍ତି ନେବାକୁ ଧାର୍ଯ୍ୟ କଲେ।

**ମାର୍ଚ୍ଚ ୮:** ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍. ଏମ୍. କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟି ଜରିଆରେ ଜମି ବିବାଦର ସମାଧାନ ପାଇଁ ସ୍ଥିର କରାଗଲା।

**ଏପ୍ରିଲ ୯:** ବିବାଦୀୟ ସ୍ଥଳର ଚାରିପଟେ ଅଧିଗୃହୀତ ଜମିକୁ ମୂଳ ମାଲିକଙ୍କୁ ଫେରାଇବା ପାଇଁ କେନ୍ଦ୍ରର ପ୍ରସ୍ତାବକୁ ନିର୍ମୋହୀ ଆଖଡ଼ା ବିରୋଧ କଲା।

**ମେ ୯:** ତିନି ସଦସ୍ୟ ବିଶିଷ୍ଟ ମଧ୍ୟସ୍ଥ କମିଟି ସୁପ୍ରିମକୋର୍ଟରେ ଅନ୍ତରୀଣ ରିପୋର୍ଟ ଦାଖଲ କଲା।

**ମେ ୧୦:** ମଧ୍ୟସ୍ଥତା ପ୍ରକ୍ରିୟା ଅଗଷ୍ଟ ୧୫ ମଧ୍ୟରେ ଶେଷ କରିବା ପାଇଁ ସୁପ୍ରିମକୋର୍ଟ ସମୟ ସୀମା ବଢ଼ାଇଲେ।

**ମେ ୧୧:** ମଧ୍ୟସ୍ଥତାର ଅଗ୍ରଗତି ନେଇ ରିପୋର୍ଟ ମାଗିଲେ ସର୍ବୋଚ୍ଚ ଅଦାଲତ।

**ଜୁଲାଇ ୧୮:** ମଧ୍ୟସ୍ଥତା ପ୍ରକ୍ରିୟା ଜାରି ରଖିବା ପାଇଁ ଅନୁମତି ପ୍ରଦାନ ସହ ଅଗଷ୍ଟ ୧ ସୁଦ୍ଧା ରିପୋର୍ଟ ଦେବାକୁ କହିଲେ।

**ଅଗଷ୍ଟ ୧:** ବନ୍ଦ ଲଫାପାରେ ସୁପ୍ରିମକୋର୍ଟରେ ମଧ୍ୟସ୍ଥତା ରିପୋର୍ଟ ଦାଖଲ।

**ଅଗଷ୍ଟ ୨:** ମଧ୍ୟସ୍ଥତା ବିଫଳ ହେବା ପରେ ଅଗଷ୍ଟ ୬ରୁ ଦୈନନ୍ଦିନ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସ୍ଥିର କଲେ।

**ଅଗଷ୍ଟ ୬:** ଜମି ବିବାଦ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ।

**ଅକ୍ଟୋବର ୪:** ଅକ୍ଟୋବର ୧୭ରେ ଶୁଣାଣି ଶେଷକରି ନଭେମ୍ବର ୧୭ ସୁଦ୍ଧା ରାୟ ଦେବାକୁ ଅଦାଲତ ଧାର୍ଯ୍ୟ କଲେ।

➥ଉତ୍ତର ପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ଅଧ୍ୟକ୍ଷଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ।

**ଅକ୍ଟୋବର ୧୬:** ସୁପ୍ରିମକୋର୍ଟ ସାମ୍ବିଧାନିକ ପୀଠ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ।

**୨୦୧୯ ନଭେମ୍ବର:** ଅଯୋଧ୍ୟାର ସମସ୍ତ ବିବାଦୀୟ ଜମି ରାମ ଲାଲାଙ୍କୁ ପ୍ରଦାନ କଲେ ସୁପ୍ରିମକୋର୍ଟ।

**୨୦୨୦ ଅଗଷ୍ଟ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟାରେ ଭୂମି ପୂଜାକରିବା ସହ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା।

**୨୦୨୦ ସେପ୍ଟେମ୍ବର ୩୦:** ସ୍ୱତନ୍ତ୍ର ବିଚାରପତି ଏସ୍.କେ. ଯାଦବ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ରାୟ ଶୁଣାଇ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କଲେ।

# ସୁସ୍ଥ ରଖେ ଶାକାହାର

**ଶାସ୍ତ୍ରରେ ନିରାମିଷ ଖାଦ୍ୟକୁ ଦେବତାଙ୍କ ଭୋଜନ ବୋଲି କୁହାଯାଇଛି। ତାମସିକ ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବାକୁ ପ୍ରାଚୀନ କାଳରେ ମୁନିଋଷିମାନେ ଏଭଳି ଭୋଜନକୁ ଅଗ୍ରାଧିକାର ଦେଉଥିଲେ। ଶାକାହାର ଜୀବେଦୟାର ବାର୍ତ୍ତା ଦେଉଥିବାବେଳେ ଏହା ଭିତରେ ଲୁଚି ରହିଛି ସୁସ୍ଥ ଜୀବନର ରହସ୍ୟ। ନିରାମିଷ ଭୋଜନ ଏବଂ ନିରାମିଷାଶୀଙ୍କୁ ପ୍ରୋତ୍ସାହିତ କରିବାକୁ ପ୍ରତିବର୍ଷ ଅକ୍ଟୋବର ୧କୁ ୱାର୍ଲ୍ଡ ଭେଜିଟାରିଆନ ଡେ' ଭାବେ ପାଳନ କରାଯାଉଛି।**

**ଆଜି ୱାର୍ଲ୍ଡ ଭେଜିଟେରିଆନ୍ ଡେ'**




ସମସ୍ତ ପ୍ରକାର ପ୍ରାଣିଜ ଖାଦ୍ୟ ଆମିଷ ଭାବେ ପରିଗଣିତ ହେଉଥିଲେ ମଧ୍ୟ ମାଛ, ମାଂସ, ସାମୁଦ୍ରିକ ଖାଦ୍ୟ ଏହି ତାଲିକାରେ ଆଗରେ ରହିଛି। ଦୁଗ୍ଧ ଏବଂ ଦୁଗ୍ଧଜାତୀୟ ପଦାର୍ଥ, ମହୁ ଭଳି ଖାଦ୍ୟ ପ୍ରାଣିଜ ହୋଇଥିଲେ ହେଁ ଏହାକୁ ନିରାମିଷ ଖାଦ୍ୟ ତାଲିକାଭୁକ୍ତ କରାଯାଇଛି। ସାଧାରଣ ଭାବେ କହିଲେ, ପ୍ରାଣୀଙ୍କୁ ହତ୍ୟା ନ କରି ସଂଗୃହୀତ ଖାଦ୍ୟକୁ ନିରାମିଷ ବୋଲି ବିବେଚନା କରାଯାଏ।

ଭାରତ ଭଳି ଆଧ୍ୟାତ୍ମିକବାଦୀ ଦେଶରେ ଅଧିକାଂଶ ଲୋକ ନିରାମିଷାଶୀ ବୋଲି ଯେଉଁ ଧାରଣା ରହିଛି, ତାହା ଶତପ୍ରତିଶତ ଠିକ୍ ନୁହେଁ। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶର ମାତ୍ର ତୃତୀୟାଂଶ ହିଁ ନିରାମିଷ ଭୋଜନକୁ ପ୍ରାଥମିକତା ଦେଇଥାନ୍ତି। ଦେଶର ମୋଟ ଜନସଂଖ୍ୟାର ହାରାହାରି ୩୧% ଶାକାହାରୀ। ସବୁଠାରୁ ବଡ଼ କଥା, ହିନ୍ଦୁ ସମ୍ପ୍ରଦାୟର ୮୦% ଲୋକ ଆମିଷ ଭୋଜନ କରିଥାନ୍ତି। ଦେଶରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଆମିଷପ୍ରିୟ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେହିପରି ଆମେରିକାର ୪% ପୁରୁଷ, ୭% ମହିଳା, ୟୁରୋପର ମୋଟ ଜନସଂଖ୍ୟାର ୧୦% ନିରାମିଷାଶୀ ତାଲିକାଭୁକ୍ତ। ଏହି କ୍ରମରେ ପୃଥିବୀର ୩୭୫ ମିଲିୟନ ଜନତା ଶାକାହାରକୁ ପସନ୍ଦ କରିଥାନ୍ତି।

ବୈଦିକ ଯୁଗରେ ବଳିପ୍ରଥାକୁ ବିରୋଧ କରାଯାଉଥିଲା। ଜୀବେଦୟା ନୀତିରେ ସାମାଜିକ ନୀତି ନିର୍ଦ୍ଧାରଣ କରାଯାଉଥିଲା। ମହାନ୍ ଦାର୍ଶନିକ ପାଇଥାଗୋରସ, ସେନେକା, ପୋର୍ଫିରିଓ, ପ୍ଲୁଟାର୍କଙ୍କ ସମେତ ଅନେକ ଗ୍ରୀକ୍ ଏବଂ ରୋମାନ୍ ଦାର୍ଶନିକ ଦେବତାଙ୍କୁ ସନ୍ତୁଷ୍ଟ କରିବାକୁ ଦିଆଯାଉଥିବା ବଳିପ୍ରଥାକୁ ବିରୋଧ କରୁଥିଲେ। ଜୀବିତ ପ୍ରାଣୀଙ୍କୁ ସମ୍ମାନ ଦେବାକୁ ହେଲେ ମାଂସାହାରକୁ ଖାଦ୍ୟ ତାଲିକାରୁ ବାଦ୍‌ଦେବା ଉଚିତ ବୋଲି ସେମାନେ ଦାବି କରୁଥିଲେ। ପ୍ରଖ୍ୟାତ ଚିତ୍ରକର ଲିଓନାର୍ଡୋ ଦା ଭିନ୍ସି, ଡିସ୍‌କାର୍ଟେସ୍ ମଧ୍ୟ ଶାକାହାରୀ ଥିଲେ। ଉଭୟେ ଜୀବହତ୍ୟାର ଯନ୍ତ୍ରଣାମୟ ଘଟଣାବଳୀକୁ ବିଭିନ୍ନ ମାଧ୍ୟମରେ ଦର୍ଶାଇ ଜନସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। ଊନବିଂଶ ଶତାବ୍ଦୀ ଯାଏ ବିଶ୍ୱାସ କରାଯାଉଥିଲା ଆମିଷ ବିନା ଆହାର ସ୍ୱାସ୍ଥ୍ୟପ୍ରଦ। ୧୮୪୭ରେ ଗ୍ରେଟ୍ ବ୍ରିଟେନରେ ଭେଜିଟେରିଆନ ସୋସାଇଟି ପ୍ରତିଷ୍ଠା କରାଯାଇଥିଲା। ୧୮୫୦ରେ ଯୁକ୍ତରାଷ୍ଟ୍ର ଆମେରିକାରେ ନିରାମିଷ ଭୋଜନକୁ ନେଇ ସାଂସ୍କୃତିକ ଆନ୍ଦୋଳନ ଜନ୍ମ ନେଇଥିଲା। ୧୮୪୫ରେ ଫ୍ରାନ୍ସ ମଧ୍ୟ ଏହି ଧାରାରେ ସାମିଲ ହୋଇଥିଲା। ଏହାର ବହୁ ପୂର୍ବରୁ ଇଂଲଣ୍ଡ, ହଲାଣ୍ଡରେ ନିରାମିଷ ଖାଦ୍ୟର ପ୍ରଚାର ପ୍ରସାର ଲାଗି ଉଦ୍ୟମ ଜାରି ରହିଥିଲା। ଭାରତୀୟ ସମାଜରେ ବସବାସ କରୁଥିବା ହିନ୍ଦୁ, ବୌଦ୍ଧ, ଜୈନ ଧର୍ମାବଲମ୍ବୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ପୁନର୍ଜନ୍ମ ଏବଂ ଅହିଂସା ନୀତିକୁ ବିଶ୍ୱାସ କରନ୍ତି। ତେଣୁ ଦୈନନ୍ଦିନ ଜୀବନରେ ସେମାନେ ଶାକାହାରକୁ ପ୍ରାଥମିକତା ଦେଇଥାନ୍ତି।

ମାଂସାହାର ଭୋଜନକୁ ଅଗ୍ରାଧିକାର ଦେବା ପଛରେ ଅନେକ କାରଣ ରହିଛି। ଜନସଂଖ୍ୟା ବୃଦ୍ଧି ଏବଂ କମୁଥିବା କୃଷି ଉତ୍ପାଦନକୁ ପୂରଣ କରିବାକୁ ମାଛ, ମାଂସ, ଅଣ୍ଡାକୁ ଏବେ ବିକଳ୍ପ ଭାବେ ଗ୍ରହଣ କରାଯାଉଛି। ସ୍ୱାବଲମ୍ବୀ ହେବା ଲାଗି ପ୍ରାଣୀପାଳନକୁ ଗୁରୁତ୍ୱ ଦିଆଯାଉଛି। ସର୍ବୋପରି ବଦଳୁଥିବା ପରିବେଶ, ପ୍ରାଣୀଙ୍କ ପ୍ରତି ସହାନୁଭୂତିର ଅଭାବ, ଜୀବନଧାରଣ ଶୈଳୀ ହିଁ ଶାକାହାରୀଙ୍କୁ ଆମିଷାଶୀରେ ପରିଣତ କରିଛି। ହେଲେ ଉଦ୍ଭିଦ ଜାତୀୟ ଖାଦ୍ୟ ଅପେକ୍ଷା ମାଂସ ଉତ୍ପାଦନ ଏକ ଜଟିଳ ପ୍ରକ୍ରିୟା। ୱାର୍ଲ୍ଡ ୱାଇଲ୍ଡ ଫଣ୍ଡ୍ ଫର୍ ନେଚର ଇଣ୍ଡିଆ (ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ଏକ ଅଧ୍ୟୟନ ଅନୁଯାୟୀ, ଏକ କେଜି ଗୋମାଂସ ଉତ୍ପାଦନ ପାଇଁ ୧୫,୫୦୦ ଲିଟର ପାଣି ଉପଯୋଗ ହୋଇଥାଏ। ପୃଥିବୀର ୭୦% ଜଳ ପ୍ରାଣୀଧନ ଏବଂ ସେମାନଙ୍କ ଲାଗି ଚାରା ଉତ୍ପାଦନରେ ଉପଯୋଗ କରାଯାଉଛି।

## କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ



"ପ୍ରାଣୀମାନେ ମୋ ବନ୍ଧୁ, ମୁଁ ମୋ ବନ୍ଧୁମାନଙ୍କୁ ଖାଇପାରିବି ନାହିଁ
-ଜର୍ଜ ବର୍ନାଡ୍ ଶ'


- ଶାକାହାରୀମାନେ ଆମିଷାଶୀଙ୍କଠାରୁ ତୁଳନାତ୍ମକ ଭାବେ ଅଧିକ ସୁସ୍ଥ।
- ନିରାମିଷାଶୀ ଅଧିକ ଉଦାର ପ୍ରବୃତ୍ତିର।
- ଅଧିକ ଆମିଷ ସେବନ କ୍ୟାନ୍‌ସରର କାରଣ।
- ଆମିଷ ଭୋଜନ ହୃଦ୍‌ରୋଗକୁ ଡାକିଆଣେ।
- ମାଂସରେ ଥିବା ମାତ୍ରାଧିକ ପ୍ରୋଟିନ କିଡ୍‌ନୀକୁ କ୍ଷତି ପହଞ୍ଚାଇଥାଏ।

# ରାୟ ପ୍ରକାଶ ପରେ ପ୍ରତିକ୍ରିୟା



"ସ୍ୱତନ୍ତ୍ର ସିବିଆଇ ଅଦାଲତଙ୍କ ରାୟ ପ୍ରମାଣ କରି ଦେଇଛି ଯେ, ବାବ୍ରି ମସ୍‌ଜିଦ୍ ଘଟଣାରେ କୌଣସି ଷଡ଼ଯନ୍ତ୍ର ହୋଇ ନ ଥିଲା। ଏହା ଏକ ଐତିହାସିକ ରାୟ। ୧୯୯୨ ଡିସେମ୍ବରରେ ଯେଉଁ କାର୍ଯ୍ୟକ୍ରମ ଓ ଧାରଣା ହୋଇଥିଲା ସେଥିରେ କୌଣସି ଷଡ଼ଯନ୍ତ୍ର ହୋଇ ନ ଥିଲା। ଏବେ ଆମେ ଖୁସି। ସମସ୍ତଙ୍କ ମଧ୍ୟରେ ଏବେ ରାମମନ୍ଦିର ନିର୍ମାଣକୁ ନେଇ ଉତ୍କଣ୍ଠା ଲାଗି ରହିବ।

**– ମୁରଲୀ ମନୋହର ଜୋଷୀ, ବରିଷ୍ଠ ଭାଜପା ନେତା**



"ବାବ୍ରି ମସ୍‌ଜିଦ୍ ଭଙ୍ଗ ମାମଲାରେ ସିବିଆଇ କୋର୍ଟଙ୍କ ରାୟ ସ୍ୱାଗତ ଯୋଗ୍ୟ। ସତ୍ୟର ବିଜୟ ହୋଇଛି। ଏହି ରାୟ ପ୍ରମାଣିତ କରିଦେଇଛି ଯେ, ବାବ୍ରି ମସ୍‌ଜିଦ ଭଙ୍ଗ ଘଟଣାରେ ବହୁ ହିନ୍ଦୁ ନେତା ଏବଂ ସନ୍ଥଙ୍କୁ ମିଥ୍ୟାରେ ଫସାଇ ଦିଆଯାଇଥିଲା।

**– ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ବାବ୍ରି ମସ୍‌ଜିଦ୍ ଭଙ୍ଗ ମାମଲାରେ କୋର୍ଟ ୩୨ ଅଭିଯୁକ୍ତଙ୍କୁ ଖଲାସ କରିବା ନେଇ ଦେଇଥିବା ରାୟ ବିରୋଧରେ ଅପିଲ୍ ପାଇଁ ଆଇନ ବିଭାଗ ସହ ଆଲୋଚନା କରାଯିବ। ରାୟର ନକଲ ପାଇବା ପରେ ଏହାକୁ ସିବିଆଇ ମୁଖ୍ୟାଳୟକୁ ପଠାଯିବ।

**– ଲଳିତ୍ ସିଂ, ସିବିଆଇ ଓକିଲ**




"ସିବିଆଇ କୋର୍ଟ ୩୨ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯିବ। ଆଉ ଏଥିରେ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ୍ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଏକ ପକ୍ଷ ହୋଇପାରେ। ଯେତେବେଳେ ବାବ୍ରି ମସ୍‌ଜିଦ୍ ଭଙ୍ଗାଗଲା, ସେତେବେଳେ ମିଷ୍ଟାନ୍ନ ବଣ୍ଟନ ସହ ଉତ୍ସବ ପାଳନ କରାଯାଇଥିଲା। ମାତ୍ର କୋର୍ଟ କହିଛନ୍ତି ଯେ, କୌଣସି ପ୍ରକାର ଷଡ଼ଯନ୍ତ୍ର ହୋଇ ନାହିଁ।

**– ଜାଫରୟାବ ଜିଲାନୀ, ଏଆଇଏମ୍‌ପିଏଲ୍‌ବି ସଦସ୍ୟ**



"ବାବ୍ରି ମସ୍‌ଜିଦ୍ ଭଙ୍ଗ ମାମଲାରେ ସିବିଆଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେନ୍ଦ୍ର ସରକାରଙ୍କ ଏକ ବନ୍ଦୀ ଶୁଆ ଭଳି କାର୍ଯ୍ୟ କରିଛି। ସିବିଆଇ ନିଶ୍ଚିତ ଭାବେ ନିରପେକ୍ଷତା ଅବଲମ୍ବନ କରିବା ଉଚିତ ଥିଲା। ସେହିପରି କୌଣସି ଧାର୍ମିକସ୍ଥଳ ଭାଙ୍ଗିବା ବେଆଇନ କାର୍ଯ୍ୟ।

**– ଏମ୍.କେ. ଷ୍ଟାଲିନ, ଡିଏମ୍‌କେ ଅଧ୍ୟକ୍ଷ**



"ଏହା ଅଦାଲତଙ୍କ ଏକ ରାୟ ଅଟେ। ତେଣୁ ଆମେ ଏହାକୁ ବିରୋଧ କି ଗ୍ରହଣ କରୁଛୁ ତାହା କହିପାରିବୁ ନାହିଁ। ଦୀର୍ଘ ୨୮ବର୍ଷ ପରେ ମାମଲାର ରାୟ ପ୍ରକାଶ ପାଇଥିବାରୁ କେତେକ ଲୋକ ଏହାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ତେଣୁ ଯେଉଁମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ସେମାନେ ଉପର କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଠିକ୍ ନ୍ୟାୟ ପାଇବେ ବୋଲି ଆମେ ଆଶା କରୁଛୁ।

**– ସୌଗତ ରୟ, ଟିଏମ୍‌ସି ମୁଖପାତ୍ର**



"ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ଏକ ଆପରାଧିକ ଘଟଣା ବୋଲି ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ। ହେଲେ ସିବିଆଇ କୋର୍ଟ ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ଦେଶ ପାଇଁ କଳା ଦିବସ।

**– ମାଧବ ଗଡବୋଲେ, ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ**

ଧରିତ୍ରୀ
DHARITRI
ଗୁରୁବାର, ୧ ଅକ୍ଟୋବର, ୨୦୨୦

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୩୯,୭୮,୬୧୪ | ୧୦,୧୪,୮୮୬ | ୨,୫୨,୩୭,୯୩୮ |
| ଭାରତ | ୬୨,୬୯,୦୪୨ | ୯୭,୯୪୩ | ୫୨,୨୫,୭୬୬ |
| ଓଡ଼ିଶା | ୨,୧୯,୧୧୯ | ୮୪୨(+୫୩) | ୧,୮୫,୭୦୦ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ବ୍ରହ୍ମୋସ୍‌ର ସଫଳ ପରୀକ୍ଷଣ



**ବାଲେଶ୍ୱର ଅଫିସ,୩୦।୯:** ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ସୁପରସୋନିକ୍ କ୍ରୁଜ୍ ମିଶାଇଲ୍ 'ବ୍ରହ୍ମୋସ୍'ର ବୁଧବାର ପୂର୍ବାହ୍ନରେ ସଫଳ ପରୀକ୍ଷଣ ହୋଇଛି। ଭାରତ ଏବଂ ରୁଷିଆର ମିଳିତ ଜ୍ଞାନ କୌଶଳରେ ନିର୍ମିତ ଏହି ମିଶାଇଲକୁ ୩ ନମ୍ବର ଲଞ୍ଚ ପ୍ୟାଡ୍‌ରୁ ପରୀକ୍ଷଣ କରାଯାଇଥିଲା। ଏଥିନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ମିଶାଇଲ୍‌ର ପରୀକ୍ଷଣ ପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ଚୂଡ଼ାନ୍ତ କରାଯାଇଥିଲା। ଯେକୌଣସି ପରିସ୍ଥିତିରେ ସ୍ଥଳଭାଗରୁ ଯୁଦ୍ଧ ଜାହାଜ ଓ ଲଞ୍ଚପ୍ୟାଡରୁ ଉତ୍‌କ୍ଷେପଣ କରାଯାଇପାରିବ। ଶବ୍ଦର ବେଗ ଠାରୁ ୩ ଗୁଣ ଅଧିକ ବେଗରେ ଗତି କରିପାରୁଥିବା ବ୍ରହ୍ମୋସ୍' ମିଶାଇଲ୍‌ରେ ଦୁଇଟି ଷ୍ଟେପ୍ ବିଶିଷ୍ଟ ଇଞ୍ଜିନ ବ୍ୟବହାର କରାଯାଇଛି। ୩ହଜାର କିଲୋଗ୍ରାମର ଉଭୟ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କ୍ଷମତା ରଖିଥିବା ଏହି କ୍ଷେପଣାସ୍ତ୍ର ୪୫୦ରୁ ୬୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଘଣ୍ଟା ପ୍ରତି ୩,୪୦୦ରୁ ୩,୭୦୦ କିମି ଗତି କରିପାରୁଥିବା ଏହି ମିଶାଇଲ୍‌କୁ ୨୦୦୬ରୁ ପ୍ରତିରକ୍ଷା ବିଭାଗରେ ସାମିଲ କରାଯାଇଛି।

### ଏଚ୍‌୧-ବି ଭିଜା ଦେୟ ବୃଦ୍ଧିକୁ ସ୍ଥଗିତ ରଖିଲେ ୟୁଏସ୍ କୋର୍ଟ

**ନୂଆଦିଲ୍ଲୀ,୩୦।୯:** ଏଚ୍-୧ ବି ଭିଜା ସମେତ ଅନ୍ୟ ବର୍ଗରେ ଭିଜା ଦେୟ ବୃଦ୍ଧି କରିବା ଲାଗି ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଥିଲା। ଏହି ନିଷ୍ପତ୍ତି ଚଳିତ ବର୍ଷ ଅକ୍ଟୋବର ୨ର ଲାଗୁ କରିବାର ଯୋଜନା ରହିଥିଲା। ଏହି ପ୍ରସ୍ତାବକୁ ଆମେରିକାର ଡିଷ୍ଟ୍ରିକ୍ଟ କୋର୍ଟ ଜଜ୍ ଜେଫ୍ରେ ହ୍ୱାଇଟ୍ ବୁଧବାର ସ୍ଥଗିତ କରିଛନ୍ତି। ସୂଚନା ମୁତାବକ ଏଚ୍-୧ ବି ଭିଜା ଦେୟ ୨୧% ବୃଦ୍ଧି କରିବାକୁ ଆମେରିକା ସରକାର ଯୋଜନା ରଖିଛନ୍ତି। ସେହିଭଳି ଏଲ୍‌୧ ଭିଜା ଦେୟରେ ୭୫%, ଏଚ୍-୪ ଭିଜାରେ ଦେୟ ୩୪% ବୃଦ୍ଧି ହେବ ବୋଲି ପୂର୍ବରୁ ଘୋଷଣା ହୋଇସାରିଛି। ଆମେରିକା ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ୮ ସାମାଜିକ ଅନୁଷ୍ଠାନ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବେଆଇନ ଭାବେ ଭିଜା ଦେୟ ବଢାଯାଇଥିବା ଆବେଦନକାରୀ ଅଭିଯୋଗରେ କହିଛନ୍ତି। ସେହିଭଳି ନାଗରିକତା ଆବେଦନ ଫି ଏବଂ ଶରଣାର୍ଥୀଙ୍କ ଲାଗି ହୋଇଥିବା ଫି ବୃଦ୍ଧି ପ୍ରସ୍ତାବକୁ ମଧ୍ୟ ଆବେଦନରେ ନିନ୍ଦା କରାଯାଇଛି। ସାରା ଆମେରିକା ଲାଗି କୋର୍ଟଙ୍କ ଏହି ସ୍ଥଗିତ ନିଷ୍ପତ୍ତି କାର୍ଯ୍ୟକାରି ହେବ। ସେହିଭଳି ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନ ଆସିବା ଯାଏ ପୂର୍ବରୁ ଯେଉଁ ଫି ଲାଗୁ ହେଉଥିବା ସେଭଳି ବ୍ୟବସ୍ଥା ରହିବ ବୋଲି ବୋଲି ଜଣାପଡିଛି।

# ସେପ୍ଟେମ୍ବରରେ ଲକ୍ଷେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ୩୪୦ ମୃତ

**ଆଉ ୩,୪୪୩ ପଜିଟିଭ୍, ୧୪ ମୃତ**

- ରାଜ୍ୟରେ ୨,୧୯,୧୧୯ରେ ପହଞ୍ଚିଲା ସଂକ୍ରମଣ
- କରୋନାଜନିତ ମୃତ୍ୟୁ ସଂଖ୍ୟା ୮୪୨ ଛୁଇଁଲା

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ପୂର୍ବ ଅପେକ୍ଷା ସେପ୍ଟେମ୍ବରରେ କୋଭିଡ୍-୧୯ ଭୂତାଣୁ ଅଧିକ ସକ୍ରିୟ ରହିଛି। ବର୍ତ୍ତମାନ ରାଜ୍ୟରେ ସଂକ୍ରମଣ ୨,୧୯,୧୧୯ରେ ପହଞ୍ଚିଥିବାବେଳେ ଅଧାରୁ ଅଧିକ କେବଳ ଏହି ମାସରେ ଆକ୍ରାନ୍ତ ହୋଇଛନ୍ତି। ପୂର୍ବରୁ ଜୁନ୍ ଓ ଜୁଲାଇକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି କୁହାଯାଉଥିଲା। କିନ୍ତୁ ଏହାପରେ ଅଗଷ୍ଟରେ ମଧ୍ୟ ସଂକ୍ରମଣ ପୂର୍ବଠାରୁ ଢେର୍ ବଢ଼ିଯାଇଥିଲାବେଳେ ସେପ୍ଟେମ୍ବରରେ ତାହା ବହୁଗୁଣିତ ହୋଇଛି। ଗୋଟିଏ ମାସରେ ୧ଲକ୍ଷ ପାର୍ କରିଥିବାରୁ ରାଜ୍ୟରେ କରୋନା ସ୍ଥିତି ଜଟିଳ ଆଡକୁ ଗତି କରୁଥିବା ଜଣାପଡୁଛି।

ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଧୀରେ ଧୀରେ ସଂକ୍ରମଣ ଏପରି ବଢ଼ି ଚାଲିଲା ଯେ ତାକୁ କାବୁ କରିବା କଷ୍ଟକର ହୋଇପଡ଼ିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ପ୍ରଥମ ସାଢ଼େ ୪ ମାସରେ ଅର୍ଥାତ୍ ଜୁଲାଇ ଶେଷ ସୁଦ୍ଧା ରାଜ୍ୟରେ କରୋନା ପଜିଟିଭ୍ ସଂଖ୍ୟା ମାତ୍ର ୩୧,୮୭୭ରେ ଥିଲା। କିନ୍ତୁ ଅଗଷ୍ଟ ମାସରେ ୭୧,୬୫୯ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧,୦୩,୫୩୬ରେ ପହଞ୍ଚିଥିଲା। ଏବେ କେବଳ ସେପ୍ଟେମ୍ବରରେ ୧,୧୫,୫୮୩ ପଜିଟିଭ୍ ଚିହ୍ନଟ ହେଲେଣି। କେବଳ ପଜିଟିଭ୍ ସଂଖ୍ୟା ନୁହେଁ, ରାଜ୍ୟରେ ଗତ ଦୁଇମାସ ହେବ କରୋନାଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଜୁଲାଇ ଶେଷ ସୁଦ୍ଧା କରୋନା ମୃତ୍ୟୁ ୧୭୭ ଥିବାବେଳେ କେବଳ ଅଗଷ୍ଟରେ ୩୧୫ଜଣଙ୍କ ମୃତ୍ୟୁ ହେବାପରେ ଏହି ସଂଖ୍ୟା ୪୯୨କୁ ବୃଦ୍ଧି ପାଇଥିଲା। ଏବେ ସେପ୍ଟେମ୍ବରରେ ଆଉ ୩୫୦ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇସାରିଲାଣି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୪୨ରେ ପହଞ୍ଚିଛି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ୩,୪୪୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୬୦୧ଜଣ ରହିଥିବାବେଳେ କଟକ ୩୫୯, ବାଲେଶ୍ୱର ୧୫୨, ମୟୂରଭଞ୍ଜ ୧୪୧, ପୁରୀ ୧୩୨, ସମ୍ବଲପୁର ୧୩୧, ଯାଜପୁର ୧୩୦, ବଲାଙ୍ଗୀର ୧୧୪, ବରଗଡ଼ ୧୧୧, କନ୍ଧମାଳ ୧୦୩, କେନ୍ଦ୍ରାପଡ଼ା ୧୦୧ ଓ ଅନୁଗୋଳରୁ ୧୦୦ଜଣ ରହିଛନ୍ତି। ସେପଟେ ରାଜ୍ୟରେ ଆଉ ୧୪ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ନୟାଗଡ଼ ଓ ଖୋର୍ଦ୍ଧାରୁ ୩ଜଣ ଲେଖାଏ ମରିଥିବାବେଳେ ପୁରୀରୁ ୨, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, କଳାହାଣ୍ଡି ଓ କନ୍ଧମାଳରୁ ଜଣେ ଲେଖାଏ ରହିଛନ୍ତି। ଅପରପକ୍ଷରେ ରାଜ୍ୟରେ ଆଉ ୪,୨୧୯ ରୋଗୀ କରୋନାରୁ ମୁକ୍ତ ହୋଇଛନ୍ତି। ଏମାନଙ୍କୁ ମିଶାଇ ଆରୋଗ୍ୟ ସଂଖ୍ୟା ୧,୮୫,୭୦୦କୁ ବୃଦ୍ଧି ପାଇଛି।

## ଓଡ଼ିଶାକୁ ଡବ୍ଲ୍ୟୁଏଚ୍‌ଓର ପ୍ରଶଂସା

**କୋଭିଡ୍ ପରିଚାଳନା**

ଭୁବନେଶ୍ୱର,୩୦।୯(ବ୍ୟୁରୋ)

କୋଭିଡ୍ ପରିଚାଳନାରେ ଭଲ ପ୍ରଦର୍ଶନ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଓଡ଼ିଶାକୁ ପ୍ରଶଂସା କରିଛି। ଡବ୍ଲ୍ୟୁଏଚ୍‌ଓ କହିଛି, ଓଡ଼ିଶା ଠିକ୍ ଭାବେ କୋଭିଡ୍ ମୁକାବିଲା କରିପାରିଛି। ଠିକ୍ ପରିଚାଳନା ଯୋଗୁ ରାଜ୍ୟରେ ମୃତ୍ୟୁ ହାର କମ୍ ଓ ସୁସ୍ଥ ହାର ଅଧିକ ରହିଛି। କରୋନା ମୁକାବିଲାରେ ଗ୍ରାମ ପଞ୍ଚାୟତକୁ ସାମିଲ କରାଯାଇ ପରିଚାଳନାକୁ ବିକେନ୍ଦ୍ରୀକରଣ କରାଯାଇପାରିଛି। ଉଚ୍ଚ ସ୍ତରର ଟେଷ୍ଟିଂ କୌଶଳ ସହ ପ୍ରଭାବଶାଳୀ ଢଙ୍ଗରେ ରୋଗୀଙ୍କ ଯତ୍ନ ନିଆଯାଇପାରିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରି ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେଇପାରିଛି। କୋଭିଡ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଆଗମନକୁ ଠିକ୍ ଭାବେ ପରିଚାଳନା କରିଛି ଓଡ଼ିଶା। ସବୁଠାରୁ ବଡ଼ କଥା ହେଉଛି, ଏ କ୍ଷେତ୍ରରେ ମିଶନ ଶକ୍ତିକୁ ସାମିଲ କରାଯାଇପାରିଛି। ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇ ସାମାଜିକ ଦୂରତା, ସଚେତନତା, ଚିକିତ୍ସା କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନିଆଯିବା ସହ ଏସବୁର ଠିକ୍ ଭାବେ ମଧ୍ୟ ତଦାରଖ ହୋଇପାରିଛି। ଓଡ଼ିଶାର ଟେଷ୍ଟିଂ ଷ୍ଟ୍ରାଟେଜିକୁ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରଶଂସା କରିଛି। ତେବେ ଡବ୍ଲ୍ୟୁଏଚ୍‌ଓର ଏପରି ପ୍ରଶଂସା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ମଧ୍ୟ ଟୁଇଟ୍ କରି ସୂଚନା ଦେଇଛନ୍ତି।

## ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଖଣି ଖନନ ମନା

- କେନ୍ଦ୍ରର କୋଇଲା ଖଣି ନିଲାମ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା ଝାଡ଼ଖଣ୍ଡ

ନୂଆଦିଲ୍ଲୀ, ୩୦।୯

ଇକୋ ସେନ୍‌ସିଟିଭ୍ ଜୋନ୍‌ରେ କୌଣସି ଖଣିକୁ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଖନନ କରିପାରିବେ ନାହିଁ। ଏନେଇ କୌଣସି ଅଧିକାର ସେମାନଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର କମର୍ସିଆଲ ମାଇନିଂ ଲାଗି ଝାଡ଼ଖଣ୍ଡରେ ଥିବା କୋଇଲା ଖଣି ନିଲାମ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ଏହାକୁ ବିରୋଧ କରି ଝାଡ଼ଖଣ୍ଡ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କେନ୍ଦ୍ର ସରକାର ରାଜ୍ୟରେ ଥିବା କୋଇଲା ଖଣି ନିଲାମ କରିପାରିବେ, ହେଲେ ଯଦି ଉକ୍ତ ଅଞ୍ଚଳ ଇକୋ ସେନ୍‌ସିଟିଭ୍ ହୋଇଥିବ ତେବେ ଖଣି ଖନନ କରାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି ଯେ, ସପ୍ତାହକ ମଧ୍ୟରେ ଉକ୍ତ ଅଞ୍ଚଳ ଇକୋ ସେନ୍‌ସିଟିଭ୍ କି ନାହିଁ ସତ୍ୟପାଠରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗବେଷଣା କ୍ଷେତ୍ରରେ ଉତ୍ସାହ ସୃଷ୍ଟି କରିବ ନୂଆ ଶିକ୍ଷାନୀତି : ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ନୂଆ ଶିକ୍ଷାନୀତି ଦେଶରେ ବିଶ୍ୱସ୍ତରୀୟ ଶିକ୍ଷା ତିଆରି କରିବ। ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବା ସହ ଶିକ୍ଷାର ସ୍ୱାଧୀନତା ଓ ସ୍ୱାୟତ୍ତତା ବଢ଼ିବ। ଏହା ଗବେଷଣା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବ। ତେବେ ଶିକ୍ଷାବିତ୍, ଶିକ୍ଷାନୁଷ୍ଠାନ ଏବଂ ସରକାର ମିଳିତ ଭାବେ ଗବେଷଣା ଆଧାରିତ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ଓ ଥିଙ୍କ୍ ଇଣ୍ଡିଆ ପକ୍ଷରୁ ବୁଧବାର ଆୟୋଜିତ 'ମୋ ନୂତନ ଶିକ୍ଷାନୀତି (MYNEP)-ଓଡ଼ିଶା ଆମ୍ବାସାଡର ସମ୍ବାଦ' କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଥିଲେ। ଏକବିଂଶ ଶତାବ୍ଦୀରେ ନୂତନ ଶିକ୍ଷାନୀତିର ଆବଶ୍ୟକତା ଓ ଭୂମିକା ଉପରେ ଆଲୋଚନା କରି ସେ କହିଲେ, ଦୀର୍ଘ ତିନି ଦଶନ୍ଧି ପରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ନୂଆ ଶିକ୍ଷାନୀତିରେ ତ୍ରିଭାଷା ଯଥା ଇଂଲିଶ, ହିନ୍ଦୀ ଓ ଆଞ୍ଚଳିକ ଭାଷା ବା ମାତୃଭାଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହା ଛାତ୍ରୀଛାତ୍ରଙ୍କ ପ୍ରତିଭା ଓ ଆଗ୍ରହକୁ ବିକଶିତ କରିବା ସହ ସେମାନଙ୍କ ଆକାଂକ୍ଷାକୁ ପୂରଣ କରିବ। ଶିକ୍ଷା ସମାଜରେ ନୂଆ ଆତ୍ମବିଶ୍ୱାସ ତିଆରି କରିବା ପାଇଁ ଏବଂ ଜ୍ଞାନ ସମାଜକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ। ଆମ ଶିକ୍ଷା ବ୍ୟବସ୍ଥା ରୋଜଗାର ସହ ଯୋଡ଼ି ହୋଇଛି। ଏହାକୁ ଆଧାର କରି ନୂଆ ଜାତୀୟ ଶିକ୍ଷାନୀତିରେ ଛାତ୍ରୀଛାତ୍ରଙ୍କ ଉଭୟ ଦକ୍ଷତା ଓ ଚାକିରିକୁ ଗୁରୁତ୍ୱ ଦିଆଯାଇଛି। ଏହା ରୋଜଗାର, ସ୍ୱରୋଜଗାର ବଢ଼ଇବା ପାଇଁ ସାହାଯ୍ୟ କରିବା ସହ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପଛୁଆ ଛାତ୍ରୀଛାତ୍ରଙ୍କ ପାଇଁ ଚାକିରି ସୃଷ୍ଟି କରିବ। ଏହାଦ୍ୱାରା ଛାତ୍ରୀଛାତ୍ର ନିଜେ ଆତ୍ମନିର୍ଭର ହେବେ ଓ ଦେଶ ମଧ୍ୟ ଆତ୍ମନିର୍ଭର ହେବ। ଓଡ଼ିଶାର ମୂଳ ପୁଞ୍ଜି ହେଲା ଶିକ୍ଷା। ରାଜ୍ୟରେ ଅନେକ ବୁଦ୍ଧିମାନ ଲୋକ ଅଛନ୍ତି। ଏହି ନୂତନ ଶିକ୍ଷାନୀତି ଦ୍ୱାରା ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ବୌଦ୍ଧିକ କ୍ଷମତାର ବିକାଶ କରିବାରେ ସହାୟକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ମାଇଁଏନ୍‌ଇପିରେ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକୃତ କରିଥିବା ଓଡ଼ିଶାର ୪୦ ହଜାରରୁ ଅଧିକ ଆମ୍ବାସାଡରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଭିଡିଓ କନ୍‌ଫରେନ୍ସିଂରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

SIKSHA 'O' ANUSANDHAN
DEEMED TO BE UNIVERSITY
BHUBANESWAR, ODISHA, INDIA

APPROVAL & RECOGNITIONS
Approved by UGC & AICTE
Re-accredited by NAAC with 'A' Grade
Accredited by NBA
International Accreditation by ABET, USA

MHRD India Ranking (NIRF) 2020
20th Best in University Category
34th Best in Engineering Category
23rd Best in Medical Category
12th Best in Dental Category

Admission to B.Tech. Programmes through JEE-MAIN

B.Tech. Programmes Offered
- Civil Engineering
- Computer Science & Engineering
- Computer Science and Information Technology
- Electronics & Communication Engineering
- Electrical & Electronics Engineering
- Electrical Engineering
- Mechanical Engineering

2019-20 Placement Highlights
- Number of companies visted - 104
- Highest Salary Offered - 31 Lakh
- Day one offer - 1164
- Companies offering more than 10 LPA - 17

Scholarship up to 55,000/-

Major Recruiters
Amazon
Capegemini Digital
Cognizant
Deloitte
DXC Technology
IBM
Infosys
Informatica
ITC Infotech
Microsoft
Mu-Sigma
Robert Bosch
Reliance
TCS
Wipro

Apply online at : www.soa.ac.in

## ଜିଏସ୍‌ଟି ଫାଇଲିଂ ଅବଧି ମାସେ ବୃଦ୍ଧି

**ନୂଆଦିଲ୍ଲୀ,୩୦।୯:** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ର ବାର୍ଷିକ ରିଟର୍ନ ଏବଂ ଅଡିଟ ରିପୋର୍ଟ ଫାଇଲିଂ କରିବା ଅବଧିକୁ ସରକାର ଗୋଟିଏ ମାସ ବଢାଇଛନ୍ତି। ପୂର୍ବରୁ ଏହି ଅବଧି ସେପ୍ଟେମ୍ବର ଶେଷ ଯାଏ ରହିଥିବା ବେଳେ ଏହାକୁ ବର୍ତ୍ତମାନ ଅକ୍ଟୋବର ୩୧ ଯାଏ ବୃଦ୍ଧି କରାଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ଥିବାରୁ ନିର୍ବାଚନ ଆୟୁକ୍ତଙ୍କ ଅନୁମତି ପରେ ସରକାର ୨୦୧୮-୧୯ ଲାଗି ଜିଏସ୍‌ଟି-ଆର୍‌୯ ଏବଂ ଜିଏସ୍‌ଟି ଆର୍‌୯ସି ଫାଇଲିଂ କରିବା ସୀମାକୁ ବଢାଇଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଚଳିତ ବର୍ଷ ମେ ମାସରେ ସରକାର ଜିଏସ୍‌ଟି ଫାଇଲିଂ ସୀମାକୁ ସେପ୍ଟେମ୍ବର ଶେଷ ଯାଏ ବଢାଇଥିଲେ। ଜିଏସ୍‌ଟି ବ୍ୟବସ୍ଥାରେ ପଞ୍ଜୀକୃତ ହୋଇଥିବା ଟିକସଦାତା ବାର୍ଷିକ ରିଟର୍ନ ପଇଠ କରିବା ଲାଗି ଜିଏସ୍‌ଟିଆର୍-୯ ଫର୍ମ ବ୍ୟବହାର କରୁଛନ୍ତି।

## ୪ରେ ହେବ ୟୁପିଏସ୍‌ସି ପରୀକ୍ଷା

- ସ୍ଥଗିତ ଆବେଦନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ, ୩୦।୯:** ୟୁପିଏସ୍‌ସି ସିଭିଲ ସର୍ଭିସେସ୍ ପ୍ରିଲିମିନାରି ପରୀକ୍ଷା ସ୍ଥଗିତ କରାଯିବ ନାହିଁ। ପୂର୍ବ ନିର୍ଦ୍ଧାରିତ ସମୟ ଅର୍ଥାତ୍ ଅକ୍ଟୋବର ୪ରେ ଏହା ଅନୁଷ୍ଠିତ ହେବ ବୋଲି ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରୀକ୍ଷାର୍ଥୀଙ୍କୁ ସହଯୋଗ କରିବା ଲାଗି ୟୁପିଏସ୍‌ସି ରାଜ୍ୟଗୁଡ଼ିକୁ କହିବାକୁ ସର୍ବୋଚ୍ଚ କୋର୍ଟ କହିଛନ୍ତି। ମହାମାରୀ କରୋନା ଓ ବନ୍ୟା ଯୋଗୁ ଏବେ ପରୀକ୍ଷା ସ୍ଥଗିତ ରଖିବା ଲାଗି ୨୦ ସିଭିଲ ସର୍ଭିସ ଆଶାୟୀ ଗୋଷ୍ଠୀ ପକ୍ଷରୁ ପିଟିଶନ ଦାଖଲ କରାଯାଇଥିଲା। କରୋନା ଯୋଗୁ ଗୋଟିଏ କେନ୍ଦ୍ରରେ ୧୦୦ରୁ ଅଧିକ ପ୍ରାର୍ଥୀଙ୍କୁ ଅନୁମତି ନ ଦେବା ଓ ସରକାରଙ୍କ ନୀତି ନିୟମ ମାନିବା ଲାଗି ସୁପ୍ରିମକୋର୍ଟ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପଜିଟିଭ୍ ଥିବା ପ୍ରାର୍ଥୀଙ୍କୁ ପରୀକ୍ଷା ଲାଗି ଅନୁମତି ମିଳିବନି। ଥଣ୍ଡା ଓ କଫ ଥିବା ପ୍ରାର୍ଥୀଙ୍କ ଲାଗି ଅଲଗା ବସିବା ବ୍ୟବସ୍ଥା କରିବା ଲାଗି କୋର୍ଟ କହିଛନ୍ତି। ପ୍ରକାଶଥାଉ କି, ୟୁପିଏସ୍‌ସି ସିଭିଲ ସର୍ଭିସ ପରୀକ୍ଷା-୨୦୨୧ ଲାଗି କାର୍ଯ୍ୟସୂଚୀ ଜାରି ହୋଇସାରିଛି। ଏନେଇ ସରକାରୀ ନୋଟିସ ଫେବ୍ରୁୟାରୀରେ ଜାରିକରାଯିବା ସହ ଜୁନ୍ ୨୭ରେ ପରୀକ୍ଷା କରାଯିବ।

DSPL - 64

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଓଡ଼ିଶା ସରକାର



ବାର୍ତ୍ତା

ଆମ ଦେଶରେ ଅକ୍ଟୋବର ୧ ତାରିଖକୁ **ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ** ଭାବରେ ପାଳନ କରାଯାଉଛି ।

ଏହି ଅବସରରେ ସମସ୍ତ ରକ୍ତଦାତା ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ଏ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନମାନଙ୍କୁ ସାଧୁବାଦ ଜଣାଉଛି ।

ରକ୍ତଦାନ ହିଁ ଜୀବନ ଦାନ। ରକ୍ତଦାନ ଦ୍ୱାରା ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରୁଛି । ସବୁବେଳେ ରକ୍ତର ଆବଶ୍ୟକତା ରହିବାରୁ ଏଥିପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ ବ୍ୟାପକ ହେବା ଆବଶ୍ୟକ । କରୋନା ମହାମାରୀ ସଙ୍କଟ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ ସହ କରୋନାରୁ ଆରୋଗ୍ୟଲାଭ କରିଥିବା ବ୍ୟକ୍ତି ଆରୋଗ୍ୟ ହେବାର ୨୮ ଦିନ ପରେ ପ୍ଲାଜ୍‌ମା ଦାନ କରି ଗୁରୁତର କରୋନା ରୋଗୀଙ୍କୁ ବଞ୍ଚାଇ ପାରିବେ । ବିଭିନ୍ନ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ଲୋକଙ୍କ ଜୀବନ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଏବଂ ପ୍ଲାଜ୍‌ମା ଦାତାମାନଙ୍କୁ ମୋର ଅଶେଷ ଧନ୍ୟବାଦ ।

ଆସନ୍ତୁ, ଏହି ଦିବସ ପାଳନ ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତ ଏବଂ ପ୍ଲାଜ୍‌ମା ଦାନ କରି ବହୁମୂଲ୍ୟ ମାନବ ଜୀବନ ବଞ୍ଚାଇବା ପାଇଁ ଆଜି ସମସ୍ତେ ପୁନଃ ସଂକଳ୍ପବଦ୍ଧ ହେବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-10003/13/0017/2021

DSPL - 64

ନବକିଶୋର ଦାସ
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା



ବାର୍ତ୍ତା

ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହେଉଥିବା **'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ'** ଅବସରରେ ରାଜ୍ୟର ସମସ୍ତ ରକ୍ତଦାତା ଓ ଏହି ମହତ୍ କାର୍ଯ୍ୟରେ ସାମିଲ୍ ହୋଇ କାର୍ଯ୍ୟକ୍ରମକୁ ସଫଳ କରାଉଥିବା ଅନୁଷ୍ଠାନମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ରକ୍ତଦାନ ଏକ ମହତ୍ ଓ ପୂଣ୍ୟ କାମ । ଆମ ରାଜ୍ୟରେ ଆବଶ୍ୟକ ପଡୁଥିବା ତିନି-ଚତୁର୍ଥାଂଶରୁ ଅଧିକ ରକ୍ତ ସ୍ୱେଚ୍ଛାସେବୀମାନଙ୍କଠାରୁ ସଂଗ୍ରହ କରାଯାଇଥାଏ । ୧୮ ରୁ ୬୫ ବର୍ଷର ଯେ କୌଣସି ସୁସ୍ଥ ବ୍ୟକ୍ତି ରକ୍ତଦାନ କରିପାରିବେ । ରକ୍ତଦାନ କଲେ ଶରୀର ସୁସ୍ଥ ରହିଥାଏ ଓ ଜରୁରୀ ପରିସ୍ଥିତିରେ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କର ମୂଲ୍ୟବାନ ଜୀବନ ରକ୍ଷା ହୋଇଥାଏ । ତେଣୁ ମୁଁ କରୋନା ମହାମାରୀ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ମାଧ୍ୟମରେ ରୋଗୀମାନଙ୍କର ଦୁର୍ଲ୍ଲଭ ଜୀବନ ବଞ୍ଚାଇବାରେ ନିୟୋଜିତ ରକ୍ତଦାନ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ପ୍ଲାଜ୍‌ମା ଦାନ ଦ୍ୱାରା ଗୁରୁତର କରୋନା ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିବା ସମସ୍ତ କରୋନା ଯୋଦ୍ଧାଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ଆଜି ଆମେ ସମସ୍ତେ ଶପଥ ନେବା ଯେ, ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଦରକାର କରୁଥିବା ବହୁମୂଲ୍ୟ ଜୀବନ ବଞ୍ଚାଇ ଏହି ମହତ୍ କାର୍ଯ୍ୟରେ ସାମିଲ୍ ହେବା ।

ନବ କିଶୋର ଦାସ
(ନବ କିଶୋର ଦାସ)

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଦୟାଶଙ୍କର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଶିଳ୍ପସଂସ୍ଥାକୁ ଜଳକର ...

ଟଙ୍କା ଜଳକର ଛାଡ କରିଥିଲେ। ଏବେ ଏକକାଳୀନ ସମାଧାନ ତାଲିକାରେ ପୁଣି ଇଡ୍‌କୋକୁ ୧୦ କୋଟି ଟଙ୍କାର ଛାଡ କରିବାକୁ ପ୍ରସ୍ତାବ ରହିଛି। ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ମାଧ୍ୟମରେ ବହୁ କ୍ୟୁସେକ୍ ପାଣି ବିଭିନ୍ନ ଶିଳ୍ପସଂସ୍ଥାକୁ ବିକ୍ରି କରାଯାଉଛି। ସେଥିମଧ୍ୟରୁ ବ୍ରାହ୍ମଣୀ ନଦୀ ପାଣିରେ ରାଜ୍ୟ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋ) କଳିଙ୍ଗନଗରରେ ଗତ ୨୧ ବର୍ଷ ହେଲା ବ୍ୟବସାୟ ଚଳାଇ ଆସୁଛି। ଇଡ୍‌କୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ପାଣି ନେଉଥିବା କଳିଙ୍ଗନଗରର ଶିଳ୍ପସଂସ୍ଥାଗୁଡ଼ିକଠାରୁ ମାସିକ ଜଳକର ଆଦାୟ କରୁଛି। କିନ୍ତୁ କେଉଁ ପରିସ୍ଥିତିରେ ସରକାରଙ୍କୁ ଜଳକର ଦେବାରେ ଇଡ୍‌କୋ ଏବଂ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପଛଘୁଞ୍ଚା ଦେଉଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏକକାଳୀନ ସମାଧାନ ତାଲିକା ଅନୁସାରେ, ଇଡ୍‌କୋ କଳିଙ୍ଗନଗର ୨୪.୨୩୩ କୋଟି ଟଙ୍କା ଜଳକର ବାକି ରଖିଥିବା ବେଳେ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିଃ ୧୦୩.୭୦୯ କୋଟି, ଯୋଡା ଟାଟା ଷ୍ଟିଲ ୧୫୯.୭୫୮ କୋଟି, ଟାଟା ବିଏସ୍ଏଲ୍ ଲିଃ ୫୬.୩୭୭ କୋଟି, ଜିଆବାହାଲ ଶ୍ରୀମହାବୀର ଫେରୋ ଆଲଏଜ ୬୨.୫୧୮ କୋଟି, ରାଠି ଷ୍ଟିଲ ଆଣ୍ଡ ପାୱାର ୭୮.୧୮୪ କୋଟି ଓ ଓଡ଼ିଶା ପାୱାର କନ୍‌ସୋର୍ଟିୟମ୍ ଲିଃ ୨୭୭.୧୯୬ କୋଟି ଟଙ୍କା ବାକି ରଖିଛନ୍ତି। ସେହିଭଳି ଆରତୀ ଷ୍ଟିଲ ଲିଃ ୮୦.୯୧୫ କୋଟି, ବଲାରପୁର ଇଣ୍ଡଷ୍ଟ୍ରିଜ ୪୪୪.୧୬୯ କୋଟି, ଓରିଏଣ୍ଟ ପେପର ମିଲ୍ ଲିଃ ୨୧୬.୧୨୦ କୋଟି, ବେଲପାହାଡ଼ ଟାଟା ରିଫ୍ରାକ୍ଟୋରିଜ ଲିଃ ୬୫.୦୩୦ କୋଟି, ଆଧୁନିକ ମେଟାଲିକ୍ସ ୫୬.୬୩୧ କୋଟି, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ ୮୪.୭୭୭ କୋଟି ଟଙ୍କା, ଏସ୍ଆର୍ ଷ୍ଟିଲ ଲିଃ ୮.୩୫୩ କୋଟି ଟଙ୍କା ଜଳକର ବାବଦକୁ ବାକି ରଖିଛନ୍ତି। ଏହାବାଦ କେବଳ ଯାଜପୁର ଜିଲାର ଟୈଲଙ୍ଗୀ କ୍ରୋମାଇଟ ମାଇନ୍ସ ୦.୭୨୦ କୋଟି, ସାରୁଆବିଲ କ୍ରୋମାଇଟ ମାଇନ୍ସ ୦.୫୦୫ କୋଟି, ରାମ୍‌କି ଆନଭାରମେଣ୍ଟ ଇଞ୍ଜିନିୟର ଲିଃ ୦.୫୩୧ କୋଟି ଟଙ୍କା, ନୀଳାଚଳ ଇସ୍ପାତ ନିଗମ ଲିଃ ୧୦.୬୨୩ କୋଟି ଟଙ୍କା, ରୋହିତ ଫେରୋଟେକ୍ ୦.୩୧୧ କୋଟି ଟଙ୍କା ଜଳକର ବାକି ରଖିଛନ୍ତି। ସମୁଦାୟ ୫୫ଟି ଖିଲାପକାରୀ ସଂସ୍ଥା ମଧ୍ୟରୁ ୧୫ ସଂସ୍ଥାର ୨୬୬୫.୮୮୭ କୋଟି ଜଳ କର ବାବଦକୁ ବିଭିନ୍ନ କୋର୍ଟରେ ବାକିଥିବା ମାମଲା ବିଚାରାଧୀନ ରହିଛି। ବାକି ୪୦ ସଂସ୍ଥାର ୬୯୯.୮୬୪ କୋଟି ଟଙ୍କା ବାବଦକୁ କୌଣସି ମାମଲା ନାହିଁ।

ଅନ୍ୟପକ୍ଷେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଆଦି ନଦୀ ଜଳ ଉପରେ ନିର୍ଭର କରି ଚାଷବାସ କରୁଥିବା ଚାଷୀ ଆବଶ୍ୟକ ପାଣି ଅଭାବରୁ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। କିନ୍ତୁ କମ୍ପାନୀ ପ୍ରୀତି ଏତେ ଜୋର ଧରିଛି ଯେ, ରାଜ୍ୟର ମାଟି, ପାଣି, ପବନ, ଜଙ୍ଗଲ ଓ ଖଣିଜ ସମ୍ପଦକୁ ଲୁଟ୍ କରୁଥିବା କମ୍ପାନୀଠାରୁ ଜଳକର ବାବଦକୁ ରାଜସ୍ୱ ଆଦାୟ କରିବା ପରିବର୍ତ୍ତେ ଛାଡ଼ କରାଯାଉ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜାରକା ଜଳ ସମ୍ପଦ ବିଭାଗ ଜଳକର ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବଳବନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଜଳକର ଛାଡ ବାବଦକୁ ଏଯାଏ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ବିଭାଗୀୟ ଚିଠି ଆସିଲା ପରେ କିଛି କହିହେବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ସବୁ ଅଭିଯୁକ୍ତ ...


ତତ୍‌କାଳୀନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମୁରଲୀ ମନୋହର ଜୋଷୀ ଓ ଉମା ଭାରତୀ, ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ସଭାପତି ନୃତ୍ୟ ଗୋପାଳ ଦାସ ଓ ଶିବସେନା ନେତା ସତୀଶ ପ୍ରଧାନ କୋର୍ଟରେ ବ୍ୟକ୍ତିଗତ ଉପସ୍ଥିତିରୁ ଅବ୍ୟାହତି ଚାହିଁଥିଲେ। କଲ୍ୟାଣ ସିଂ ଓ ଉମା ଭାରତୀ କୋଭିଡ୍-୧୯ ପୀଡ଼ିତ ଥିବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନୃତ୍ୟ ଗୋପାଳ ଗତ ମାସ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

ସ୍ୱତନ୍ତ୍ର ବିଚାରପତି ଅପରାହ୍ନ ୧୨ଟା ୧୦ ମିନିଟ୍‌ରେ ତାଙ୍କ ଆସନରେ ବସି ମାତ୍ର ୫ ମିନିଟ୍ ମଧ୍ୟରେ ରାୟର କାର୍ଯ୍ୟକାରୀ ଅଂଶକୁ ପଢ଼ିଥିଲେ। ଯେତେବେଳେ ଦୋଷୀ ନୁହନ୍ତି ବୋଲି କେତେ ଜଣ ଅଭିଯୁକ୍ତ ଜାଣିବାକୁ ପାଇଲେ ସେତେବେଳେ ସେମାନେ କୋର୍ଟ ପରିସରରେ 'ଜୟ ଶ୍ରୀରାମ' ଧ୍ୱନି ଦେଇଥିଲେ। ରାମ ମନ୍ଦିର ଆନ୍ଦୋଳନର ଅନ୍ୟତମ ପ୍ରମୁଖ ବ୍ୟକ୍ତି ଆଡଭାନୀ ମଧ୍ୟ ଘରେ ଜୟ ଶ୍ରୀରାମ କହିଥିଲେ। ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି ଯେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ଏହା ଆମ ପାଇଁ ଅତ୍ୟନ୍ତ ଖୁସିର କଥା। କୋର୍ଟଙ୍କ ରାୟ ନେଇ ଯେତେବେଳେ ଆମେ ଖବର ପାଇଲୁ 'ଜୟ ଶ୍ରୀରାମ' କହି ଏହାକୁ ସ୍ୱାଗତ କରିଥିଲୁ ବୋଲି ଆଡଭାନୀ କହିଛନ୍ତି।

ଗତବର୍ଷ ନଭେମ୍ବରରେ ସୁପ୍ରିମକୋର୍ଟ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦର ଐତିହାସିକ ରାୟ ପ୍ରକାଶ କରି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ରାସ୍ତା ପରିଷ୍କାର କରିଦେଇଥିଲେ। ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ଲକ୍ଷ୍ନୌର ସ୍ୱତନ୍ତ୍ର ସିବିଆଇ କୋର୍ଟ ଏବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଢାଞ୍ଚା ଧ୍ୱଂସ କରାଯିବା ଘଟଣାକୁ ଆଇନର ଘୋର ଉଲ୍ଲଂଘନ ବୋଲି ସେତେବେଳେ ଦର୍ଶାଇଥିଲେ।

ଏବେ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ଦିଆଯିବା ପରେ ଏଆଇଏମ୍ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ୍ ଓୱାଇସି ରାୟକୁ ଘୃଣିତ କହିବା ସହ ତଦନ୍ତକାରୀ ସଂସ୍ଥା ଏହା ବିରୋଧରେ ଆବେଦନ କରି ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ଉଚିତ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ମାମଲାର ଅନ୍ୟତମ ପ୍ରମୁଖ ମକଦ୍ଦମକାରୀ ଇକ୍‌ବାଲ ଅନ୍‌ସାରୀ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଏହା ଭଲ କଥା ଯେ ସମସ୍ତେ ନିର୍ଦ୍ଦୋଷ ହେଲେ। ଯାହା ଘଟିବାର ଥିଲା ତାହା ଗତବର୍ଷ ନଭେମ୍ବର ୯ରେ ହୋଇଥିଲା। ଏହି ମାମଲା ସେହି ଦିନ ସମାପ୍ତ ହେବାର ଥିଲା ବୋଲି ସୁପ୍ରିମକୋର୍ଟ ରାୟକୁ ଉପଲକ୍ଷ୍ୟ କରି ଅନ୍‌ସାରୀ ଏହା କହିଛନ୍ତି। ଅପରପକ୍ଷରେ ଏଆଇଏମ୍‌ପିଏଲ୍‌ବି ସଦସ୍ୟ ତଥା ବରିଷ୍ଠ ଓକିଲ ଜାଫରୟାବ ଜିଲାନି କହିଛନ୍ତି ଯେ, ଉକ୍ତ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯିବ। ତେବେ ଲକ୍ଷ୍ନୌରେ ସିବିଆଇ ଓକିଲ ଲଳିତ ସିଂ କହିଛନ୍ତି ଯେ, ସଂସ୍ଥାର ଆଇନ ବିଭାଗ ସହ ବିଚାରବିମର୍ଶ ପରେ ସ୍ୱତନ୍ତ୍ର କୋର୍ଟ ରାୟ ବିପକ୍ଷରେ ଆବେଦନ କରାଯିବା ନେଇ ନିଷ୍ପତ୍ତି ନିଆଯିବ। ଉଲ୍ଲେଖ କରାଯାଇପାରେ ଯେ, ଏହି ମାମଲାରେ ପ୍ରମାଣ ଲାଗି ସିବିଆଇ ୩୫୧ ଜଣ ସାକ୍ଷୀ ସହ ୬୦୦ ପୃଷ୍ଠାର ଦଲିଲ ପ୍ରସ୍ତୁତ କରିଥିଲା। ଏଥିସହିତ ୪୮ ଜଣଙ୍କ ବିରୋଧରେ ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଥିଲେ ହେଁ ବିଚାର କାଳରେ ୧୬ ଜଣଙ୍କ ମୃତ୍ୟୁ ଘଟିଯାଇଛି।

ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାରେ ଅଯୋଧ୍ୟାରେ ଦୁଇଟି ଏତଲା ଦାଏର କରାଯାଇଥିଲା। ଗୋଟିଏ ଅଜଣା କରସେବକଙ୍କ ବିରୋଧରେ ଦିଆଯାଇଥିବା ବେଳେ ଅନ୍ୟଟି ଭାଜପାର ବରିଷ୍ଠ ନେତା, ଯେଉଁମାନେ ସମ୍ପୃକ୍ତ ବାବ୍ରି ମସ୍‌ଜିଦ ନିକଟରେ ଉପସ୍ଥିତ ରହି ସାମ୍ପ୍ରଦାୟିକ ଭାଷଣ ଦେଇଥିଲେ। ପରବର୍ତ୍ତୀ ସମୟରେ ଦୁଇଟିକୁ ମିଶାଇ ଦିଆଯାଇଥିଲା। ଗୋଟେ ସମୟରେ ପ୍ରମୁଖ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର ବନ୍ଦ କରିଦିଆଯାଇଥିଲା। କିନ୍ତୁ ୨୦୧୭ରେ ସୁପ୍ରିମକୋର୍ଟ ତାହାକୁ ପୁନଃ ଖୋଲିଥିଲେ। ଏଥିସହିତ ମମଲାର ଦୈନିକ ଶୁଣାଣି ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଯୁକ୍ତି ବାଢ଼ିଥିଲା ଯେ, ଅଭିଯୁକ୍ତମାନେ କରସେବକଙ୍କୁ ମସ୍‌ଜିଦ



କୋର୍ଟଙ୍କ ରାୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ଏହା ଆମ ପାଇଁ ଅତ୍ୟନ୍ତ ଖୁସିର କଥା। ଏହି ଖବର ଯେତେବେଳେ ପାଇଲୁ ଆମେ 'ଜୟ ଶ୍ରୀରାମ' କହି ଏହାକୁ ସ୍ୱାଗତ କରିଛୁ।
**-ଏଲ୍.କେ. ଆଡଭାନୀ, ବରିଷ୍ଠ ଭାଜପା ନେତା**

ଭାଙ୍ଗିବା ନେଇ ସେମାନଙ୍କୁ ପ୍ରବର୍ତ୍ତାଇବା ସହ ଷଡ଼ଯନ୍ତ୍ର କରିଥିଲେ। ଅନ୍ୟପକ୍ଷରେ ସେମାନଙ୍କୁ ଦୋଷୀ କରିବା ଲାଗି କୌଣସି ପ୍ରମାଣ ନାହିଁ ବୋଲି ଅଭିଯୁକ୍ତମାନେ କହିବା ସହ କେନ୍ଦ୍ରରେ ଥିବା ତତ୍‌କାଳୀନ କଂଗ୍ରେସ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ।

## 'ମସ୍‌ଜିଦ୍ ଭଙ୍ଗା ...

ଉଲ୍ଲଂଘନ ବୋଲି ସୁପ୍ରିମ୍‌କୋର୍ଟ ଗତବର୍ଷ ନଭେମ୍ବର ୯ରେ ଅଯୋଧ୍ୟା ଜମି ବିବାଦ ମାମଲାର ରାୟ ପ୍ରକାଶ କରି କହିଥିଲେ। ହେଲେ ସୁପ୍ରିମ୍‌କୋର୍ଟଙ୍କ ଉକ୍ତ ରାୟକୁ ବିରୁଦ୍ଧାଚରଣ କରୁଛି ସିବିଆଇ କୋର୍ଟଙ୍କ ଏହି ରାୟ। ସେ ରାୟ ଉପରେ ପ୍ରଶ୍ନ ପଚାରିଛନ୍ତି ଯେ, ମସ୍‌ଜିଦ୍ ଭଙ୍ଗାଯିବା, ମୂର୍ତ୍ତି ରଖାଯିବା ଏବଂ ମସ୍‌ଜିଦ ତାଲା ଖୋଲାଯିବା ମ୍ୟାଜ୍ ଥିଲା କି? ଲାଲକୃଷ୍ଣ ଆଡ଼ଭାନୀ ସମଗ୍ର ଦେଶରେ ରଥଯାତ୍ରା କରିଥିଲେ। ଫଳରେ ସବୁ ସ୍ଥାନରେ ହିଂସା ହୋଇଥିଲା। ଉମା ଭାରତୀ ସ୍ଲୋଗାନ ଦେଇଥିଲେ ଯେ, ଆଉ ଏକ ଧକ୍କା ଦିଅ ବାବ୍ରି ମସ୍‌ଜିଦ ଭାଙ୍ଗି ଦିଅ। ଯେତେବେଳେ ବାବ୍ରି ମସ୍‌ଜିଦ ଭଙ୍ଗାଯାଉଥିଲା ସେତେବେଳେ ମିଠା ବଣ୍ଟାଯାଉଥିଲା। ଆଡ଼ଭାନୀ, ମୁରଲୀ ମନୋହର ଜୋଷୀ, ଉମା ଭାରତୀ ଓ ଅନ୍ୟମାନେ ଖୁସି ମନାଉଥିଲେ। ଏହି ସବୁ କ'ଣ ସତ୍ୟ ନୁହେଁ କି ବୋଲି ଓୱାଇସି ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବାବ୍ରି ମସ୍‌ଜିଦ୍ ଭାଙ୍ଗିଥିବା ନେଇ ଯେଉଁ ଅଭିଯୁକ୍ତ ଭଗବାନ ଗୋୟଲ କୋର୍ଟ ବାହାରେ ସ୍ୱୀକାର କରିଛନ୍ତି ତାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏନେଇ ସେ ଟୁଇଟ୍ ଯୋଗେ ଏକ ଶାୟରୀ ପୋଷ୍ଟ କରିଛନ୍ତି ଯେ, 'ୱହି କାତିଲ୍ ୱହି ମୁନ୍‌ସିଫ୍ ଅଦାଲତ ଉସ୍ କି ୱ ଶାହିଦ୍, ବହୁତ ସେ ଫୈସଲୋଁ ମୈ ଅବ୍ ତରଫ-ଦାରୀ ଭି ହୋତି ହେ'।

## ସଂକ୍ରାମକ ରୋଗ ...

ସହ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଏଥିରେ ଉଲ୍ଲେଖ ରହିଛି। ସଂକ୍ରାମକ (ଏପିଡେମିକ) ରୋଗ ଅଧିନିୟମ ୧୮୯୭ ଧାରା-୩ରେ ଥିବା ଦଣ୍ଡ ଓ ଜରିମାନା ପରିମାଣକୁ ବୃଦ୍ଧି କରାଯାଇଛି। ସଂଶୋଧନ ବିଧେୟକରେ ୨ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରିବା ପାଇଁ ବ୍ୟବସ୍ଥା ରହିଛି। ମାସ୍କ ବ୍ୟବହାର, ସର୍ବସାଧାରଣ ସ୍ଥାନରେ ଛେପ ପକାଇବା, ସାମାଜିକ ଦୂରତା ନିୟମର ଉଲ୍ଲଂଘନ ଏବଂ ଏଥିରେ ଉଲ୍ଲେଖ ଥିବା ଅନ୍ୟ ନିୟମର ପାଳନ ନ କଲେ ଏହି ଦଣ୍ଡ ଭୋଗିବାକୁ ପଡ଼ିବ। ସେହିଭଳି ଯଥାକ୍ରମେ ୫୦ଜଣ ଏବଂ ୨୦ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ବିବାହ ଉତ୍ସବ ଏବଂ ଅନ୍ତିମ ସଂସ୍କାର ନ କଲେ ଜେଲଦଣ୍ଡ ସହ ଜରିମାନା ମଧ୍ୟ ଦେବାକୁ ପଡ଼ିବ।

ଧାରା-୩ ଉପଧାରା(୧-ଖ) ଅନୁଯାୟୀ ଏହି ଅପରାଧ ଧର୍ତ୍ତବ୍ୟ ଏବଂ ଜାମିନଯୋଗ୍ୟ ହେବ। ଚାର୍ଜଶିଟ ଦାଏର କରାଯିବା ପୂର୍ବରୁ କିମ୍ବା ପରେ ଅପରାଧର ପ୍ରମାଣ ନ ମିଳିଲେ ଏହାକୁ ରଫା କରାଯାଇପାରିବ। ହାଜତରେ ଥିଲେ ତାଙ୍କୁ ତୁରନ୍ତ ଖଲାସ କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଅସାଧାରଣ ପରିସ୍ଥିତି ସୃଷ୍ଟି କରୁଥିବା ମହାମାରୀକୁ ଅସାଧାରଣ ପଦକ୍ଷେପ ସହ ମୁକାବିଲା କରିବାକୁ ପଡ଼ିବ ବୋଲି କୁହାଯାଇଛି। ଗତ ଅଗଷ୍ଟ ୩୧ ତାରିଖଠାରୁ ଏହି ଅଧିନିୟମ ବଳବତ୍ତର ହେବାନେଇ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୨୦ ଏପ୍ରିଲ ୮ରେ ଏକ ଅଧ୍ୟାଦେଶ ମାଧ୍ୟମରେ ଏହି ନିୟମରେ ସଂଶୋଧନ ଅଣାଯାଇଛି। ସଂକ୍ରାମକ ରୋଗ ଅଧିନିୟମ, ୧୮୯୭ର ଧାରା ୨ ଓ ୩ ଅନୁଯାୟୀ ଦିଆଯାଇଥିବା କ୍ଷମତାକୁ ବ୍ୟବହାର କରି ଓଡ଼ିଶା କୋଭିଡ୍-୧୯ ନିୟମାବଳୀ ୨୦୨୦ ପ୍ରସ୍ତୁତ କରାଯାଇଥିଲା।

ବିଲ୍ ସଂକ୍ରାନ୍ତରେ ବିଧାନସଭାରେ ସୂଚନାଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଥିଲେ, ରାଜ୍ୟ ସରକାରଙ୍କ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ କେତେଜଣ ବ୍ୟକ୍ତି କୋଭିଡ୍ ନିୟମର ଉଲ୍ଲଂଘନ କରୁଛନ୍ତି। ଫଳରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ରହୁଛି। ସଂକ୍ରାମକ ରୋଗ ଅଧିନିୟମ ୧୮୯୭ରେ ଥିବା ବ୍ୟବସ୍ଥା ଯଥେଷ୍ଟ ନୁହେଁ। ଦଣ୍ଡବିଧାନ ପରିମାଣ ସ୍ୱଳ୍ପ ହୋଇଥିବାରୁ ଲୋକେ ଏହାର ଅବମାନନା କରୁଛନ୍ତି। ବର୍ତ୍ତମାନର ଭୟାବହତାକୁ ଦୃଷ୍ଟିରେ ରଖି ଏଥିରେ ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଥିବା ମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବିଲ୍‌କୁ ବିରୋଧ କରି ଏହାକୁ ଏକ କଳା ବିଲ୍ ବୋଲି କହିଥିଲେ। ସାଧାରଣ ଲୋକଙ୍କ ଠାରୁ ୧ଲକ୍ଷ ଟଙ୍କାର ଫାଇନ ଆଦାୟ କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ବିଲ୍ ସମ୍ପର୍କରେ ଭାଜପା ବିଧାୟକ ଜୟ ନାରାୟଣ ମିଶ୍ର କହିଥିଲେ, ବିରୋଧୀ ଦଳ ଯେପରି ସର୍ବସାଧାରଣ ସ୍ଥାନରେ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିପାରିବେ ନାହିଁ, ସେଥିପାଇଁ ସରକାର ଏହି ବିଲ୍ ଆଣିଛନ୍ତି। ଏହାଦ୍ୱାରା ଲୋକଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହୋଇଛି। ଲକ୍ଷେ ଟଙ୍କା ଜରିମାନା ବ୍ୟବସ୍ଥା କରି ଓଡ଼ିଶା ସରକାର ବ୍ରିଟିଶ ଶାସନଠାରୁ ବଳିଯାଇଥିବା ସେ କହିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ଦଳ ବରିଷ୍ଠ ନେତା ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ବିଲ୍ ବିରୋଧରେ ମତ ରଖିଥିବା ବେଳେ ବିଜେଡି ପକ୍ଷରୁ ଅମର ପ୍ରସାଦ ଶତପଥୀ, ମୋହନ ମାଝି ପ୍ରମୁଖ ବିଲ୍ ସପକ୍ଷରେ କହିଥିଲେ।

## ଗୃହରେ କରୋନା ...

ବିକଶିତ ହୋଇପାରିନି। ସରକାରୀ ଅର୍ଥକୁ ବରବାଦ କରାଯାଇଛି। ଓଡ଼ିଶା ସରକାର ଘରୋଇ ହସ୍ପିଟାଲକୁ ପୋଷିବା ପାଇଁ ସେମାନଙ୍କ କୋଠାରେ କୋଭିଡ୍ ହସ୍ପିଟାଲ କରିଥିବା ସେ କହିଥିଲେ। ଘରୋଇ ହସ୍ପିଟାଲଗୁଡ଼ିକ ସବୁ ବ୍ୟବସ୍ଥା ଥାଇ ମଧ୍ୟ ରୋଗୀଙ୍କୁ ଆଡ୍‌ମିଟ୍ କରୁନାହାନ୍ତି। କୋଭିଡ୍ କେୟାର ସେଣ୍ଟରରେ ଅବ୍ୟବସ୍ଥା କଥା ମଧ୍ୟ ନାଏକ କହିଥିଲେ। ୩ରୁ ୪ଦିନ ପର୍ଯ୍ୟନ୍ତ କୋଭିଡ୍ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଉନାହିଁ। ଡାକ୍ତରମାନେ ରୋଗୀଙ୍କୁ ଛୁଉଁନାହାନ୍ତି। ସେହିଭଳି କେନ୍ଦ୍ର ସରକାର ଓଡ଼ିଶାକୁ ୫୬୭ ଭେଣ୍ଟିଲେଟର ଦେଇଥିବା ବେଳେ ଏପର୍ଯ୍ୟନ୍ତ ୪୨୦ଟି ଭେଣ୍ଟିଲେଟର ବ୍ୟବହାର ନ ହୋଇ ପଡ଼ିରହିଥିବା ସେ ଅଭିଯୋଗ କରିଥିଲେ। ଭାଜପା ବିଧାୟକ ଜୟନାରାୟଣ ମିଶ୍ର ରାଜ୍ୟରେ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ବୋଲି କହିଥିଲେ। ସରକାର କେବଳ ଶ୍ରେୟ ନେବାକୁ ଚାହିଁ ବସିଛନ୍ତି। ମନ୍ତ୍ରୀଙ୍କ ଉତ୍ତର ବାସ୍ତବ ତଥ୍ୟଠାରୁ ସମ୍ପୂର୍ଣ୍ଣ ଅଲଗା। ଅଣକୋଭିଡ୍ ରୋଗୀମାନଙ୍କୁ ଚିକିତ୍ସା ସୁବିଧା ନ ମିଳିବାରୁ ବହୁ ରୋଗୀ ଜୀବନ ହରାଉଛନ୍ତି ବୋଲି ସେ କହିଥିଲେ।

ନରସିଂହ ମିଶ୍ର ଗୃହରେ ସରକାର ଦେଉଥିବା ତଥ୍ୟ ଓ ବାସ୍ତବତା ମଧ୍ୟରେ ବହୁ ଫରକ ଥିବା କହିଥିଲେ। ସରକାର ଯେତେ ତଥ୍ୟ ଦେଇଛନ୍ତି ତାହା କେବଳ କାଗଜ କଲମରେ ସତ୍ୟ। କୋଭିଡ୍ ରୋଗୀମାନଙ୍କୁ ଖାଇବାକୁ ମିଳୁନି, ମେଡିସିନ୍ ମିଳୁନି କି ଚିକିତ୍ସା ସୁବିଧା ମିଳୁନି। ହେଲେ ରାଜ୍ୟ ସରକାର ମେଡିସିନ୍ ବଳକା ଥିବା ତଥ୍ୟ ଦେଖାଉଛନ୍ତି। ସିଏଚ୍‌ସି, ପିଏଚ୍‌ସି କି ଜିଲା ମୁଖ୍ୟ ହସ୍ପିଟାଲରେ ଡାକ୍ତର ନାହାନ୍ତି। କେବଳ ଡାଟା ଦେଖାଇ କୋଭିଡ୍ ପରିଚାଳନାରେ ଶ୍ରେଷ୍ଠ ରାଜ୍ୟ ଓ ନିଜକୁ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ କହୁଛନ୍ତି। ଡାଟା, ଷ୍ଟାଟିଷ୍ଟିକ୍ସରେ ଲୋକଙ୍କ ପେଟ ପୂରିବନାହିଁ ବୋଲି ସେ କହିଥିଲେ। ସରକାର ତଥ୍ୟ ସଂଗ୍ରହ ଆଳରେ ତଥ୍ୟ ଲୁଚାଇବାକୁ ଚେଷ୍ଟା କରୁଥିବା ଦର୍ଶାଇ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ହୀରାକୁଦର ଜଳ ପରିଚାଳନା ଭଳି ରାଜ୍ୟ ସରକାର କୋଭିଡ୍ ପରିଚାଳନା କରୁଥିବା କହିଥିଲେ। ଭାଜପା ବିଧାୟିକା କୁସୁମ ଟେଟେ, ବିଧାୟକ କେ. ନାରାୟଣ ରାଓ, କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ କୋଭିଡ୍ ପରିଚାଳନା ନେଇ ସରକାରଙ୍କ ଉପରେ ବର୍ଷିଥିଲେ।


# classifieds Everyday
0674-2580101, 2549302

automobile

### SALE

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175

real estate

### SALE

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

**READY TO MOVE 2BHK FLAT @22.99 LAKHS** NEAR MOUNT LITERA ZEE SCHOOL, KATENI IS FOR SALE. 9937162220.** D-18422

**ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313.** D-69176

Residential/Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

**Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099.** D-69165

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

**2000 sqft LAND @600/- Per sqft NEAR MOUNT LITERA ZEE SCHOOL, KATENI IS FOR SALE. 9937162220.** D-18423

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**BDA yellowzone commercial/residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477.** D-69167

### GENERAL

### SALE

**Require 15 acres land within 7kilometers from Khurda Collectorate preferably Blacktop Roadside. 7008563697.** D-18443

to-let

House on rent for Office/IT/Coaching Centre/Godown at Nayapalli (Near NH) C.S. Pur, Bhubaneswar. 7608809520, 9437193060, 9338226625. D-18439

2 BHK Study for Rent (Vipul-Gardens) partly furnished with 2 Ac's. Rent: 15,000/-, Society Charges. 7894271476. D-63985

2 Rooms 2nd Floor house rent 7,000/- near Reliance Fresh, Ruchikamarket, Bhubaneswar. 8917512423. D-69443

healthcare

Get good massage for your health the best therapy SPA Station. 7655024727, 8118079281. D-69542

Herbal full body massage by smart / expert therapist. Contact: 8338067247. D-69765

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768

Rejuvenate and Ayurvedic full body massage by smart therapist. 9348123330. D-69759

Get refreshment body massage by expert therapist contact for. 9556978408. D-69766

Newly open SPA centre smart therapist full body massage: 8114970372. D-59964

Newly open SPA centre smart therapist full body massage: 7205187702. D-59963

Newly open SPA centre smart therapist full body massage: 7846814019. D-59962

Refresh your mind and soul with best therapy at Orchid Salon/ Spa, 9937287222. D-69550

Swarna SPA newly open positively health benefits with expert therapist. 7873794731. D-69767


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରା ସମୟରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଆର୍ଥିକ ଅନଟନକୁ ବନ୍ଧୁ ଦୂରେଇବାର ପ୍ରତିଶ୍ରୁତି ଦେବେ। କର୍ମକ୍ଷେତ୍ରର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** ଆଜି ଭାଇ,ବନ୍ଧୁ ଓ ନିଜ ଲୋକମାନଙ୍କୁ ମନେଇବାରେ ସଫଳ ହେବେ, ଯାହାକି ଆଗାମୀ ସମୟ ପାଇଁ କାମରେ ଆସିବ। ଅଫିସରେ କେତେକ ଅଟକି ରହିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ।

**ମିଥୁନ** ଅଯାଚିତ ଭାବେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ ହାତକୁ ନେଇଥିବା କାମ ହାସଲରେ ସମର୍ଥ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପାରିବାରିକ ଅସ୍ଥିରତା ଲାଗିରହିବା ଯୋଗୁ ବ୍ୟବସାୟ ସାଙ୍ଗକୁ ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**କର୍କଟ** ଭୁଲ୍ ବୁଝାମଣା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ ଏବଂ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଶେୟାର ବଜାର,ଫ୍ଲଟିଙ୍ଗ୍ କାରବାର କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ** କୌଣସି ବ୍ୟକ୍ତି ରାଗ ଶୁଝାଇବାକୁ ଯାଇ କଅଁଳ ଭାଷାରେ ମରମ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବେ। କର୍ମକ୍ଷେତ୍ରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**କନ୍ୟା** ବନ୍ଧୁଗହଣରେ ହସଖୁସିର ସହ ଆଲୋଚନାରେ ସମୟ କଟାଇବେ ଓ ଯାହା ଆଶା କରୁଛନ୍ତି ତାହା ଅବଶ୍ୟ ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ି ବଢ଼ି ଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁ ମିଳନ ଘଟିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦୀର୍ଘଦିନରୁ ନେଇଥିବା ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବ। ଭୁଲ୍ ବୁଝାମଣା ଓ ଜିଦ୍‌ଖୋର କାରଣରୁ ପରିବହନରେ ଝଗଡ଼ା ଲାଗିପାରେ।

**ବିଛା** କାର୍ଯ୍ୟକ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ ଏବଂ ପାରିବାରିକ ସ୍ଥିତି ଭଲ ରହିବ। ଅର୍ଥସଂକଟ କାରଣରୁ କେତେକ କାମ ଅଟକି ରହିଯାଇପାରେ। ପରୋକ୍ଷ ଶତ୍ରୁତା ଚେଷ୍ଟା କରୁଥିବା କାମକୁ ପ୍ରତିହତ କରିପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସନ୍ତୋଷଜନକ ହୋଇ ନ ପାରେ।

**ଧନୁ** କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରୁହନ୍ତୁ ନତୁବା ଅନର୍ଥ ଅବଶ୍ୟମ୍ଭାବୀ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହୋଇପାରନ୍ତି। କୌଣସି ଯୁକ୍ତିତର୍କ କାରଣରୁ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ଘରେ ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ମକର** ପଡ଼ୋଶୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହ ସୃଷ୍ଟି ହେବାର ସୂଚନା ରହିଛି। ଖଳ ଲୋକଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। କର୍ମକ୍ଷେତ୍ରରେ ବିଗତ ଦିନଗୁଡ଼ିକର ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**କୁମ୍ଭ** ଆଜି ବନ୍ଧୁମାନଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଳାପ ଆଲୋଚନାରେ ସମୟ କଟାଇବେ। ଅପରାହ୍ନ ସମୟରେ ଭଲ ସମ୍ପର୍କ ନଥିବା ବ୍ୟକ୍ତିଙ୍କ ଦ୍ୱାରା ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ମୀନ** ଉଦ୍ୟମ ସଫଳ ଦିଗରେ ଦୁଇଜଣ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ,ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଆଜି ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

ଆଜି ଆଶ୍ୱିନ ମଳପୂର୍ଣ୍ଣିମା, ଗୁରୁବାର, ପୂର୍ଣ୍ଣିମାବିହିତ ଉପବାସ,ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ,ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ,ଚାତୁର୍ମାସ୍ୟା ଗୁରୁବାର ବ୍ରତ,ରାଶି ନକ୍ଷତ୍ର-ଉତ୍ତରାଭାଦ୍ରବ/ମୀନ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଧନୁରାଶିର ଘାତଚନ୍ଦ୍ର, ସକାଳ ଘ.୦୫।୪୧ ଗତେ ଘ.୦୭।୧୫ ମଧ୍ୟେ,ଦିବା ଘ.୦୧।୩୪ ଗତେ ଘ.୦୩।୦୯ ମଧ୍ୟେ, ସଂଧ୍ୟା ଘ.୦୬।୧୯ଗତେ ଘ.୦୯।୩୪ ମଧ୍ୟେ, ରାତ୍ରି ଘ.୧୨।୦୦ ଗତେ ଘ.୦୩।୧୫ ମଧ୍ୟେ, ଘ.୦୪।୦୩ ଗତେ ଘ.୦୫।୪୧ ମଧ୍ୟେ ଅମୃତବେଳା। ଦିବା ଘ.୦୧।୦୪ ଗତେ ଘ.୦୨।୩୩ ମଧ୍ୟେ ରାହୁକାଳ।

କ୍ରମବିକାଶରେ ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବ ।... ସେ କିନ୍ତୁ ସୃଷ୍ଟିବିକାଶର ଶେଷ ପର୍ଯ୍ୟାୟ ନୁହଁ । ମଣିଷଠାରୁ ଅତିମାନବ ଆଡକୁ ଅଗ୍ରସର ହେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା । ଏହା ଅପରିହାର୍ଯ୍ୟ । କାରଣ- ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର କ୍ରିୟାକ୍ରମର ଯୁକ୍ତିସଙ୍ଗତ କାରଣ । -ଶ୍ରୀଅରବିନ୍ଦ

# ପ୍ରାଣୀ ସେବାର ସ୍ୱପ୍ନ



ମାନେକା ଗାନ୍ଧୀ

ମାୟା କ'ଣ ? ଏହା ଜାଣିବାକୁ ଚାହିଁଲେ ମହର୍ଷି ନାରଦ । ଏଥିପାଇଁ ସେ ବିଷ୍ଣୁଙ୍କୁ ତପସ୍ୟା କରିବାକୁ ଲାଗିଲେ । ବିଷ୍ଣୁ ତାଙ୍କ ସମ୍ମୁଖରେ ଆବିର୍ଭାବ ନ ହେବା ଯାଏ ବର୍ଷ ବର୍ଷ ଧରି ତପସ୍ୟାରେ ବସିରହିଲେ । ମହର୍ଷିଙ୍କ କଠୋର ତପସ୍ୟା ଦେଖି ବିଷ୍ଣୁ ତାଙ୍କ ସମ୍ମୁଖରେ ଆବିର୍ଭାବ ହେଲେ । କହିଲେ,ନାରଦ ଆସ ଚାଲି ଚାଲି ଯିବା ଓ ମୁଁ ତୁମକୁ ମାୟାର ରହସ୍ୟ କହିବି । ସେମାନେ ଦୁହେଁ ମରୁଭୂମିର ତତଲା ବାଲିରେ ଚାଲି ଚାଲି ଧୂଳିଧୂସରିତ ହୋଇଗଲେ, କ୍ଳାନ୍ତ ଅନୁଭବ କଲେ । ସେମାନଙ୍କୁ ଭୀଷଣ ଶୋଷ ଲାଗିଲା । ଏତିକିବେଳେ ଛୋଟ ଗାଁଟିଏ ବିଷ୍ଣୁଙ୍କ ନଜରରେ ପଡ଼ିଲା । ସେ ଗାଁଟିକୁ ଦେଖାଇଦେଇ କହିଲେ, ନାରଦ! ମୋ ପାଇଁ ସେଠାରୁ କିଛି ପାଣି ଆଣିଦିଅ । ବିଷ୍ଣୁଙ୍କ ଆଜ୍ଞା ପାଳନପୂର୍ବକ ନାରଦ ସେହି ଗାଁରେ ପହଞ୍ଚି ପ୍ରଥମ ଘରର କବାଟ ବାଡେଇଲେ । ନାରଦଙ୍କ ଡାକଶୁଣି ଅନୁଗ୍ରହ ପୂର୍ବକ ଜଣେ ସୁନ୍ଦରୀ କନ୍ୟା କବାଟ ଖୋଲିଲେ । କହିଲେ, ପ୍ରଭୁ ଭିତରକୁ ଆସନ୍ତୁ । ନାରଦ ଘର ଭିତରକୁ ପ୍ରବେଶ କରନ୍ତେ ପରିବାରବର୍ଗ ତାଙ୍କୁ ସ୍ୱାଗତ କଲେ । ସେମାନେ ନାରଦଙ୍କୁ ଖାଦ୍ୟ ଓ ପାଣି ଦେଇ ଆପ୍ୟାୟିତ କଲେ । ସେଠାରେ ଆତିଥ୍ୟ ଲାଭ କରି ନାରଦ ସେହି କନ୍ୟାଙ୍କୁ ବାହା ହେବାକୁ ମନ ବଳାଇଲେ । ସେ ତାଙ୍କ ଘରେ ରହିଲେ । ଏମିତିରେ ମାସମାସ କଟିଗଲା । ଶେଷରେ ନାରଦ ସେହି କନ୍ୟାଙ୍କୁ ବିବାହ କଲେ । ତାଙ୍କ ଔରଷରୁ ତିନୋଟି ସନ୍ତାନ ଜନ୍ମ ନେଲେ । ପିଲାଛୁଆ ସଂସାର ଭିତରେ ନାରଦଙ୍କର ଆଉ ୧୨ ବର୍ଷ କଟିଗଲା । ହଠାତ୍ ଏକ ପ୍ରଳୟଙ୍କରୀ ବନ୍ୟା ଆସିଲା । ଗାଁକୁ ଧ୍ୱଂସ କରିଦେଲା । ସବୁ ଭସାଇ ନେଲା । ନାରଦ ତାଙ୍କ ପତ୍ନୀ ଓ ତିନୋଟି ସନ୍ତାନଙ୍କୁ ବନ୍ୟାର ସ୍ରୋତରୁ ବଞ୍ଚାଇବା ଲାଗି ଚେଷ୍ଟା କଲେ । କିନ୍ତୁ ତାହା ହୋଇପାରିଲା ନାହିଁ । ଚାହୁଁ ଚାହୁଁ ତାଙ୍କ ପତ୍ନୀ ଓ ସନ୍ତାନମାନେ ବନ୍ୟାରେ ଭାସିଗଲେ । ଏକାକୀ ରହିଗଲେ ନାରଦ । ଜୀବନର ସବୁ ହରାଇ ସେ ଜୋର୍‌ରେ କାନ୍ଦିବାକୁ ଲାଗିଲେ । ଏହି ସମୟରେ 'ନାରଦ! ମୁଁ ତୁମକୁ ଅଧଘଣ୍ଟା ହେବ ଅପେକ୍ଷା କରିଛି, ମୋ ପାଣି କାହିଁ ' ବୋଲି ଦୂରରୁ ବିଷ୍ଣୁଙ୍କ ସ୍ୱର ଭାସିଆସିଲା । ନାରଦ ଏହାକୁ ଶୁଣିଲା ପରେ ଅନୁଭବ କଲେ ଯେ, ଏସବୁ ଏକ ସ୍ୱପ୍ନ ଥିଲା ।

ପାଟନାରୁ ଜଣେ ଝିଅ ମୋ ପାଖକୁ ଚିଠିଟିଏ ପଠାଇଥିଲେ । ସେଥିରେ ସେ ଲେଖିଥିଲେ ଯେ,ପାଟନାରେ ଗୋଟିଏ ଭଲ ପ୍ରଜାତିର ପୋଷାକୁକୁରକୁ ତା'ମାଲିକ ପରିତ୍ୟକ୍ତ ଅବସ୍ଥାରେ ରାସ୍ତାରେ ଛାଡିଦେଇଥିଲେ । ବୁଲାକୁକୁରମାନେ ତାକୁ ସାଂଘାତିକ ଭାବେ କାମୁଡିବା ଦ୍ୱାରା ତା ଆଖି ସଂକ୍ରମିତ ହୋଇଥିଲା । ତାକୁ ପ୍ରାୟତଃ କିଛି ଦେଖାଯାଉ ନ ଥିଲା । ଚର୍ମରୋଗରେ ଆକ୍ରାନ୍ତ ହୋଇ ତା'ଦେହରୁ ଲୋମ ବି ଝଡ଼ିଯାଇଥିଲା । ସେ ତାକୁ ଘରକୁ ଆଣିଲେ । କିନ୍ତୁ କୁକରଟି ତାଙ୍କୁ କାମୁଡି ଦେଲା । ପରେ ଶଶୁର ଘର ଲୋକେ ବାରଣ କରିବାରୁ ସେ ତାକୁ ଏକ ବୋର୍ଡିଂ ହାଉସ୍ ବା ଆବାସିକ ଘରେ ନେଇ ରଖିଲେ । ବୋର୍ଡିଂ ହାଉସ୍‌ରେ ରଖିବା ଥିଲା ବ୍ୟୟବହୁଳ । ଏଣୁ ତାକୁ ଜଣେ ସ୍ୱେଚ୍ଛାସେବୀଙ୍କୁ ଦେଲେ । ସ୍ୱେଚ୍ଛାସେବୀ ଜଣକ ତାକୁ ଛାତ ଉପରେ ଖରାରେ ବାନ୍ଧି ରଖିବାରୁ ସେ ତାଙ୍କଠାରୁ ନେଇଆସି ଆଉ ଜଣଙ୍କୁ ଦେଲେ । କିନ୍ତୁ ତାଙ୍କର ଛୋଟ ପିଲାଟି ଥିବାରୁ ସେ ତାକୁ ଦେଖି ଖୁବ୍ ଗର୍ଜିବାକୁ ଲାଗିଲେ । ଏବେ ତାକୁ ରାସ୍ତାରେ ଛାଡିବା ବିନା ତାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିଲା । ସେ ମାସେଯାଏ ୟା ତା ଘରେ ବାନ୍ଧି ରଖିଥିଲେ । ଏସବୁ ଜାଣିବା ପରେ ତାକୁ ମୋ ପାଖକୁ ଆଣିବା ଲାଗି ଏୟାର ଇଣ୍ଡିଆକୁ କହିଥିଲି । ମୁଁ ବିମାନ ଭଡ଼ା ମଧ୍ୟ ଦେଲି । ଦୁଇମାସ ତଳେ ସେ ମୋ ପାଖରେ ପହଞ୍ଚିଲା ଓ ଆସିବା ମାତ୍ରେ ମୋତେ କାମୁଡି ଦେଲା । ଏହା ପରେ ଭୟରେ କେହି ତା ପାଖକୁ ଗଲେ ନାହିଁ । ନାମର ଶକ୍ତି ରହିଛି ବୋଲି ମୋର ବିଶ୍ୱାସ । ଆମେ ସାଧାରଣତଃ ଦେବତା ଓ ବିଭିନ୍ନ ଗୁଣ ବା ଆଚରଣ ଅନୁସାରେ ସବୁ ପ୍ରାଣୀଙ୍କ ନାମକରଣ କରୁ । ଏଥିପାଇଁ ମୁଁ ତା ନାଁ ଗୁଫି ଦେଲି । ତା' ଧମକପୂର୍ଣ୍ଣ ସ୍ୱଭାବ କମ୍ କରିବା ଲାଗି ଏଭଳି ଏକ ନାମର ଆବଶ୍ୟକତା ଥିଲା । ଆମ ପରିବାରରେ ଆମେ ତାକୁ କେତେ ଭଲ ପାଉ, ଏଭଳି ଏକ ସାହସୀ ଓ ସୁନ୍ଦର ସଦସ୍ୟକୁ ପାଇ ଆମେ କେତେ ଖୁସି ବୋଲି ତାକୁ ଜଣାଇଲି । ତା'ପରେ ସେ ଆଉ କାହାକୁ ବି କାମୁଡିଲା ନାହିଁ ।

ଦୁଇ ମାସ ପରେ ତା'ଲୋମ କୋମଳ ଓ ଘନ କଳା ହୋଇଗଲା । ଆଘାତ ପାଇଥିବା ଆଖିଟିକୁ ଏପାଖ ସେପାଖ କଲା । ସେ ଓ ଘରେ ଥିବା ଲାମ୍ପୁ ପରସ୍ପର ଘନିଷ୍ଠ ହୋଇଗଲେ । ସେ ଆଉ ନ ରାଗି ଖୁସି ରହିଲା । ସଭିଙ୍କ ପ୍ରିୟ ହେଇଗଲା । ସେ ଗୋଟିଏ ଚରମ ଅବସ୍ଥାରୁ ଆଉ ଏକ ନୂଆ ଅବସ୍ଥା ପ୍ରାପ୍ତ ହେଲା । ସମ୍ଭବତଃ ବିଶ୍ୱର ଅଲୌକିକ ଶକ୍ତି ଉପରେ ଥିବା ତା'ର ବିଶ୍ୱାସ ଯୋଗୁ ସେ ମୋତେ ମିଳିଥିଲା ।

କୋଭିଡ୍ ସମୟରେ ମୋ ଘରକୁ ବହୁ ନୂଆ ଜୀବ ଆସିଛନ୍ତି । ନିଶା ମୋ ପାଖକୁ ଆସିଛି । ମାଲିକ ତା'ଗୋଡ ଭାଙ୍ଗିଦେଇ ପରିତ୍ୟକ୍ତ ଅବସ୍ଥାରେ ଲାଇଟ୍‌ପୋଷ୍ଟରେ ବାନ୍ଧି ଦେଇଥିଲେ । ରାସ୍ତାରେ ଯାଉଥିବା ଲୋକେ ତାକୁ ଖାଇବାକୁ ଦେଉଥିଲେ । ପରେ କେହି ଜଣେ ତାକୁ ମୋ ଘରକୁ ନେଇ ଆସିଲେ । ଏମିତି ସବୁ ଘଟଣାରେ ମୁଁ ମନା କରିପାରେ ନାହିଁ, କାରଣ ମୋ ପାଖକୁ ଆସିବା ସେମାନଙ୍କର ଭାଗ୍ୟ । ଏହା ମଧ୍ୟରେ ମୁଁ କେବଳ ଗୋଟିଏ କ୍ଷୁଦ୍ର ମାଧ୍ୟମ ବୋଲି ଧରିନିଏ । ଖଣ୍ଡିଆ ଖାବରା ଅବସ୍ଥାରେ ଗୋରା ବି ମୋ ପାଖରେ ପହଞ୍ଚିଛି । ତା'ଆଖିଦୁଇଟି ଦେଖିବାକୁ ହଳଦିଆ ଓ ସେ ଏବେ ବି ଦୁଃଖୀଟିଏ ଭଳି ଲାଗୁଛି । କାକୁ ଓ କାକୀ ନାମକ ଦୁଇଟି କାଉ ପ୍ରତିଦିନ ସନ୍ଧ୍ୟା ୫ଟାରେ ବିସ୍କୁଟ ଖାଇବାକୁ ଆସନ୍ତି । ମୋର ସାମାନ୍ୟ ବିଳମ୍ବ ହୋଇଗଲେ ସେମାନେ ଭାରି ଜୋରରେ ରାବନ୍ତି । ତାଙ୍କ ବିସ୍କୁଟରୁ ଯେଉଁ ଗୁଣ୍ଡୁଚି ମୂଷାଟି ଖାଏ ତା ନାଁ ଟମି ସାର୍ । ଲକ୍‌ଡାଉନ ସମୟରେ ପାଖରେ ଥିବା ଟ୍ୟାକ୍ସି ଷ୍ଟାଣ୍ଡ୍‌ରେ ପରିତ୍ୟକ୍ତ ଅବସ୍ଥାରେ ଥିବା କୁକୁରଗୁଡ଼ିକୁ ଟ୍ୟାକ୍ସି ଡ୍ରାଇଭରମାନେ ଫେରିବା ଯାଏ ଆମେ ଖାଇବାକୁ ଦେଉଥିଲୁ । ଯୋଡିଏ ବଡ ଜିଆ ବର୍ଷାରୁ ରକ୍ଷା ପାଇବା ଲାଗି ମୋ ବେଡ୍‌ରୁମକୁ ପଶିଆସନ୍ତି । ସକାଳ ହେଲେ ପୁଣି ତାଙ୍କୁ ବାହାରେ ଛାଡିଦିଆଯାଏ । ବଣିଟିଏ ବି ମୋ ସାଙ୍ଗରେ ଚାଲେ । ପ୍ରତିଦିନ ସକାଳେ ୧୫ କି ତା'ଠାରୁ ଅଧିକ ମାଙ୍କଡ଼ ଶିଡ଼ିରୁ ଛାତ ଯାଏ ବସନ୍ତି । ସେମାନଙ୍କୁ ରୁଟି ଏବଂ ଫଳ ଖାଇବାକୁ ଦିଆଯାଏ । ଖାଇସାରିବା ପରେ ଆମକୁ କେମିତି ଧନ୍ୟବାଦ ଦିଅନ୍ତି ଜାଣନ୍ତି ? ସେମାନେ ଆମ ବଗିଚାରୁ ଫଳ ଛିଣ୍ଡାଇ କୁକୁରଙ୍କ ଉପରକୁ ଫିଙ୍ଗନ୍ତି । ପିପୁଲ ଫର୍ ଆନିମଲରେ କାମ କରୁଥିବା ଗୌରୀ କ୍ୟାଟ ଲେଡି ଭାବେ ଜଣାଶୁଣା । କେହି ଜଣେ ସଦ୍ୟ ଜନ୍ମିତ ବିଲେଇ ଛୁଆଗୁଡିକୁ ଅଖାରେ ପୂରାଇ ନାଳୀରେ ଫିଙ୍ଗି ଦେଇଥିଲେ ଓ ଗୌରୀ ସେମାନଙ୍କୁ ଉଦ୍ଧାର କରି ରଖିଛନ୍ତି ।

ଲକ୍‌ଡାଉନ ସମୟରେ ହଜାର ହଜାର ଲୋକ ପ୍ରାଣୀମାନଙ୍କ ସହ ବିତିଥିବା ସେମାନଙ୍କ କଷ୍ଟକର ଅନୁଭୂତି ସମ୍ପର୍କରେ ଲେଖି ଜଣାଇଥିଲେ । ଆମେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲୁ । ସମସ୍ତଙ୍କ କାହାଣୀ ଥିଲା ଭିନ୍ନ । ଏସବୁ ଥିଲା ଅତ୍ୟନ୍ତ ଦୁଃଖଦାୟକ । ଥିଲା ଯନ୍ତ୍ରଣାର ଗାଥା । ଯେଉଁମାନେ ପୃଥିବୀକୁ ଏକ ସୁନ୍ଦର ଜାଗା କରିବା ଲାଗି ସମୟ ଦେବା ଉଚିତ ସେମାନେ ହିଁ ଏଭଳି ଯନ୍ତ୍ରଣା ଦେଇଛନ୍ତି । ସଂକୀର୍ଣ୍ଣ ଓ ପାପର ପଥ ବାଛି ନେଇଛନ୍ତି । ପ୍ରାଣୀଙ୍କ ଯନ୍ତ୍ରଣା ବଢାଇ ସେମାନଙ୍କ ଜୀବନ ନଷ୍ଟ କରିଛନ୍ତି । ମୁଁ କିନ୍ତୁ ବହୁତ ଭାଗ୍ୟବାନ । ମୁଁ ସୁଖର ମୁହୂର୍ତ୍ତକୁ ବୁଝିବା ଓ ସାଉଁଟିବା ପାଇଁ ଏକ ସୁଯୋଗ ପାଇଛି । ଯଦି ଆପଣ ଏହି ମାୟା ସ୍ୱପ୍ନରେ ରହିଛନ୍ତି ବା ପ୍ରାଣୀ ସେବାରୁ ସୁଖ ପାଇବାକୁ ଚାହୁଁଛନ୍ତି ତେବେ ସ୍ୱପ୍ନ ଦେଖନ୍ତୁ । କିନ୍ତୁ ଅନ୍ୟ ସମସ୍ତଙ୍କ ପାଇଁ ଏହାକୁ ଦୁଃସ୍ୱପ୍ନ କରନ୍ତୁନି ।

Email: gandhim@nic.in

# ନିଃସଙ୍ଗ ନାଗରିକ



ବିପିନ ବିହାରୀ ରାଉତ

ବୟୋବୃଦ୍ଧମାନଙ୍କୁ ପ୍ରଭାବିତ କରୁଥିବା ବିଷୟ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୧ରେ ପାଳନ କରାଯାଏ ଅନ୍ତର୍ଜାତୀୟ ବୟୋବୃଦ୍ଧ ଦିବସ । ସମାଜ ଗଠନରେ ବୟସ୍କ ବ୍ୟକ୍ତିଙ୍କ ଅବଦାନକୁ ମନେପକାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ମଧ୍ୟ ଏହାର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ । ଆମ ଦେଶର ଏକଚତୁର୍ଥାଂଶ ବା ୨୫% ବୟସ୍କ ବ୍ୟକ୍ତି ନିଃସଙ୍ଗ ଜୀବନଯାପନ କରୁଥିବା ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି । ନିକଟରେ ଦିଲ୍ଲୀଭିତ୍ତିକ ସ୍ୱେଚ୍ଛାସେବୀ ସଂଗଠନ ଏଜ୍‌ୱେଲ ଫାଉଣ୍ଡେଶନ ଦ୍ୱାରା ୧୦,୦୦୦ ବୟସ୍କ ବ୍ୟକ୍ତିଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇ ଏହାକୁ ବିଶ୍ଳେଷଣ କରାଯାଇଥିଲା । ପ୍ରତି ୪ଜଣରେ ଜଣେ ଅର୍ଥାତ୍ ୨୩.୪୪% ବୟସ୍କ ବ୍ୟକ୍ତି ଏକାକୀ ବାସ କରୁଥିବା ପ୍ରକାଶ କରିଥିଲେ । ସେହିପରି ପ୍ରତି ୨ଜଣରେ ଜଣେ ବୟସ୍କ (୪୮.୮୮%) ସେମାନଙ୍କ ଜୀବନସାଥୀଙ୍କ ସହ ବାସ କରୁଥିବାବେଳେ ୨୬.୫% ବୟସ୍କ ସେମାନଙ୍କ ପିଲା ତଥା ପରିବାର ସଦସ୍ୟଙ୍କ ସହ ରହୁଥିବା ଉକ୍ତ ସର୍ବେକ୍ଷଣ ରିପୋର୍ଟରେ ପ୍ରକାଶ ପାଇଛି । ତେବେ ଏହି ପରିସ୍ଥିତି ସହରାଞ୍ଚଳରେ ଅତି ଦୟନୀୟ । ସହରାଞ୍ଚଳରେ ୨୫.୩% ବୟସ୍କ ଏକୁଟିଆ ରହୁଥିବା ବେଳେ ସେ ତୁଳନାରେ ଗ୍ରାମାଞ୍ଚଳରେ ୨୧.୩୮% ବୟସ୍କ ଏକଲା ବାସ କରୁଛନ୍ତି । ବହୁସଂଖ୍ୟକ ବୟସ୍କ ଏକୁଟିଆ ଅଥବା ସେମାନଙ୍କ ଜୀବନସାଥୀଙ୍କ ସହ ରହିବା ପାଇଁ ପସନ୍ଦ କରୁଥିବା ଜାଣିବାକୁ ମିଳିଛି । ଏଥିପାଇଁ ସେମାନେ ସ୍ୱାଧୀନ ଜୀବନଯାପନ କରୁଥିଲେ ହେଁ ଅର୍ଥ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେଉଥିବାରୁ ସମସ୍ୟାରେ ପଡ଼ିଥାଆନ୍ତି । କେବଳ ୩୬.୮୧% ଲୋକ ସେମାନଙ୍କ ବୟସର ଅପରାହ୍ନରେ ଆର୍ଥିକ ସ୍ୱଚ୍ଛଳ ଥିବା ବିଷୟ ଉକ୍ତ ସର୍ବେକ୍ଷଣରେ ପ୍ରକାଶ କରାଯାଇଛି । ଗତ ମେ ଓ ଜୁନ୍‌ରେ କରାଯାଇଥିବା ଏହି ସର୍ବେକ୍ଷଣରେ ଦେଶର ୨୦ଟି ରାଜ୍ୟର ବୟସ୍କ ପୁରୁଷ ଓ ମହିଳାଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା ।

ଦେଶରେ ବୃଦ୍ଧ ମାତାପିତାଙ୍କୁ ପରିବାର ଲୋକେ ଅବହେଳା କରୁଥିବା ସମସ୍ୟା ବଢୁଥିବା ଯୋଗୁ ଏହାର ମୁକାବିଲା ସକାଶେ କେନ୍ଦ୍ର ସରକାର ପୁରୁଣା ଆଇନର ସଂଶୋଧନ କରିବାକୁ ଯାଉଥିବା ଆଶ୍ୱସ୍ତିର ବିଷୟ । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ମାତାପିତା ଓ ବରିଷ୍ଠ ନାଗରିକଙ୍କର ରକ୍ଷଣାବେକ୍ଷଣ ତଥା କଲ୍ୟାଣ ସଂଶୋଧନ ବିଲ୍, ୨୦୨୦ର ଚିଠା ପ୍ରସ୍ତୁତ କରିଛନ୍ତି । ସଂଶୋଧିତ ବିଲ୍‌ରେ ଏ ସଂକ୍ରାନ୍ତରେ ରହିଥିବା ୨୦୦୭ ଆଇନର ଦୁର୍ବଳ ଦିଗଗୁଡ଼ିକୁ ଦୂର କରିବାକୁ ଉଦ୍ୟମ କରାଯାଇଛି, ଯଦ୍ଦ୍ୱାରା ପରିବାରର ବୟୋବୃଦ୍ଧମାନଙ୍କର ରକ୍ଷଣାବେକ୍ଷଣ ବ୍ୟବସ୍ଥାରେ ଉନ୍ନତି ଘଟିବ । ପୃଥିବୀର ଅନ୍ୟାନ୍ୟ ଦେଶରେ ମଧ୍ୟ ଏହି ସମସ୍ୟା ବଢୁଛି ଓ ଅଧିକାଂଶ ରାଷ୍ଟ୍ର ବୁଢ଼ାବୁଢ଼ୀଙ୍କ ଅବହେଳାକୁ ରୋକିବା ପାଇଁ ଆଇନ କଲେଣି । ଭାରତରେ ଗ୍ରାମାଞ୍ଚଳଭିତ୍ତିକ ପାରମ୍ପରିକ ଯୌଥ ପରିବାର ବ୍ୟବସ୍ଥା ଧୀରେ ଧୀରେ ଭାଙ୍ଗୁଥିବାରୁ ଓ ସହରଗୁଡ଼ିକରେ ଏକକ ପରିବାର ବଢୁଥିବା ଯୋଗୁ ବରିଷ୍ଠ ନାଗରିକଙ୍କ ସମସ୍ୟା ବଢ଼ିଯାଉଛି । ଯଦିଓ ଭାରତରେ ମୋଟ ଜନସଂଖ୍ୟାରେ ଯୁବ ବୟସର ଲୋକଙ୍କ ସଂଖ୍ୟା ବେଶି ତଥାପି ହାରାହାରି ଆୟୁ ବଢୁଥିବାରୁ ଆଗାମୀ ଦିନରେ ବୁଢ଼ାବୁଢ଼ୀଙ୍କ ସଂଖ୍ୟା ଅଧିକ ହେବ ଏବଂ ସେ ଦୃଷ୍ଟିରୁ ସେମାନଙ୍କ ସୁରକ୍ଷା ସକାଶେ ଏବେଠାରୁ ପଦକ୍ଷେପ ନିଆଯିବା ଦରକାର ।

ସଂଶୋଧିତ ଆଇନର ବିଶେଷତ୍ୱ ହେଲା, ଏଣିକି ଦେଶର ସବୁ ସବ୍‌ଡିଭିଜନରେ ବରିଷ୍ଠ ନାଗରିକଙ୍କ ଅଭିଯୋଗର ସମାଧାନ କରିବାକୁ ଟ୍ରିବ୍ୟୁନାଲ ଗଠନ କରାଯିବ । ମୁଖ୍ୟତଃ ଯେଉଁ ବୁଢ଼ାବୁଢ଼ୀଙ୍କୁ ଖାଦ୍ୟ, ଆଶ୍ରୟ, ଲୁଗାପଟା, ଚିକିତ୍ସା ଆଦି ମୌଳିକ ଆବଶ୍ୟକତା କ୍ଷେତ୍ରରେ ଆତ୍ମୀୟମାନେ ଅବହେଳା କରୁଛନ୍ତି ସେମାନଙ୍କ ସମସ୍ୟା ଉପରୋକ୍ତ ଟ୍ରିବ୍ୟୁନାଲ ୯୦ ଦିନ ମଧ୍ୟରେ ତୁଟାଇବ । ଅର୍ଥାତ୍ ସେମାନଙ୍କୁ ପ୍ରଚଳିତ କୋର୍ଟ ବ୍ୟବସ୍ଥା ଦେଇ ଦୀର୍ଘଦିନ କେସ୍ ପଛରେ ଦୌଡ଼ିବାକୁ ପଡ଼ିବ ନାହିଁ । ଯଦି ଅବହେଳିତ ମାତାପିତା ନିଜ ଆୟରେ ଅଥବା ସ୍ୱ ସମ୍ପତ୍ତିରୁ ଚଳିବାକୁ ଅକ୍ଷମ ସେମାନେ ଟ୍ରିବ୍ୟୁନାଲରେ ସନ୍ତାନସନ୍ତତିଙ୍କ ବିରୋଧରେ ଅଭିଯୋଗ କଲେ ତୁରନ୍ତ ସେମାନଙ୍କୁ ନ୍ୟାୟ ମିଳିବ । ଏହି ବ୍ୟବସ୍ଥାରେ ସନ୍ତାନସନ୍ତତି ବା ଆଇନଗତ ଉତ୍ତରାଧିକାରୀଙ୍କୁ ମାଆ-ବାପାଙ୍କ ରକ୍ଷଣାବେକ୍ଷଣ ବାବଦରେ ୧୦ ହଜାର ଟଙ୍କା ଯାଏ ଦେବା ଲାଗି ଟ୍ରିବ୍ୟୁନାଲ ଆଦେଶ ଦେବେ । ଯେଉଁମାନେ ମାଆ-ବାପାଙ୍କୁ ଅବହେଳା କରିବା ବା ପରିତ୍ୟକ୍ତ ଅବସ୍ଥାରେ ଛାଡ଼ିଦେବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହେବେ ସେମାନଙ୍କୁ ୩ମାସ ଯାଏ ଜେଲଦଣ୍ଡ ଭୋଗିବାକୁ ପଡ଼ିବ । ଚିଠା ସଂଶୋଧିତ ବିଲ୍‌ରେ ଯେଉଁସବୁ ନୂଆ ବ୍ୟବସ୍ଥା କରାଯାଇଛି ସେଥିରେ ବୟୋବୃଦ୍ଧଙ୍କ ଅଧିକାରକୁ ଗୁରୁତ୍ୱ ଦେବାଲାଗି ଉଦ୍ୟମ ହୋଇଛି ।

ଭାରତରେ ଦୁଇତୃତୀୟାଂଶ ବୁଢ଼ାବୁଢ଼ୀ ପରିବାର ଲୋକଙ୍କ ଦ୍ୱାରା ଅବହେଳିତ ହେଉଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଛି । ଏକ ତୃତୀୟାଂଶଙ୍କର ଅଭିଯୋଗ ହେଲା ସେମାନେ ଆତ୍ମୀୟମାନଙ୍କ ଦ୍ୱାରା ଶାରୀରିକ ଅତ୍ୟାଚାର ଓ ଗାଳିଗୁଲଜର ଶିକାର ହୁଅନ୍ତି । ଏଣୁ ସେମାନଙ୍କ ପାଇଁ କେନ୍ଦ୍ରର ଆଇନଗତ ସୁରକ୍ଷା ଅନେକାଂଶରେ ସହାୟକ ହେବ ବୋଲି ଆଶା । କେନ୍ଦ୍ର ଓ ରାଜ୍ୟଗୁଡ଼ିକ କେବଳ ଏତିକିରେ ସୀମିତ ନରହି ବରିଷ୍ଠ ନାଗରିକଙ୍କ ପାଇଁ ବେଶି ସରକାରୀ ସୁବିଧା ମଧ୍ୟ ଦେବା ଆବଶ୍ୟକ ହେଉଛି । ସେଥିରେ ପେନ୍‌ସନଠାରୁ ଆରମ୍ଭକରି ସହରାଞ୍ଚଳରେ ସରକାରୀ ବୃଦ୍ଧ ନିବାସ ଗଠନକୁ ଗୁରୁତ୍ୱ ଦିଆଯିବା ଉଚିତ । ଆମ ସମାଜର ଓ ଆମ ସମୟର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ହେଉଛନ୍ତି ଏହି ପରିଣତ ବୟସର ନାଗରିକମାନେ । ସେମାନଙ୍କ ମୂଲ୍ୟବାନ ପରାମର୍ଶ, ହିତୋପଦେଶ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ମଙ୍ଗଳଦାୟକ ହେବ ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ
ମୋ - ୯୪୩୭୬୬୬୪୫୩

## ଏଇ ଭାରତରେ

ଅବସର ପରେ ସେବାରେ ଲାଗିଛନ୍ତି ମହାରାଷ୍ଟ୍ରର ପ୍ରାଧ୍ୟାପକ ଅଶୋକ ସୋନାୱାନେ । ନାସିକର ଏକ ଘରୋଇ କଲେଜ କେଟିଏଚ୍‌ଏମ୍‌ରୁ ୨୦୧୭ରେ ଅବସର ନେବା ପରେ ସେ ସୁନ୍ନାର ବ୍ଲକ୍ ଦେଶୱାଣ୍ଡି ଗାଁକୁ ମରୁଡିମୁକ୍ତ କରିପାରିଛନ୍ତି । ଏହି ଗାଁରେ ବର୍ଷାଦିନ ପରେ ଜଳାଭାବ ଦେଖାଯାଏ ଓ ଲୋକମାନେ ଟ୍ୟାଙ୍କର ଉପରେ ନିର୍ଭର କରନ୍ତି । କିନ୍ତୁ ଅଶୋକଙ୍କ ଉଦ୍ୟମରେ ଏହି ଗାଁରୁ ଜଳାଭାବ ସମ୍ପୂର୍ଣ୍ଣ ଦୂର ହୋଇଛି । କଲେଜରେ ଅଧ୍ୟାପନା ସମୟରେ ସେ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଭାବେ କାର୍ଯ୍ୟ କରୁଥିଲେ । ଏଣୁ ୱାଟର ହାର୍ଭେଷ୍ଟିଂ ଉପରେ ଥିବା ତାଙ୍କ ଅଭିଜ୍ଞତାକୁ ଆଧାର କରି ପାହାଡ଼ରୁ ଗଡିଯାଉଥିବା ବର୍ଷାଜଳକୁ ଅଟକାଇବା ପାଇଁ ଗାଁ ଚାରିପାଖରେ ଖାଇ ଖୋଳିଛନ୍ତି । ଗାଁର ଯୁବକମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିଛନ୍ତି । ଅଶୋକ ଏହି କାମ ୨୦୧୮ରେ ଆରମ୍ଭ କରି ୨ବର୍ଷ ମଧ୍ୟରେ ଶେଷ କରିଛନ୍ତି । ମୋଟରେ ୧୦୦ ହେକ୍ଟର ଜମିରେ ଖାଇ ଖୋଳାଯାଇ ଜଳ ସଂରକ୍ଷଣ କରାଯାଉଛି । ସ୍ଥାନୀୟ ପଞ୍ଚାୟତ ଖାଇ ଲାଗି ଏହି ଜମି ଦେଇଛି । ଖାଇ ଖୋଳାରେ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି । କିଛି ଟଙ୍କା ଲୋକଙ୍କଠାରୁ ମିଳିଛି ଓ ଆଉ ସବୁ ଅଶୋକ ତାଙ୍କ ପକେଟରୁ ଖର୍ଚ୍ଚ କରିଛନ୍ତି । ଦେଢ଼ ହଜାର ଜନସଂଖ୍ୟା ବିଶିଷ୍ଟ ଦେଶୱାଣ୍ଡିକୁ ଏବେ ମରୁଡିମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି । ଗୋଟିଏ ଖାଇରେ ହଜାର ହଜାର ଲିଟର ପାଣି ସଂରକ୍ଷିତ ହୋଇ ରହିପାରୁଛି । ଏହାଯୋଗୁ ଏହି ଗାଁ ଏବେ ଶସ୍ୟଶାମଳା ହୋଇପାରିଛି ଓ ଗାଁକୁ ଆଉ ଟ୍ୟାଙ୍କର ଆସୁନାହିଁ । ଆଉ କେତେକ ଗାଁକୁ ଏହି ଉପାୟରେ ମରୁଡିମୁକ୍ତ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି କହନ୍ତି ଅଶୋକ ।

## ୨୫ ବର୍ଷ ତଳର ଧରିତ୍ରୀ

**୧ ଅକ୍ଟୋବର ୧୯୯୫**

- ବୋସ୍‌ନିଆ ହେର୍ଜେଗୋଭିନା ପାଇଁ ଶାନ୍ତିବାହିନୀ ଗଠନ କରିବା ନିମନ୍ତେ 'ନାଟୋ' ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।
- ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କର କୋହଳ ରଣନୀତି ଓ ଢାଞ୍ଚାଗତ ମୌଳିକ ସୁବିଧା ନୀତିକୁ ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନ ପକ୍ଷରୁ ସମର୍ଥନ କରାଯାଇଛି ।
- ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ରୁଷୀୟ ଫେଡେରେଶନ ପକ୍ଷରୁ ଜୁବିଲି ପଦକ ପ୍ରଦାନ ।

# ପ୍ରଥମେ ଜୀବନ



ପ୍ରକାଶ ତ୍ରିପାଠୀ

ମୁଁ କ'ଣ ନ କରିଛି ତା' ପାଇଁ । ପ୍ରଥମରୁ ପ୍ରାଇଭେଟ ସ୍କୁଲରେ ପାଠ ପଢାଇବା ସହ ଭଲ ଟିଉଶନ ଓ କୋଚିଂ ବ୍ୟବସ୍ଥା କଲି । ସରକାରୀ କଲେଜ ବଦଳରେ ବେସରକାରୀ କଲେଜରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ପ୍ଲସ ଟୁ ସାଇନ୍ସ ପଢେଇଲି ଓ ତା' ସହ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା କୋଚିଂ ସେଣ୍ଟରରେ ମେଡିକାଲ କୋଚିଂ ବି ଦେଲି । ହେଲେ ଫଳ କ'ଣ ମିଳିଲା ? ଦୁଇ ଦୁଇ ଥର ଏଣ୍ଟ୍ରାନ୍ସ ଦେଲାଣି, କିନ୍ତୁ ସଫଳତା ପାଉନି । ଏ ଥର ବି ପରୀକ୍ଷା ଦେଇଛି, ହେଲେ ଭଲ କରିନାହିଁ ବୋଲି କହୁଛି । ଗୋଟିଏ ବୋଲି ପୁଅ, ସବୁ ସମୟ ଓ ସବୁ ସଞ୍ଚୟ ତା' ପାଇଁ ଖଟେଇଲି । ମୋ ଭାଗ୍ୟ ଖରାପ । ମୋର ସବୁ ଆଶା ଓ ସ୍ୱପ୍ନ ଧୂଳିସାତ୍ ହୋଇଗଲା । ମୋ ପାଖରେ ଆଉ ଏତେ ପଇସା ନାହିଁ ଯେ ତାକୁ ଘରୋଇ ମେଡିକାଲ କଲେଜରେ ପଢାଇ ପାରିବି । ମୋ ସହକର୍ମୀମାନେ ସେମାନଙ୍କ ଝିଅ ପୁଅମାନଙ୍କ ଗୌରବର ଗାଥା ବଖାଣିଲା ବେଳେ ମୋ ମୁହଁ ତଳକୁ ହୋଇଯାଉଛି । ଏହା ଥିଲା ମୋର ଜଣେ ବନ୍ଧୁଙ୍କ କ୍ଷୋଭଭରା ବକ୍ତବ୍ୟ, ଯାହାଙ୍କର ପୁଅ ପ୍ଲସଟୁ ପାସ କରିବା ପରେ ଦୁଇ ଦୁଇ ଥର ମେଡିକାଲ ଏଣ୍ଟ୍ରାନ୍ସରେ ଅକୃତକାର୍ଯ୍ୟ ହୋଇଛନ୍ତି । ମର୍ମାହତ ଓ ହତୋତ୍ସାହିତ ହୋଇପଡିଛନ୍ତି ସେ । ମୋ ଆଗରେ ଯାହା କହିଲେ ସେ କଥା ଆଉ କାହା ଆଗରେ କେହିବେନି କି ତୁମ ପୁଅ ଆଗରେ କେବେ ବି ଭୁଲ୍‌ରେ କହିବେନି । ମୋଠାରୁ ଏଭଳି ପ୍ରସ୍ତାବ ଶୁଣି ବନ୍ଧୁ ମୋ ଆଡକୁ ଚାହିଁଲେ । ମୁଁ ଅଧିକ କିଛି ନ କହି ତାଙ୍କ ଆଡକୁ ସେଦିନର ଖବରକାଗଜ ବଢାଇଦେଇ ଏକ ନିର୍ଦ୍ଦିଷ୍ଟ ଖବର ପଢିବାକୁ ଇସାରା କଲି । ସେ ଖବରଟା ଥିଲା ଏହିପରି । ନିଟ୍ (ନ୍ୟାଶନାଲ ଇଲିଜିବିଲିଟି କମ ଏଣ୍ଟ୍ରାନ୍ସ ଟେଷ୍ଟ) ଅନୁଷ୍ଠିତ ହେବାର ଗୋଟିଏ ଦିନ ପୂର୍ବରୁ ତାମିଲନାଡୁର ତିନିଜଣ ନିଟ୍ ଆଶାୟୀ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି । ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ଭୟରେ ସେମାନେ ପରୀକ୍ଷା ଦେବାପୂର୍ବରୁ ଆତ୍ମହତ୍ୟା କରିଥିବା ଜଣାପଡିଛି । ଖବରଟି ପଢି ବନ୍ଧୁଙ୍କ ମୁହଁ ପୂର୍ବାପେକ୍ଷା ଅଧିକ ବିଷଣ୍ଣ ଦେଖାଗଲା । ଆଖିରେ ଲୁହ ଭର୍ତ୍ତି ହୋଇ ଆସିଲା । ମୋ ହାତକୁ ଖବରକାଗଜ ବଢାଇ ଦେଇ ଚୁପଚାପ ଫେରିଗଲେ ନିଜ ଘରକୁ ।

ପାଠକେ, ପ୍ରକାଶିତ ଖବରକୁ ଏଠାରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଆବଶ୍ୟକ । ପ୍ରତିବର୍ଷ ବି ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ ହେଉଛି । ଏଇଦିନ ଆମେ ଜାଣୁ ବିଶ୍ୱରେ ପ୍ରତିଦିନ କେତେଜଣ ଆତ୍ମହତ୍ୟା କରୁଛନ୍ତି । ଏମାନଙ୍କ ମଧ୍ୟରୁ ପୁରୁଷ ସଂଖ୍ୟା କେତେ, ମହିଳା କେତେ । ଛାତ୍ରୀଛାତ୍ରଙ୍କ ସଂଖ୍ୟା କେତେ । ପରୀକ୍ଷାରେ ଅକୃତକାର୍ଯ୍ୟରୁ କେତେ ଆତ୍ମହତ୍ୟା କଲେ, ଋଣ ଶୁଝି ନ ପାରି କେତେ ଆତ୍ମହତ୍ୟା କଲେ, ପ୍ରେମରେ ବିଫଳ ଯୋଗୁ ଓ ପାରିବାରିକ କଳହରୁ କେତେ ଆତ୍ମହତ୍ୟା କଲେ ତାହା ଆମେ ଏହିଦିନ ଜାଣୁ । ଚଳିତବର୍ଷ ବିଶ୍ୱ ଆତ୍ମହତ୍ୟା ଦିବସ ପାଳିତ ହେବାର ଦୁଇଦିନ ପରେ ନିଟ୍ ପରୀକ୍ଷାର ଗୋଟିଏ ଦିନପୂର୍ବରୁ ତାମିଲନାଡୁର ଏଇ ତିନିଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କଲେ । ପରୀକ୍ଷାରେ ବିଫଳତା ଯୋଗୁ ଯଦି ସେମାନେ ଆତ୍ମହତ୍ୟା ଭଳି ପଥକୁ ବାଛିନିଅନ୍ତି ତେବେ ସେମାନଙ୍କ ମାତା-ପିତାଙ୍କ ପାଇଁ ଏହାଠାରୁ ବଳି ଅଧିକ ଯନ୍ତ୍ରଣାଦାୟକ ଘଟଣା ଆଉ କିଛି ହୋଇ ନ ପାରେ । ୧୯ ବର୍ଷୀୟା ମଦୁରାଇ ବାସିନ୍ଦା ଜ୍ୟୋତିଶ୍ରୀ ଦୁର୍ଗା ଦ୍ୱିତୀୟ ଥର ପାଇଁ ନିଟ୍ ପରୀକ୍ଷା ଦେଇଥାନ୍ତେ । ଆତ୍ମହତ୍ୟା ପୂର୍ବରୁ ଜ୍ୟୋତି ନିଜ ସୁଇସାଇଡାଲ ନୋଟ୍‌ରେ ଲେଖିଛନ୍ତି ଯେ, ସେ ନିଜ ପରିବାର ଲୋକ ଓ ଅନ୍ୟମାନଙ୍କୁ ନିରାଶ କରିବେ ଯଦି ସେ ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତକାର୍ଯ୍ୟ ନ ହେବେ । ସେଥିପାଇଁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଉଛନ୍ତି । ସେହିପରି ଧରମପୁରୀ ବାସିନ୍ଦା ୨୧ ବର୍ଷୀୟ ଏମ୍ ଆଦିତ୍ୟ ଏହାପୂର୍ବରୁ ଥରୁଟିଏ ନିଟ୍‌ରେ ଅକୃତକାର୍ଯ୍ୟ ହୋଇଥିଲା ବେଳେ ତିରୁଚେନଗୋଡେ ବାସିନ୍ଦା ମୋତିଲାଲ ଦୁଇଥର ଅକୃତକାର୍ଯ୍ୟ ହେବାପରେ ଚଳିତଥର ତୃତୀୟ ଥର ପାଇଁ ପରୀକ୍ଷା ଦେଇଥାନ୍ତେ । ହେଲେ ଚଳିତ ପରୀକ୍ଷାରେ ବସିବା ପୂର୍ବରୁ ନିଜ ପରିଶ୍ରମ ଓ ପ୍ରଚେଷ୍ଟା ଉପରେ ଭରସା ନ କରିପାରି ବିଷାଦଗ୍ରସ୍ତ ହୋଇପଡିଲେ ଓ ଆତ୍ମହତ୍ୟା ଭଳି ଏକ ଦୁର୍ଭାଗ୍ୟପୂର୍ଣ୍ଣ ପଥକୁ ଆଦରିନେବା ସହ ନିଜ ପରିବାରକୁ ଶୋକ ସାଗରରେ ବୁଡାଇ ଦେଇଗଲେ । ପ୍ରକାଶଯୋଗ୍ୟ, ଗତବର୍ଷ ପରୀକ୍ଷାରେ ବିଫଳ ହୋଇ ୧୦୩୩୫ ଛାତ୍ରୀଛାତ୍ର ଆତ୍ମହତ୍ୟା ଭଳି ଏକ ଚରମ ପଥକୁ ଆଦରି ନେଇଥିଲେ । ନ୍ୟାଶନାଲ କ୍ରାଇମ ରେକର୍ଡସ ବ୍ୟୁରୋର ତଥ୍ୟ ଅନୁଯାୟୀ ୨୦୧୮ ବର୍ଷରେ ୧୦୧୫୯ ଜଣ ଓ ୨୦୧୭ରେ ୯୯୦୫ ଛାତ୍ରୀଛାତ୍ର ହତାଶ ଓ ନିରାଶରେ ଆତ୍ମହତ୍ୟା କରିଥିଲେ । ତଥ୍ୟ କୁହେ ଆମ ଭାରତରେ ପ୍ରତିଘଣ୍ଟାରେ ଜଣେ ଛାତ୍ରୀ ଅବା ଛାତ୍ର ଆତ୍ମହତ୍ୟା କରିଥାନ୍ତି । ଏ କ୍ଷେତ୍ରରେ ମହାରାଷ୍ଟ୍ର ସବା ଆଗରେ ଥିବାବେଳେ ତା' ପଛକୁ ତାମିଲନାଡୁ ଓ ମଧ୍ୟପ୍ରଦେଶ ରହିଛି । ଉଚ୍ଚତର ଶିକ୍ଷାରେ ଏହି ଆତ୍ମହତ୍ୟା ହାର ଅଧିକ । ୨୦୧୪ରୁ ୨୦୧୯ ମଧ୍ୟରେ ୧୦ଟି ଆଇଆଇଟି ଶିକ୍ଷା ସଂସ୍ଥାରୁ ୨୭ ଜଣ ଛାତ୍ରୀ-ଛାତ୍ର ଆତ୍ମହତ୍ୟା କରିଥିବା ଖବର ପ୍ରକାଶ ପାଇଛି । ଗତବର୍ଷ ତେଲଙ୍ଗାନାରେ ଇଣ୍ଟରମିଡିଏଟ୍ ଫଳ ବାହାରିବା ପରେ ୧୯ ଜଣ ଛାତ୍ରୀଛାତ୍ର ଗୋଟିଏ ସପ୍ତାହରେ ଆତ୍ମହତ୍ୟା କରିଥିଲେ । ଦୁଇବର୍ଷ ପୂର୍ବେ ମଧ୍ୟପ୍ରଦେଶରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଗୋଟିଏ ଦିନରେ ୧୨ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ । ସେହିପରି କୋଚିଂର ହବ କୁହାଯାଉଥିବା ରାଜସ୍ଥାନର କୋଟାରେ କୋଚିଂ ନେଉଥିବା ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ବି ଚିନ୍ତାଜନକ । ୨୦୧୩ରୁ ୨୦୧୯ ମଧ୍ୟରେ ୫୮ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ । ପାଠପଢାର ଚାପ, ପରୀକ୍ଷାରେ ବିଫଳତା ଏହି ଆତ୍ମହତ୍ୟାର ପ୍ରମୁଖ କାରଣ ବୋଲି କୁହାଯାଏ ।

ଗତ କିଛିବର୍ଷଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି । ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢା ଚାପ, ପରୀକ୍ଷା ଚାପ, ପାଠପଢା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଧରାଯାଇଥାଏ । ପିଲାଙ୍କ ପାଠପଢାରେ ମୋଟା ଅଙ୍କର ପୁଞ୍ଜିନିବେଶକୁ ବର୍ତ୍ତମାନ ସମୟରେ ଅନେକ ଅଭିଭାବକ ଏକ ବ୍ୟବସାୟିକ ସ୍ତରକୁ ନେଇ ଭବିଷ୍ୟତରେ ପୁଳା ପୁଳା ଟଙ୍କା ଆମଦାନୀର ଲକ୍ଷ୍ୟ ରଖିବା ଆଢୁଆଳରେ ପିଲାମାନଙ୍କ ମାନସିକ ସ୍ଥିତି ଯେ ବିଗିଡି ଯାଉଛି ତାହା ଉପଲବ୍ଧି କରିବାକୁ କେହିନାହାଁନ୍ତି । ପ୍ରାଥମିକ ଶିକ୍ଷା ଆରମ୍ଭରୁ ପିଲାମାନଙ୍କୁ କେବଳ ପାଠପଢା ଓ ଟିୟୁଶନରେ ସୀମିତ ରଖାଯାଏନାହିଁ । ସେମାନଙ୍କୁ ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ ତାଲିମ ପ୍ରଦାନ ସହ ପ୍ରତିଟି କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଦିଆଯାଇଥାଏ । ପିଲାଟିବେଳୁ ସେମାନଙ୍କୁ ହସଖୁସିର ବାତାବରଣ ଅପେକ୍ଷା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରିବେଶରେ ଚାପଗ୍ରସ୍ତ ଭାବେ ବଢିବାକୁ ଦିଆଯାଏ ।

ଆଉ ନୁହେଁ, ଆମ ପିଲାଙ୍କ ଉପରେ ଆଉ ଚାପ ସୃଷ୍ଟି କରା ନ ଯାଉ । ସେମାନଙ୍କ ଇଚ୍ଛାକୁ ସମ୍ମାନ ଦିଆଯାଉ । ସେମାନଙ୍କ ପାଠ୍ୟ ଖସଡାରେ ଆଧ୍ୟାତ୍ମିକତା ତଥା ଜୀବନ ଦର୍ଶନକୁ ସ୍ଥାନିତ କରାଯାଉ । ପିଲାମାନଙ୍କର ମାନସିକ ଅବସ୍ଥାକୁ ବୁଝି ଯଥାସମ୍ଭବ ସେମାନଙ୍କୁ ଚାପଶୂନ୍ୟ ରଖାଯାଉ । ଦେଶର ଭବିଷ୍ୟତ କୁହାଯାଉଥିବା ଯୁବସମାଜକୁ ସୁସ୍ଥ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ । ପ୍ରଥମେ ଜୀବନ, ପରେ ଆଉ ଯାହାକିଛି, ଏହାର ଗୁରୁତ୍ୱକୁ ସମସ୍ତେ ବୁଝନ୍ତୁ ।

ମୋ-୯୪୩୭୨୩୨୪୬୩

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | | | 8 | | 4 | | 2 | 7 | | | C | |
| 9 | | | | | | | | | | | 4 | | 7 | |
| C | E | 3 | | | | 1 | | | 5 | | 0 | 6 | | 2 |
| | | | | | | | C | 2 | | | | | E | 9 |
| | 5 | | | | | 0 | | 3 | | A | | 8 | | |
| | C | 9 | | | | | 6 | | A | | | 7 | D | |
| 6 | 4 | | C | | | | | | | | 5 | | 3 | 8 |
| 1 | | 8 | | | 6 | | | | | 4 | | 9 | | E |
| | | | | | 5 | D | B | | | | C | | | |
| B | | | | | | 8 | | 9 | 3 | 1 | | | | |
| | 8 | | | | C | | | E | | 5 | 7 | 1 | | |
| 5 | B | | | | E | 6 | | | | C | 9 | | A | |
| | | | | 4 | | | 0 | 1 | | | 3 | | 6 | |
| | | 4 | | | | 2 | | | | | A | 0 | | |
| | | 0 | | | | | | 5 | 4 | D | | C | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 4 | 2 | A | 3 | 7 | 9 | B | D | C | 8 | E | 0 | 5 | 1 |
| 1 | 7 | 9 | 5 | 6 | B | 3 | 8 | A | 4 | 0 | 2 | E | D | C |
| 5 | 0 | E | 4 | 8 | 9 | 7 | 2 | C | B | 1 | D | 3 | 6 | A |
| A | 3 | C | 2 | D | 0 | 6 | E | 1 | 7 | 5 | 9 | 8 | B | 4 |
| B | 8 | D | E | 1 | C | 5 | 4 | 0 | A | 3 | 6 | 7 | 9 | 2 |
| 7 | 6 | 8 | 3 | 2 | 1 | D | C | 4 | 9 | B | A | 5 | 0 | E |
| 0 | 5 | 1 | 7 | B | D | E | A | 6 | 8 | C | 4 | 2 | 3 | 9 |
| 2 | C | B | 9 | 5 | 6 | 1 | 3 | 8 | D | E | 0 | 4 | A | 7 |
| E | 9 | A | C | 4 | 8 | 0 | 7 | 2 | 5 | 6 | 3 | B | 1 | D |
| 3 | D | 4 | 0 | E | A | B | 9 | 5 | 2 | 7 | 1 | 6 | C | 8 |
| 9 | B | 6 | 1 | 7 | 2 | A | 5 | 3 | E | 4 | C | D | 8 | 0 |
| 8 | 2 | 0 | 6 | A | 4 | C | 1 | 7 | 3 | D | B | 9 | E | 5 |
| 4 | 1 | 3 | D | 9 | 5 | 2 | 0 | E | 6 | A | 8 | C | 7 | B |
| D | A | 7 | B | C | E | 8 | 6 | 9 | 0 | 2 | 5 | 1 | 4 | 3 |
| C | E | 5 | 8 | 0 | 3 | 4 | D | B | 1 | 9 | 7 | A | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରହୁନି ସାମାଜିକ ଦୂରତ୍ୱ, ପିନ୍ଧୁନାହାନ୍ତି ମାସ୍କ

ମହାଶୟ,

ବିଶ୍ୱ ମହାମାରୀ କରୋନା କଟକଣାକୁ ଆଉ କେହି ମାନୁନାହାନ୍ତି । ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପ୍ରଶାସନିକ ଉଦାସୀନତାର ସୁଯୋଗ ନେଇ ବାହାରେ ବୁଲୁଥିବା ଜନସାଧାରଣଙ୍କ ମଧ୍ୟରୁ ଅଧିକାଂଶ ମାସ୍କ ବ୍ୟବହାର କରୁନଥିବା ବେଳେ ସବୁଠି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ହେଉଥିବା ପରିଲକ୍ଷିତ ହେଉଛି । ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ କଟକଣାକୁ ଫୁ କରି ଦେଇଛନ୍ତି ସତ୍ୟବାଦୀ (ସାକ୍ଷୀଗୋପାଳ)ଅଞ୍ଚଳର ଜନସାଧାରଣ । ଶଟଡାଉନ ସମୟରେ ବଜାର ଓ ଗ୍ରାମାଞ୍ଚଳର ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଥିଲା । ଗତ କିଛିଦିନ ଧରି ଅମାନିଆ ବ୍ୟବସାୟୀମାନେ ଗ୍ରାମାଞ୍ଚଳ ଓ ସତ୍ୟବାଦୀ ବଜାରରେ ଖୁଲମଖୁଲା ବେପାର ଚଳାଇଥିବା ବେଳେ ପ୍ରଶାସନ ସବୁ ଦେଖି ନୀରବଦ୍ରଷ୍ଟା ସାଜିଛି । ଗ୍ରାମାଞ୍ଚଳର ଅମାନିଆ ବ୍ୟବସାୟୀଙ୍କ ବିରୋଧରେ ସ୍ଥାନୀୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଜନସାଧାରଣରେ ଚର୍ଚ୍ଚା ଚାଲିଛି । ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟ କଳାପ ପ୍ରତି ରାଜ୍ୟ ସରକାର, ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସତ୍ୟବାଦୀ ଅଞ୍ଚଳବାସୀ ଦାବି କରିଛନ୍ତି ।

ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ମରମେ ମୋହର ଅମୃତ ଗଲା ବରଷି
ଶତ ଧାରେ
କିବା ଉତ୍ସବେ ଉଠିଲା ଏ ଦେହ ହରଷି
ବାରେ ବାରେ ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪.୩୪ ଲକ୍ଷ କୋଟି ଋଣ କରିବେ ସରକାର

**ନୂଆଦିଲ୍ଲୀ,୩୦।୯**

ଆର୍ଥିକ ବର୍ଷ ୨୦୨୦-୨୧ର ଦ୍ୱିତୀୟାର୍ଦ୍ଧରେ କେନ୍ଦ୍ର ସରକାର ୪.୩୪ ଲକ୍ଷ କୋଟି ଟଙ୍କାର ଋଣ କରିବେ। କୋଭିଡ୍ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ଦେଇ ଗତି କରୁଛି। ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏଭଳି ଋଣ କରାଯିବା ନେଇ ଯୋଜନା ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଚଳିତ



**ମୋଟ ଋଣ ୧୨ ଲକ୍ଷ କୋଟି ଟଙ୍କା ରହିବ**

ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ମୋଟ ୧୨ ଲକ୍ଷ କୋଟି ଟଙ୍କା ଋଣ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିବା ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ କହିଛନ୍ତି। ସେପ୍ଟେମ୍ବର ସୁଦ୍ଧା ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ସରକାର ୭.୬୬ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି। ଦ୍ୱିତୀୟାର୍ଦ୍ଧରେ ଆଉ ୪.୩୪ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ଯୋଜନା ରଖାଯାଇଛି।

ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ମୋଟ ଋଣର ୫୮% ଡେଟେଡ ସିକ୍ୟୁରିଟି ଦ୍ୱାରା ସଂଗ୍ରହ କରାଯାଇଛି। ଏପ୍ରିଲ-ସେପ୍ଟେମ୍ବର ସମୟରେ ସରକାରଙ୍କ ଋଣ ୭.୬୬ ଲକ୍ଷ କୋଟି ଟଙ୍କା ରହିଛି। କୋଭିଡ୍ ସଂକ୍ରମଣ ବଢିବା ଯୋଗୁ ସରକାର ଯୋଜନାରେ ମଧ୍ୟ ପରିବର୍ତ୍ତନ କରିଛନ୍ତି। ବଜାରରୁ ଋଣ ଉଠାଇବା ଯୋଜନାକୁ ୫୦%ରୁ ଊର୍ଦ୍ଧ୍ୱ କରାଯାଇ ମୋଟ ୧୨ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଚଳିତ ଆର୍ଥିକ ବର୍ଷ ବିତ୍ତୀୟ ନିଅଣ୍ଟ ୭.୮୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ବଜେଟରେ ନିର୍ମଳା ସୀତାରାମନ କହିଥିଲେ। ଏହା ୨୦୧୯-୨୦ରେ ୭.୧ଲକ୍ଷ କୋଟି ଟଙ୍କା ରହିଥିଲା। ସରକାର ବିତ୍ତୀୟ ନିଅଣ୍ଟକୁ ଭରଣାକରିବା ଲାଗି ଡେଟେଡ୍ ସିକ୍ୟୁରିଟି ଆଣ୍ଡ ଟ୍ରେଜେରି ବିଲ୍ ଦ୍ୱାରା ପୁଞ୍ଜି ଉଠାଣ କରୁଛନ୍ତି।

### ଏପ୍ରିଲ-ଅଗଷ୍ଟ ବିତ୍ତୀୟ ନିଅଣ୍ଟ ବଜେଟ ଲକ୍ଷ୍ୟର ୧୦୯%

ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଅଗଷ୍ଟ ମାସ ମଧ୍ୟରେ ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୦୯% ଟପିଛି। ଏହି ସମୟରେ ବିତ୍ତୀୟ ନିଅଣ୍ଟ ୮.୭ ଲକ୍ଷ କୋଟି ଟଙ୍କା ରହିଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ସରକାରଙ୍କ ନେଟ୍ ଟିକସ ସଂଗ୍ରହ ୨.୮୪ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ମୋଟ ଖର୍ଚ୍ଚ ୧୨.୫ ଲକ୍ଷ କୋଟି ଟଙ୍କା ରହିଛି। କରୋନା ଯୋଗୁ ଟିକସ ସଂଗ୍ରହ କମିଥିବା ବେଳେ ସରକାରଙ୍କ ଖର୍ଚ୍ଚ ବଢିଛି। ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୮% ରହିବ ବୋଲି ଅର୍ଥ ବିଶେଷଜ୍ଞଙ୍କ ଦ୍ୱାରା ଆକଳନ କରାଯାଇଛି। ବିତ୍ତୀୟ ନିଅଣ୍ଟ ୩.୫% ରହିବ ବୋଲି ସରକାର ତାଙ୍କ ଆକଳନରେ କହିଛନ୍ତି।

# ହୋଣ୍ଡା ହାଇନେସ୍-ସିବି ୩୫୦

**ନୂଆଦିଲ୍ଲୀ,୩୦।୯**




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍(ଏଚ୍ଏମ୍ଏସ୍ଆଇ) ପକ୍ଷରୁ ନୂଆ ହୋଣ୍ଡା ହାଇନେସ୍-ସିବି ୩୫୦ ମଡେଲର ଶୁଭାରମ୍ଭ କରାଯାଇଛି। ହୋଣ୍ଡା ମୋଟର କମ୍ପାନୀ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ଚିଫ୍ ଅଫିସର (ମୋଟର ସାଇକେଲ ବିଜ୍‌ନେସ କାରବାର) ନୋରିଆକି ଆବେ ଓ ହୋଣ୍ଡା ମୋଟର କମ୍ପାନୀର ଅପରେଟିଂ ଅଫିସର ମାସାୟୁକି ଇଗାରାଶି ଭର୍ଚୁଆଲ କାର୍ଯ୍ୟକ୍ରମରେ ଏହି ଯାନଟିକୁ ଉନ୍ମୋଚନ କରିଥିଲେ। ଏହାଦ୍ୱାରା କମ୍ପାନୀ ମଧ୍ୟମ ବର୍ଗ ମୋଟର ସାଇକେଲ ସେଗ୍‌ମେଣ୍ଟରେ ପ୍ରବେଶ କରିଛି। ହୋଣ୍ଡା ବିଗ୍ ୱିଂଗର ତୃତୀୟ ବିଏସ୍-୬ ମଡେଲ ସ୍ୱରୂପ କମ୍ପାନୀ ପକ୍ଷରୁ ଏହି ଯାନରେ ୯ଟି ନୂଆ ପେଟେଣ୍ଟ ପ୍ରୟୋଗ କରାଯାଇଛି। ନୂଆ ମଡେଲଟିରେ ସଦ୍ୟତମ ପ୍ରଯୁକ୍ତି ବ୍ୟବହାର କରାଯାଇଥିବା ହୋଣ୍ଡା ମୋଟର ସାଇକେଲ ଏବଂ ସ୍କୁଟର ଇଣ୍ଡିଆର ସିଇଓ ଅତଶୁଶି ଓଗାତା ସୂଚନା ଦେଇଛନ୍ତି। ଏଥିରେ ଗ୍ରାହକ ଅତୁଳନୀୟ ପରମ୍ପରାନ୍ଵ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀର ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି। ଏହି ମଡେଲରେ ୩୫୦ ସିସିର ୪ ଷ୍ଟ୍ରୋକ ଓଏଚ୍‌ସି ସିଙ୍ଗଲ ସିଲିଣ୍ଡର ଇଞ୍ଜିନ, ପିଜିଏମ୍ ଏଫ୍ଆଇ ପ୍ରଯୁକ୍ତି, ହୋଣ୍ଡାର ସିଲେକ୍ଟେବଲ ଟର୍କ କଣ୍ଟ୍ରୋଲ, ସ୍ମାର୍ଟଫୋନ ଭଏସ୍ କଣ୍ଟ୍ରୋଲ ସିଷ୍ଟମ ରହିଛି। ହୋଣ୍ଡା ବିଗ୍ ୱିଂଗ ଡିଲରଶିପ ଏବଂ ୱେବ୍‌ସାଇଟରେ ଗ୍ରାହକ ଏହାକୁ ବୁକିଂ କରିପାରିବେ। ଡିଏଲ୍ଏକ୍ସ ଏବଂ ଡିଏଲ୍ଏକ୍ସ ପ୍ରୋ ଭଳି ୨ଟି ଭାରିଆଣ୍ଟରେ ଏହା ଆସିଛି। ମଡେଲଟିରେ କମ୍ପାନୀ ୬ ବର୍ଷିଆ ୱାରେଣ୍ଟି ମଧ୍ୟ ପ୍ରଦାନ କରୁଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୬୫.୪%

**ଭୁବନେଶ୍ୱର,୩୦।୯:** ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଜୁଲାଇ ମାସରେ ୩୩୬ ପଏଣ୍ଟ ଥିଲା। ଏହା ୨ ପଏଣ୍ଟ ବଢ଼ି ଅଗଷ୍ଟରେ ୩୩୮ ପଏଣ୍ଟ ଛୁଇଁଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୬୨ ପଏଣ୍ଟ ଥିଲା। ଏଥିରେ ୩ ପଏଣ୍ଟ ବୃଦ୍ଧି ପାଇ ୩୬୫ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୩୧ ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବୃଦ୍ଧି ପାଇ ୩୩୨ ପଏଣ୍ଟ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୯.୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫.୫% ବୃଦ୍ଧି ପାଇ ୧୬୫.୪% ହୋଇଛି। ଏହି ଡିଏ ସେମାନେ ଚଳିତ ବର୍ଷ ଅକ୍ଟୋବର ପହିଲାରୁ ପାଇବେ। ବର୍ତ୍ତମାନ ବ୍ୟାଙ୍କ କର୍ମଚାରୀମାନେ ୭୭.୫% ମହଙ୍ଗା ଭତ୍ତା ପାଉଛନ୍ତି। ସଂଶୋଧିତ ହାରରେ ସେମାନେ ନଭେମ୍ବର ପହିଲାରୁ ୭୩.୫୯% ଭତ୍ତା ପାଇବେ। ସେହିଭଳି ବୀମା କର୍ମଚାରୀମାନେ ବର୍ତ୍ତମାନ ୭୦.୮% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୪% ବୃଦ୍ଧି ଘଟି ୭୪.୮% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ଅଧିକାଂଶ ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ୧୦% ଭତ୍ତା ବୃଦ୍ଧି ହୋଇ ୨୭% ହୋଇଛି। ବର୍ଦ୍ଧିତ ଡିଏ ମଧ୍ୟରୁ ୪% ପିଛିଲା ଭାବେ ଚଳିତ ବର୍ଷ ଜାନୁୟାରୀ ଏବଂ ଅବଶିଷ୍ଟ ୩% ଜୁଲାଇ ପହିଲାରୁ ଏବଂ ଆଉ ଅବଶିଷ୍ଟ ୩%, ୨୦୨୧ ଜାନୁୟାରୀ ପହିଲାରୁ କର୍ମଚାରୀମାନେ ପାଇବେ।

# କୋର୍ ସେକ୍ଟର ୮.୫% ଖସିଲା

**ନୂଆଦିଲ୍ଲୀ,୩୦।୯:** ଗତ ୬ ମାସ ହେବ ଦେଶର କୋର୍ ସେକ୍ଟର ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ଲଗାତର ହ୍ରାସ ହେଉଛି। ଅଗଷ୍ଟ ମାସରେ ଏହା ୮.୫% ଖସିଥିବା ଜଣାପଡ଼ିଛି। ଇସ୍ପାତ, ରିଫାଇନେରି ଉତ୍ପାଦ ଏବଂ ସିମେଣ୍ଟ ଉତ୍ପାଦନ ବାଧାପ୍ରାପ୍ତ ହେବାରୁ ଏଭଳି ସ୍ଥିତି ଉପୁଜିଥିବା ସରକାର ପ୍ରଦାନ କରିଥିବା ଡାଟାରୁ ସାମ୍ନାକୁ ଆସିଛି। ୨୦୧୯ ଅଗଷ୍ଟରେ ୮ କୋର୍ ସେକ୍ଟର ଶିଳ୍ପ ୦.୨% ହ୍ରାସ ହୋଇଥିଲା ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। କୋଇଲା ଏବଂ ସାରକୁ ଛାଡିଲେ ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ଷ୍ଟିଲ, ସିମେଣ୍ଟ ଏବଂ ଇଲେକ୍ଟ୍ରିସିଟି କ୍ଷେତ୍ର ଅଭିବୃଦ୍ଧି ନକାରାତ୍ମକ ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଏହି କ୍ଷେତ୍ରଗୁଡିକରେ ୧୭.୮% ହ୍ରାସ ହୋଇଛି। ଏହା ଗତ ଆର୍ଥିକ ବର୍ଷ ସମାନ ଅବଧିରେ ୨.୫% ରହିଥିଲା।

# +୨କଳା ଟପ୍ପରଙ୍କୁ ରୁଚି ପ୍ରତିଭା ସମ୍ମାନ

**କଟକ,୩୦।୯**

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ପ୍ରକାଶିତ +୨ କଳାର ରାଜ୍ୟ ଟପ୍ପର ସମ୍ଭାବନା ସାହୁଙ୍କୁ ରୁଚି ପ୍ରତିଭା ଫାଉଣ୍ଡେଶନ ତରଫରୁ ଚଳିତ ବର୍ଷର ରୁଚି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶାର ପ୍ରମୁଖ ମସଲା ଶିଳ୍ପୋଦ୍ୟୋଗ ରୁଚି ଦ୍ୱାରା ସଂସ୍ଥାପିତ ଫାଉଣ୍ଡେଶନ ପକ୍ଷରୁ ଏହି ସମ୍ମାନ ପ୍ରତି ବର୍ଷ ପ୍ରଦାନ କରାଯାଉଛି।



ସଂସ୍ଥାର ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ଯାଜପୁର ଜିଲା ପାଣିକୋଇଲିସ୍ଥିତ ମା'ତାରିଣୀ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ସମ୍ଭାବନା ସାହୁଙ୍କୁ ରୁଚି ପ୍ରତିଭା ସମ୍ମାନ ଫଳକ, ମାନପତ୍ର, ଅର୍ଥରାଶି ସହ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟର ପ୍ରତିଭାବାନ୍ ବିଦ୍ୟାର୍ଥୀଙ୍କୁ ପ୍ରେରଣା ଦେଇ ଏହି ଅନୁଷ୍ଠାନ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରୁଛି ବୋଲି ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ଶରତ କୁମାର ସାହୁ ମତ ଦେଇଛନ୍ତି।

## ରାଜ୍ୟ ଖବର

# ତଦନ୍ତରେ ଶିଥିଳତା ନେଇ ହାଇକୋର୍ଟଙ୍କ ଅସନ୍ତୋଷ

**କଟକ ଅଫିସ, ୩୦।୯:** ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ଘଟଣା ସଂକ୍ରାନ୍ତ ଜନସ୍ୱାର୍ଥ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ଏହି ଘଟଣାରେ ପୋଲିସର ଶିଥିଳ ତଦନ୍ତ ନେଇ ବିଚାରପତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣେ ଡିସିପି ପାହ୍ୟା କିମ୍ବା ଏହାଠୁ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତର ଅଗ୍ରଗତି କରିବାକୁ ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଏବଂ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସଂକ୍ରାନ୍ତ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସନ୍ତା ୭ତାରିଖ ସୁଦ୍ଧା ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଅକ୍ଟୋବର ୧୨ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ଆଇନଜୀବୀ ଗୌତମ ସିଦ୍ଧିକଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଘଟଣାର ତଦନ୍ତ ଅଗ୍ରଗତି ସମ୍ପର୍କରେ ପ୍ରାରମ୍ଭିକ ଶୁଣାଣି କରି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ

**ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲା**

ସେପ୍ଟେମ୍ବର ୨୮ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ବୁଧବାର ରିପୋର୍ଟ ଦାଖଲ କରାଯାଇଥିଲା। ଗଣବଳାତ୍କାରର ୧୨୦ ଦିନ ପରେ ଏତଲା ରୁଜୁ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଆବେଦନକାରୀ ତଥା ଆଇନଜୀବୀ ସିଦ୍ଧିକ ଉକ୍ତ ମାମଲା ପରିଚାଳନା କରୁଛନ୍ତି।

# ତଥ୍ୟ ସଂଗ୍ରହ ଆଳରେ ତଥ୍ୟ ଲୁଚାଉଛନ୍ତି ସରକାର

**ଭୁବନେଶ୍ୱର,୩୦।୯(ବ୍ୟୁରୋ):** ସରକାର ତଥ୍ୟ ସଂଗ୍ରହ ଆଳରେ ତଥ୍ୟ ଲୁଚାଇବାକୁ ଚେଷ୍ଟା କରୁଥିବା କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ବୁଧବାର ବିଧାନସଭାରେ ଅଭିଯୋଗ ଆଣିଥିଲେ। ସେ କହିଲେ, କରୋନା ପ୍ରସଙ୍ଗରେ ସରକାର ତଥ୍ୟ ଲୁଚାଉଛନ୍ତି। ପ୍ରତି ଜିଲାରେ କେତେ ଟିଏମ୍‌ସି ହୋଇଥିଲା ଓ କେତେ ପ୍ରବାସୀ ଶ୍ରମିକ ପଞ୍ଜୀକୃତ ହୋଇଥିଲେ ତାହାର ଉତ୍ତରରେ ସରକାର ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି। ଲୋକମାନେ ପୋକମାଛି ଭଳି ମରୁଥିଲେ ମଧ୍ୟ ବିଧାୟକ ଓ ମନ୍ତ୍ରୀମାନେ ତଥ୍ୟ ଦେବାକୁ ପ୍ରସ୍ତୁତ ନୁହନ୍ତି। ପ୍ରତିଦିନ ୧୦ ହଜାରରୁ ଅଧିକ ଲୋକ ପଜିଟିଭ୍ ବାହାରୁଥିବାବେଳେ ସରକାର କେବଳ ୩ ହଜାର ରିପୋର୍ଟ ଦେଖାଉଛନ୍ତି। ଟେଷ୍ଟ ସଂଖ୍ୟା ମଧ୍ୟ ଦିନକୁ ଦିନ କମୁଛି। ଅତିକମ୍‌ରେ ରାଜ୍ୟ ଜନସଂଖ୍ୟାର ୧୮% କୋଭିଡ୍ ଦ୍ୱାରା ଆକ୍ରାନ୍ତ ହୋଇଥିବା ସେ କହିଥିଲେ। ବିଧାନସଭା ପ୍ରଥମ ଦିନରେ କରୋନା ମୁକାବିଲା ନେଇ ବିରୋଧୀ ଦଳ ପକ୍ଷରୁ ବହୁ ପ୍ରଶ୍ନ ପଚରା ଯାଇଥିଲା। ମାତ୍ର ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହାର ଉତ୍ତର ନ ଥିଲା। ଅଧିକାଂଶ ପ୍ରଶ୍ନର ଉତ୍ତରରେ 'ତଥ୍ୟ ସଂଗ୍ରହ କରାଯାଉଛି' ବୋଲି କୁହାଯାଇଥିଲା।

# ବିପିଏଲ୍ ଚାଉଳ ପାଇଁ ବାପାଙ୍କୁ ହତ୍ୟା

**ବିଞ୍ଝାରପୁର/ସିଂହପୁର, ୩୦।୯ (ଡି.ଏନ୍.ଏ.):** ବିପିଏଲ୍ ଚାଉଳ ପାଇଁ ବାପାଙ୍କ ବେକକୁ କଟୁରିରେ ହାଣି ହତ୍ୟା କରିଛି ପୁଅ। ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ବାଛୋଳ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବାଇଧର ବେହେରା(୫୫)ଙ୍କୁ ତାଙ୍କ ସାନପୁଅ ଗୁରୁଚରଣ ମଙ୍ଗଳବାର କଟୁରିରେ ହାଣି ହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମାମଲା (୩୦୬/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବାଇଧର ନିଜର ଦୁଇ ପୁଅଙ୍କ ନିକଟରେ ମାସିକିଆ ପାଳି କରି ରହୁଥିଲେ। କିଛିଦିନ ତଳେ ବଡ଼ପୁଅଙ୍କ ପାଳି ସରିଯାଇଥିବା ବେଳେ ସାନବୋହୂ ବାପଘରକୁ ଯାଇଥିବାରୁ ବାଇଧର ଖାଇବାରେ ହଇରାଣ ହେଉଥିଲେ। ମଙ୍ଗଳବାର ବାଇଧର ବିପିଏଲ୍ ଚାଉଳ ଆଣିଥିବା ବେଳେ ଗୁରୁଚରଣ ତାଙ୍କୁ ଚାଉଳ ମାଗିଥିଲେ। କିନ୍ତୁ ସେ ନ ଦେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପରେ ଗୁରୁଚରଣ ଓ ତାଙ୍କର ଜଣେ ବନ୍ଧୁ ମିଶି ବାଇଧରଙ୍କୁ ଆକ୍ରମଣ କରିଥିଲେ।

**ଅଭିଯୁକ୍ତ ସାନପୁଅ ଫେରାର**

ଗୁରୁଚରଣ ଏକ କଟୁରିରେ ବାଇଧରଙ୍କ ବେକକୁ ଚୋଟ ପକାଇବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସକାଳୁ ବାପାଙ୍କ ମୃତଦେହ ଘର ଭିତରେ ପଡ଼ିଥିବା ଦେଖି ବଡ଼ପୁଅ ପୋଲିସକୁ ଖବର ଦେଇଥିଲେ। ବଡ଼ପୁଅଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗୁରୁଚରଣ ଫେରାର ଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରିନାହିଁ।


**ZILLA SWASTHYA SAMITI, DHENKANAL**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

**Notice No. 6520** **Date: 30.09.2020**

**TENDER CALL NOTICE FOR SUPPLY OF IEC-BCC MATERIALS**

No. E-277: Sealed tenders are invited from reputed registered firms/agencies/dealers having adequate experience in taking up the works for supply of IEC Materials under National Health Mission, Dhenkanal, having valid GSTIN/PAN. The last date for receiving the tender document by the office of the undersigned is **15.10.2020 till 5.30 P.M.** and the same will be opened on **16.10.2020 at 11 A.M.** The detail terms & conditions can be downloaded from the website **www.dhenkanal.nic.in**. The undersigned is not responsible for any postal delay. The undersigned reserves the right to reject any or all the proposals without assigning any reason thereof.

**Sd./- CDM & PHO-cum-District Mission Director, Dhenkanal**
OIPR-10059/11/0006/2021

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

AIIMS/BBSR/EE(Elec)/Exam Hall//085/2020 Dated: 29th Sep 2020

**NOTICE INVITING e-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Electrical Items for Modification of Maintenance Workshop to use as Examination Hall at Hospital Complex of AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.** Sd/-
**Executive Engineer (Electrical)**
**AIIMS, Bhubaneswar**

**ତହସିଲ କାର୍ଯ୍ୟାଳୟ, ଭଟଲି**
ବିଜ୍ଞାପନ ସଂଖ୍ୟା 1605 ତାରିଖ 29.09.2020

**ଇସ୍ତାହାର**

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅଧୀନସ୍ଥ ଭଟଲି ତହସିଲ ଅନ୍ତର୍ଗତ ସାରଣୀ-୧ରେ ଲିଖିତ ଉତ୍ସଗୁଡିକ ସନ ୨୦୨୦-୨୧ ଆର୍ଥିକବର୍ଷଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦୀ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତିବିଶେଷ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ୨୦୧୬ ଆଇନ ଅନୁଯାୟୀ) ଫର୍ମ ନଂ. M ପୂରଣ କରି ତିନି କପି ସହ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଉପର ଭାଗରେ ସୈରାତ ଉତ୍ସର ନାମ ପୃଥକ୍ ପୃଥକ୍ ଭାବେ ଲେଖି ଜଉମୁଦ ଲଫାପା ଜରିଆରେ ତହସିଲଦାର, ଭଟଲି ଠିକଣାରେ କେବଳ (Speed Post/Regd. Post) ମାଧ୍ୟମରେ ଆସନ୍ତା ତା୨୧।୧୦।୨୦୨୦ରିଖ ଅପରାହ୍ନ ଘ.୫.୦୦ମି. ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ । ତହସିଲ କାର୍ଯ୍ୟାଳୟରେ ତା୨୨।୧୦।୨୦୨୦ରିଖ ଦିବା ଘ.୧୧.୦୦ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବନାହିଁ । ତନଖି ସମୟରେ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ କ୍ରମେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଅନୁପସ୍ଥିତ ରହିଲେ ମଧ୍ୟ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ । ଏହି ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବରଗଡ଼ ଜିଲ୍ଲା ୱେବ୍‌ସାଇଟ (www.bargarh.nic.in) ଏବଂ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ ।

**ସ୍ୱା./- ତହସିଲଦାର, ଭଟଲି**

**GOVERNMENT OF ODISHA** No. B-311

**INVITATION FOR BIDS (IFB)**
**'e' PROCUREMENT NOTICE**
**Bid Identification No. E.E. JSPR(R&B) - 10/2020-21**

| | | | |
|---|---|---|---|
| 1. | Name of Work | : | Building works for the year 2020-21 |
| 2. | No. of Works | : | 01 (One) No. |
| 3. | Estimated Cost | : | Above Rs.10.00 lakhs upto Rs.50.00 lakhs (Approx) |
| 4. | Period of Completion | : | Work wise mentioned in NIT |
| 5. | Class of Contractors | : | (Civil) "D" & "C" (Work wise mentioned in NIT) |
| Other details as follows: | | | |
| 6. | Date & time of availability of bid documents in portal | : | 07.10.2020 at 11.30 A.M. |
| 7. | Last date/time for receipt of bids in portal | : | 21.10.2020 upto 05.00 P.M. |
| 8. | Opening of Bid documents | : | 22.10.2020 at 11.30 A.M. |
| 9. | Procurement Officer | : | Executive Engineer, Jagatsinghpur (R&B) Division, Jagatsinghpur with E-mail address: **eerbjspr@gmail.com** |

Further details can be seen from the Govt. website **tendersorissa.gov.in**.

**Sd./- Executive Engineer**
**Jagatsinghpur (R&B) Division**
**OIPR-34093/11/0010/2021**

**ZILLA SWASTHYA SAMITI, BALASORE**
**Tender Call Notice**

Sealed tenders are invited from interested firms/suppliers/proprietors having adequate experience intaking up of work for printing and supply of IEC/BCC materials and other materials for the year 2020-21 of Balasore District as per specification given in tender paper along with terms & condition will be available in the district website www.baleswar.nic.in. The bid document should reach to the O/o the undersigned latest by 09.10.2020 upto 5.00 P.M. through Speed Post/Registered Post only & it will be opened on 12.10.2020 at 11.00 A.M. in chamber of the undersigned. The authority reserves every right to accept or reject any / all bids without assigning any reason thereof. The authority will not be held responsible for any postal delay.

**Sd./- Chief District Medical & Public Health Officer, Balasore**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER GANJAM, BERHAMPUR**
**ZILLA SWASTHYA SAMITI, GANJAM, BERHAMPUR**
No.14689 Date: 30.9.20

**TENDER CALL NOTICE**

Sealed tenders are invited in the prescribed format from the registered firms/agencies for supply of Double Battery Inverter & Generator. Details about the items, specifications, Terms & conditions can be downloaded from the district NIC website http://ganjam.nic.in under the CDM & PHO link. Sealed tenders along with tender paper cost of Rs.1000/- and EMD money of Rs.10,000/- in favour of "ZSS (Misc.) Account, Ganjam (A/C No.30249462288)" should reach in the Office of the CDM & PHO, Ganjam by Dt.27.10.2020 (05.00 P.M.) through Registered Post/Speed Post only and the tender will be opened on the date 28.10.2020 (11.30 A.M.) in presence of bidders or their authorized representatives. The sealed cover should be superscribed on the top of the envelope as "Tender for Supply of Double Battery Inverter & / or Generator". The authority reserves the right to accept or reject any or all the tenders without assigning any reason thereof.

**Sd./- Chief District Medical & Public Health Officer-cum-DMD, Ganjam**

**OFFICE OF THE MUNICIPAL COUNCIL, SONEPUR**
**"e" Procurement Notice**
**Bid Identification No. SNP-MUN-04/2020-21**
**TENDER ID: 2020_ORULB_62860**
**TENDER CALL NOTICE**

**No. 2751** **Date: 29.09.2020**

Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. **www.tendersodisha.gov.in**.

| | | | |
|---|---|---|---|
| 1 | Name of the Work | : | As per DTCN |
| 2 | No. of Works | : | 15 Nos. |
| 3 | Amount put to tender | : | As per DTCN |
| 4 | Period of Completion | : | As per DTCN |
| 5 | Starting Date & time of Bidding | : | From Dt.01.10.2020 from 11.00 A.M. |
| 6 | Last date & time for receipt of tenders through online | : | On or before Dt.12.10.2020 upto 05.00 P.M. |
| 7 | Bids received online shall be opened on | : | On Dt.13.10.2020 at 11.00 A.M. |
| 8 | Name and address of the Officer Inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer, Sonepur Municipality**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**Bid Identification No.EERWJYP-Online-04/2020-21**

Letter No.4046 Date: 25.09.2020

No.O-407:- **e-Procurement Notice**

Name of the work : Road works. Total No. of works : 02 (Two) Nos. Approx. estimated cost : 196.28 & 292.87. Class of contractor : 'B' & 'A' class of contractor. Period of completion : 3(Three) calendar months.

| Procurement Officer | Bid Identification | No of works | Availability of tender online for | | Date & time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Rural Works Division, Jeypore | EERWJYP-Online 04/2020-21 | 02 (Two) Nos. | 07.10.2020 at 10.00 A.M. | 20.10.2020 upto 05.00 P.M. | 21.10.2020 at 11.00 A.M. |

For details can be seen from the Government website www.tendersorissa.gov.in

**Sd./- Executive Engineer, Rural Works Division, Jeypore**
OIPR-25160/11/0004/2021

# କବିତା

## ପଥ

**ସଦାଶିବ ଦାଶ**

ଚାଲିବାକୁ ହେବ ମୋତେ ଦୀର୍ଘ ପଥ ; ଅବିଶ୍ରାନ୍ତ
କୁହେଳିର ଝର୍କା ଡେଇଁ ସାଲିସ୍‌ବିହୀନ।
ଗଣିହୁଏ ଦିବାରାତ୍ରି ନ ଥାଏ ତ ପଦଚିହ୍ନ,
ସ୍ମରଣ କି ଅବିସ୍ମରଣୀୟ।
କେବଳ ତା' ଘୂର୍ଣ୍ଣନର ମିଳନ ଠୁଁ ପୁନର୍ମିଳନର।

ଆଖିରେ ଭାସୁଛି ସୂର୍ଯ୍ୟ କ୍ରୋଧ ଆଉ ବାଲ୍ୟ କୈଶୋରର
ପବନ ବହୁଛି ଦେହେ, ସାରା ଦେହ ପଞ୍ଚଭୂତମୟ
ମନକୁ ଦୋଳାଏ କିଏ, ନୁଏଁ ନାହିଁ ଉତ୍ତୁଙ୍ଗ ମସ୍ତକ
ମୃତ୍ୟୁଠାରୁ ବହୁ ଦୂରେ ଜୀବନର ଅତୀବ ନିକଟ।

ଲେଖିବାକୁ ହେବ ମୋତେ ଅଲିଖିତ ଯେତେ ଶବ୍ଦବ୍ରହ୍ମ
ଶତ୍ରୁଶୂନ୍ୟ କରିବାକୁ ହେବ, ଆତ୍ମୀୟଙ୍କ ଅନାତ୍ମୀୟ ଭାବ
ନ ଥିବା ଭୂଇଁରେ ବର୍ଣ୍ଣମୟ ଚାଲିବାର ପଥ
ଅପଢ଼ା ସୃଜନ ଦୃଶ୍ୟେ, ପରିଶ୍ରାନ୍ତ ଦୀକ୍ଷାନ୍ତ ଦିଗନ୍ତ।

ଲଢ଼ିବାକୁ ହେବ ମୋତେ ରକ୍ତନଦୀ କରି ସନ୍ତରଣ
ମ୍ଳେଚ୍ଛ ସଂହାରର ଦୃଶ୍ୟ, ବିମୋହିତ ହେବ ମନ ପ୍ରାଣ।
ଶ୍ରେଣୀଯୁଦ୍ଧ, ସ୍ୱର୍ଣ୍ଣମୟୀ ଆବିର୍ଭୂତା ଗଣ ସଂଗ୍ରାମରୁ
ଜନ୍ମ ନେବ ନବ୍ୟ କପୋତର ସୂର୍ଯ୍ୟ ଘନଘୋର ତମସା ଜଠରୁ।

ଚାଲିବାକୁ ହେବ ରଥ ଦୀର୍ଘ ଯାତ୍ରା, ଘନଘୋର ଯୁଦ୍ଧ,
କମାଣରୁ ଗୁଳିଗୋଳା, ବାଧାବିଘ୍ନ, ପର୍ବତ, ସମୁଦ୍ର,
ଏକାକାର, ଭାରତର ଆତ୍ମାରେ ତ ଶେଷ ପ୍ରତିବାଦ
ବାକିଥିବା ଗଣରଣ ଓଳିକ ମାତର।

ଦିବସ କେତେ ବା ବାକି ରାତି ଆଉ କେତେ ?
ଜାଗିବାରୁ ନିଦ୍ରାର ଦୂରତା ଯେତେ ଏଠି, ସ୍ୱପ୍ନ ଏଠି ସେତେ।
ଜୀବନକୁ ବାଜିକରି, କାଳର କପାଳ ତଳେ ଅଶ୍ରୁ ବିନ୍ଦୁ ବୃତ୍ତ
ଶୂନ୍ୟତାର ଦୋଳଣାରେ ଝୁଲିଝୁଲି ଗାଇଯିବି ପ୍ରାଣର ସଙ୍ଗୀତ।

କେହି ଏଠି ନୁହେଁ ବନ୍ଧୁ, ନୁହେଁ ଶତ୍ରୁ, ନିରାଧାର ଅଥବା ଆଧାର
ପାପ ନାହିଁ ପୁଣ୍ୟ ନାହିଁ, ଶୋଷଣ କଷଣ ସବୁ ପୂର୍ଣ୍ଣ ମିଥ୍ୟାଚାର।
ଭାଙ୍ଗିବା ଗଢ଼ିବା ସବୁ ଘୂର୍ଣ୍ଣନ ପରାଏ, ଦୃଶ୍ୟ ଦୃଶ୍ୟାନ୍ତର
ଚାଲିବି ମୁଁ ଦୀର୍ଘ ଯେ ଅସରା ପଥ, ଜୀବନରୁ ମହା ଜୀବନର।

– ବଟେଶ୍ୱର, ସାଲେପୁର, କଟକ
ମୋ: ୮୨୮୦୧୩୩୭୧୨

## ହାତ ପାଉ ନ ଥିବା ଡାଳ

**ଘନଶ୍ୟାମ ମହାନ୍ତି**



ଆମେ ଦୁହେଁ ଏକାଡାଳେ,
ପବନର ତାଳେତାଳେ,
ବସିଥିବା ଜାକିଜୁକି,
ସାଥୀ ହୋଇ ପାଖାପାଖି,
ଲୁଚିଯିବା ପତ୍ରର ଗହଳେ।
ଅଳ୍ପ ଦୂର ଉଡ଼ିଯିବା, ଉଡ଼ି ପୁଣି ବସିଯିବା,
ବୁଡ଼ିଯିବା ମନ ଅନ୍ତରାଳେ।।

ମୋ' ଚଞ୍ଚୁରେ ତୁମ ଡେଣା
ଖୁମ୍ପୁଥିବ ଆଦରରେ।
ତୁମ ବେକ ରଖିଥିବ,
ଅଧା ଆଖି ବୁଜିଥିବ
ଲଦି ହୋଇ ମୋ' ପିଠି ଉପରେ।
ପବନରେ ଉଡ଼ିଯିବା,
ମେଘ ସାଙ୍ଗେ ମିଶିଯିବା
କାଳେକାଳେ ଆମେ ଗୋପନରେ।
ହଜିଯିବା ସପନରେ,
ଉଡ଼ିଯିବା ବହୁ ଦୂରେ,
ମୁଖରିତ ଆମ କାକଳିରେ।।

ବେଳ ବୁଡ଼ିଯିବା ପରେ,
ଫେରିଆସି ଆମ ଘରେ,
ଶୋଇଯିବା ସାରାରାତି ନିବୁଜ ନୀଡ଼ରେ।।

ଆମେ ଦୁହେଁ ଦେଖାହେବା,
ଦେଖା ହୋଇ ଏକା ହେବା,
ଦୁଃଖସୁଖ ବାଣ୍ଟିନେବା
ଏକା ହୋଇ ବଞ୍ଚିବା କି
ଲେଖା ଥିଲା ଆମ କପାଳରେ !

ଏମିତି କେମିତି ହେଲା,
କୁହ ଥରେ ମୋତେ ଭଲା,
ଚାଲିଗଲ ନିଜ ବାଟେ,
ଏକୁଟିଆ କରି ମୋତେ
ଅଜଣା ରାଇଜେ ବହୁ ଦୂରେ।।

–ମାଳଦା, ଭଦ୍ରକ

# ବୁଦ୍ଧିମାନ୍

**ଲଘୁଗଳ୍ପ**

**ଦେବେନ୍ଦ୍ର କର**



ଗୋଟିଏ ପରେ ଗୋଟିଏ ସହର ଅତିକ୍ରମ କରି ଦ୍ରୁତ ବେଗରେ ପ୍ରବାସୀଙ୍କ ଟ୍ରେନ୍‌ଟି ମାଡ଼ି ଚାଲିଥାଏ। ଟ୍ରେନ୍ ଭିତରେ ଶହଶହ ଯାତ୍ରୀ। ଭିଟାମାଟିର ବାସ୍ନା ପାଇବାକୁ ସଭିଙ୍କ ମନ ପ୍ରାଣ ବ୍ୟାକୁଳ ହୋଇଉଠୁଥାଏ। ଟ୍ରେନ୍ ଭିତରେ ଆଠ ବର୍ଷର ଗୁଡୁ ଯାତ୍ରୀମାନଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଗୁଡୁର କଣ୍ଠସ୍ୱର ଶୁଣିବାକୁ ସମସ୍ତେ ଖୁବ୍ ଆତୁର ହେଉଥାନ୍ତି। ଗୁଡୁ ରାଇମ୍‌ସ କହୁଥାଏ, ଗୀତ ବୋଲୁଥାଏ, ମୁହଁରେ ବାନ୍ଧିଥିବା ରୁମାଲକୁ କାଢ଼ି ଭିନ୍ନଭିନ୍ନ ଖେଳ ଦେଖାଉଥାଏ। ସମସ୍ତେ କହୁଥାନ୍ତି ପିଲାଟା ଭାରି ବୁଦ୍ଧିମାନ।

ସଞ୍ଜ ନଉଁନଉଁ ଗୁଡୁର କାଶ ଆରମ୍ଭ ହେଇଗଲା। ଦି' ଚାରି ଥର ଛିଙ୍କିଲା ବି! ଗୁଡୁର ମା' ତା' ନାକ ପୋଛି ଦେଇ ପାଣି ପିଇବାକୁ ଦେଲା। ଏପଟେ ଯାତ୍ରୀମାନ ଏଣ୍ଡୁତେଣ୍ଡୁ କଥା ଆରମ୍ଭ କରିଦେଲେ। ଭୟ ଆଶଙ୍କା ଅଦୃଶ୍ୟ ଭୂତାଣୁକୁ ନେଇ। କରୋନା ଚାରିଆଡ଼େ କାୟା ମେଲାଉଛି। ଧୀରେଧୀରେ ଗୁଡୁ ପାଖରୁ ସମସ୍ତେ ଦୂରେଇ ଗଲେ। ଚାହୁଁଚାହୁଁ ପୂରା ବଗି ଖାଲି ପଡ଼ିଗଲା। ଗୋଟେ ଷ୍ଟେଶନରେ ଜଣେ ବୃଦ୍ଧ ଚଢ଼ିଲେ। ଅଳ୍ପଅଳ୍ପ କାଶୁଥିଲେ। ହସହସ ମୁହଁରେ ପ୍ରଶ୍ନ କଲେ ବେଟା ତେରା ନାମ୍ କ୍ୟା ହୈ ? ଗୁଡୁ ତା' ନାଁ କହିଲା। ବୃଦ୍ଧ ସିଟ୍ ଗ୍ରହଣ କରି କିଛିକ୍ଷଣ ଗୁଡୁ ସହିତ ଦୁଃଖସୁଖ ହେଲେ।

ରାତି ପାଖାପାଖି ୧୨ଟା ହେବ। ବୃଦ୍ଧଙ୍କ କାଶ ଖୁବ୍ ବଢ଼ିଗଲା। ନିଜ ବ୍ୟାଗ୍‌ରୁ ଔଷଧ କାଢ଼ିବାକୁ ବି ସକ୍ଷମ ହୋଇପାରିଲେ ନାହିଁ। ଦେବଦୂତ ପରି ସାମ୍ନାରେ ଉଭା ହେଲା ଗୁଡୁ। ବ୍ୟାଗ୍‌ରୁ ବିସ୍କୁଟ୍ କାଢ଼ି ଖୁଆଇ ଦେଲା, ଔଷଧ ଆଉ ପାଣି ବି ଦେଲା। କିଛିକ୍ଷଣ ପରେ ବୃଦ୍ଧଙ୍କ କାଶ ବନ୍ଦ ହେଲା। ରାତି ପାହି ସକାଳ ହେଲା। ଧୀରେଧୀରେ ପାଦ ଥାପି ବୃଦ୍ଧ ଜଣକ ଗୁଡୁ ପାଖକୁ ଆସିଲେ। ଗୁଡୁ ସ୍ଥିର ମୁଦ୍ରାରେ ଶୋଇଥାଏ। ଗୁଡୁର ମା'କୁ ବୃଦ୍ଧ କହିଲେ କାଲ୍ ରାତ୍ ଆପ୍‌କେ ବେଟେ ନେ ମେରି ଜାନ୍ ବଚାଇ। ଓ୍ୱ ନା ହୋତା ତୋ' ଭଗବାନ୍ ଜାନେ ମେରା କ୍ୟା ହୋତା! ବହୁତ ବୁଦ୍ଧିମାନ୍ ଲଡ଼କା ହୈ। ବଡ଼ା ହୋକର ୟେ ଆଚ୍ଛା ଇନ୍‌ସାନ୍ ବନେଗା। ଗୁଡୁର ମା' ହିନ୍ଦୀ ବୋଧହୁଏ ଅଳ୍ପଅଳ୍ପ ବୁଝୁଥିଲେ। ଅଳ୍ପ ହସି ଗୁଡୁକୁ ଆଉଁଶି ଦେଲେ। ଗୁଡୁର ନିଦ ଆହୁରି ଗାଢ଼ ଥିଲା।

ମୋ: ୯୯୩୭୯୬୩୯୧୦

# ଗିଲ୍ଲୁ

**ମୂଳ ହିନ୍ଦୀ: ମହାଦେବୀ ବର୍ମା**
**ରୂପାନ୍ତର: ଡ. ନରେନ୍ଦ୍ର ସେଠୀ**



ଚନ୍ଦ୍ରମଲ୍ଲିକା ଗଛରେ ଏକ ହଳଦିଆ କଢ଼ି ଉଙ୍କି ମାରିଥିଲା। ତାକୁ ଦେଖି ଆପେଆପେ ସେ ଛୋଟିଆ ଜନ୍ତୁ କଥା ମୋର ମନେପଡ଼ିଗଲା, ଯିଏ ସେ ଫୁଲବୁଦାରେ ରହୁଥାଏ। ସେ ଲୁଚିକରି ଫୁଲବୁଦା ଭିତରେ ଥାଏ ଓ ମୁଁ ତା' ପାଖକୁ ଯିବା ମାତ୍ରେ ଦୌଡ଼ି ଆସି ମୋ' କାନ୍ଧ ଉପରେ ବସିଯାଏ। ସେତେବେଳେ ମୁଁ ଫୁଲ କଢ଼କୁ ଖୋଜୁଥିଲି, ଆଜି କିନ୍ତୁ ସେ ଛୋଟିଆ ଜନ୍ତୁକୁ ଖୋଜୁଛି।

ସିଏ ତ ସେ ଚନ୍ଦ୍ରମଲ୍ଲିକା ମୂଳରେ ମାଟିରେ ମିଶି ସାରିବଣି। କିଏ ଜାଣେ ବୋଧେ କଢ଼ ରୂପରେ ବାହାରି ଆସି ମୋତେ ଅନେଇଛି। ଅଚାନକ ଦିନେ ସକାଳୁ ବାରଣ୍ଡା ଉପରକୁ ଆସି ଦେଖିଲି ଦି'ଟା କାଉ ଥଣ୍ଟରେ ଥଣ୍ଟ ମିଶେଇ ଖେଳୁଛନ୍ତି, ରାବୁଛନ୍ତି, କ'ଣ ଗୋଟେ ପାଇଁ ଝଗଡ଼ା କରୁଛନ୍ତି। ଏ କାଉଗୁଡ଼ା ବି ଅଜବ ପକ୍ଷୀ। କିଏ ଆଦର କରେ, କିଏ ଘୃଣା କରେ, କିଏ ସମ୍ମାନ ଦିଏ, କିଏ ତିରସ୍କାର ବି। ବିଚରା ଆମ ପୂର୍ବପୁରୁଷମାନେ ଗରୁଡ଼, ମୟୂର କି ହଂସ ରୂପରେ ଆସନ୍ତିନି। ପିତୃପକ୍ଷରେ ସେମାନଙ୍କୁ ତାଙ୍କର ଆସିବାର ସନ୍ଦେଶ କାଉର କର୍କଶ ସ୍ୱରରେ ଦେବାକୁ ପଡ଼ିଥାଏ। ଏପଟେ ଆମେ କାଉର କା କା ଶବ୍ଦକୁ ଅଶୁଭ ଅର୍ଥରେ ନେଉ। ମୋ' କାକପୁରାଣ ବର୍ଣ୍ଣନାରେ ଅନାଚକ ବାଧା ଆସିଲା। କାରଣ ଫୁଲକୁଣ୍ଡ ଓ କାନ୍ଥ ସନ୍ଧିରେ ଲୁଚିଥିବା ଏକ ଛୋଟିଆ ଜନ୍ତୁ ଉପରେ ମୋ' ଦୃଷ୍ଟି ଅଟକି ଗଲା। ପାଖକୁ ଯାଇ ଦେଖେ ତ ଗୁଣ୍ଡୁଚି ଛୁଆଟେ ବୋଧେ ବସାରୁ ଖସି ପଡ଼ିଛି। କାଉମାନେ ଏହାକୁ ଅନାୟାସରେ ଆହାର କରିବା ପାଇଁ ଆକ୍ରମଣ କରିଥିଲେ। ଖଣ୍ଡିଆଖାବରା ହେଇ ସେ ଖସି ପଡ଼ିଥିଲା ଆଉ ଭୟରେ ସନ୍ଧିରେ ଲୁଚି ରହିଥିଲା। ସମସ୍ତେ କହିଲେ କାଉ ଥଣ୍ଟରେ ଖଣ୍ଡିଆ ହେଲେ ଆଉ ସେ ବଞ୍ଚିବନି। ତେଣୁ ତାକୁ ତା' ଭାଗ୍ୟ ଉପରେ ସେଇଠି ଛାଡ଼ି ଦିଆଯାଉ। ମୋ' ମନ ମାନିଲାନି। ତାକୁ ଉଠେଇ ଘର ଭିତରକୁ ନେଇ ଆସିଲି। ତୁଳାରେ ତା' ଦେହରୁ ରକ୍ତ ପୋଛି ପେନ୍‌ସିଲିନ୍ ମଲମ ଲଗେଇ ଦେଲି। ତୁଳା ଭିଜେଇ କ୍ଷୀର ତା' ମୁହଁରେ ଚିପୁଡ଼ି ଦେଲା ପରେ ଦେଖିଲି, ସେ କ୍ଷୀର ଢୋକି ପାରୁନାହିଁ। ସବୁ କ୍ଷୀର ମୁହଁରୁ ବାହାରି ପଡ଼ିଲା। କେଇ ଘଣ୍ଟା ପରେ ତାକୁ ବୁନ୍ଦାଏ ପାଣି ପିଆଇ ପାରିଲି। ଦୁଇ ତିନିଦିନ ପରେ ସେ ଏତେ ଆଶ୍ୱସ୍ତ ହେଲା ଯେ, ତା' କୁନିକୁନି ପଞ୍ଝାକୁ ମୋ' ଆଙ୍ଗୁଠି ଉପରେ ରଖି ନୀଳ କାଚବିନ୍ଦୁ ପରି ତା' ଆଖିରେ ଚାରିଆଡ଼କୁ ଅନେଇଲା। ତିନି ଚାରି ମାସରେ ତା' ଦେହରେ ଗହଳିଆ ରୁମ ଆସିଗଲା। ତା' ଚଞ୍ଚଳତା ଓ ଚମକୁଥିବା ଆଖି ସମସ୍ତଙ୍କୁ ଚକିତ କରୁଥିଲା।

ମୁଁ ତା' ଜାତିବାଚକ ସଂଜ୍ଞାକୁ ବ୍ୟକ୍ତିବାଚକ ସଂଜ୍ଞାର ରୂପ ଦେଇ ତା' ନାଁ ଗିଲ୍ଲୁ ରଖିଲି। ହିନ୍ଦୀରେ ଗୁଣ୍ଡୁଚିକୁ ଗିଲହରି କହନ୍ତି। ମୁଁ ଫୁଲ ରଖିବା ପାଇଁ ଏକ ଚାଙ୍ଗୁଡ଼ିରେ ତୁଳା ଦେଇ ତାରରେ ଝରକାରେ ଟାଙ୍ଗିଦେଲି। ସେ ଚାଙ୍ଗୁଡ଼ି ଦି' ବର୍ଷଯାଏ ତା' ଘର ହେଇ ରହିଲା। ସେ ସେଠି ଏପଟସେପଟ ହେଇ କେତେବେଳେ ଘର ଭିତରକୁ ତ କେତେବେଳେ ଝରକା ବାହାରକୁ ଅନେଇ ରହେ। ତା' ବୁଦ୍ଧିମତ୍ତା ଓ କାର୍ଯ୍ୟକଳାପ ଦେଖି ସମସ୍ତେ ଚକିତ ହେଉଥିଲେ।

ଯେତେବେଳେ ମୁଁ ଲେଖିବାକୁ ବସେ, ପାରୁପର୍ଯ୍ୟନ୍ତ ସେ ମୋ' ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରେ। ଏଥିପାଇଁ ସେ ଏକ ବଢ଼ିଆ ଉପାୟ ଖୋଜି ବାହାର କରିଥିଲା। ସେ ମୋ' ପାଦ ପର୍ଯ୍ୟନ୍ତ ଆସି ସର୍‌କିନା ପରଦା ଉପରେ ଚଢ଼ିଯାଏ ଓ ପୁଣି ଝଟ୍‌କିନା ଓହ୍ଲେଇଯାଏ। ସେ ଏ ପ୍ରକ୍ରିୟାକୁ ସେ ପର୍ଯ୍ୟନ୍ତ ବଳବତ୍ତର ରଖେ, ଯେତେବେଳ ପର୍ଯ୍ୟନ୍ତ ମୁଁ ତାକୁ ନ ଧରିଛି।

ତାକୁ ମୁଁ ଧରି ଏକ ଲମ୍ବା ଲଫାପା ଭିତରେ ପୂରେଇ ଦିଏ। ତା' ଆଗ ଦି' ଗୋଡ଼ ଓ ମୁଣ୍ଡ ବ୍ୟତୀତ ପୂରା ଦେହ ଲଫାପା ଭିତରେ ଲୁଚିଯାଏ। ଏହି ଅଦ୍ଭୁତ ସ୍ଥିତିରେ ସେ ଘଣ୍ଟାଘଣ୍ଟା ଧରି ଟେବୁଲ ଉପରେ ରହି ମୋ' କାର୍ଯ୍ୟକଳାପକୁ ଦେଖେ। ଭୋକ ଲାଗିଲେ ସେ ଚିକ୍‌ଚିକ୍ କରି ବୋବାଏ ଓ ଗୋଟେ ବିସ୍କୁଟ କି କାଜୁ ଖଣ୍ଡେ ଦେଲେ ସେ ତାକୁ ସେଇଠି ବସି ଆମ୍ପୁଡ଼ି ଖାଏ।


ଗିଲ୍ଲୁ ଜୀବନରେ ପ୍ରଥମ ବସନ୍ତ ଆସିଲା। ବାହାରର ଗୁଣ୍ଡୁଚିମାନେ ଆସି ଝରକା ପାଖରେ ଗିଲ୍ଲୁକୁ ଅନେଇ ଚିକ୍‌ଚିକ୍ କରି କେଜାଣି କ'ଣ କହୁଥିଲେ। ଗିଲ୍ଲୁ ଝରକା ଏପାଖେ ରହି ସେମାନଙ୍କୁ ଦେଖୁଥିଲା। ମୋତେ ଲାଗିଲା ଗିଲ୍ଲୁକୁ ଛାଡ଼ିଦେବା ଦରକାର। ମୁଁ କଣ୍ଟା ଓପାଡ଼ି ଝରକା ଜାଲିର ଗୋଟେ କ'ଣ ଟିକେ ଉଠେଇ ଦେଲି। ସେଇବାଟେ ଗିଲ୍ଲୁ ବାହାରକୁ ଯିବାଆସିବା କଲା। ଏତେ ଛୋଟିଆ ପ୍ରାଣୀଟିକୁ ଘର ପୋଷା କୁକୁର ଓ ବିଲେଇଠୁଁ ବଞ୍ଚେଇ ରଖିବା ଏକ ସମସ୍ୟା ଥିଲା। ଯେହେତୁ ସେ ରୁମ୍‌ରେ ଅତି ଆବଶ୍ୟକ କାଗଜପତ୍ର ଥିଲା, ମୁଁ ବାହାରକୁ ଗଲେ ସେଠି ତାଲା ପଡୁଥିଲା। ମୁଁ କଲେଜରୁ ଆସି କବାଟ ଖୋଲିବାକ୍ଷଣି ଗିଲ୍ଲୁ ବାହାରୁ ଜାଲି ବାଟ ଦେଇ ଭିତରକୁ ଦଉଡ଼ି ଆସେ। ମୋ' ଚାରି ପାଖରେ ଚିକ୍‌ଚିକ୍ ଶବ୍ଦ କରି ଦୌଡ଼ ଲଗାଏ। ଏହା ଏକ ନିତିଦିନିଆ ଘଟଣା ଥିଲା। ମୁଁ ବାହାରକୁ ଯିବାମାତ୍ରେ ଗିଲ୍ଲୁ ମୋ' ପଛେପଛେ ଝରକା ଜାଲି ବାଟ ଦେଇ ବାହାରକୁ ଚାଲିଯାଏ। ଦିନଯାକ ଗୁଣ୍ଡୁଚିମାନଙ୍କ ଦଳରେ ଡିଆଁଡେଇଁ କରେ। ଠିକ୍ ଚାରିଟା ବେଳେ ଘରକୁ ଆସି ତା' ଜାଗାରେ ବସିଯାଏ। ମୋତେ ଚକିତ କରିବାର ଇଚ୍ଛା ତା'ଠି କେତେବେଳେ ଓ କେମିତି ସୃଷ୍ଟି ହେଲା ଜାଣିନି। କେତେବେଳେ ଫୁଲଦାନିର ଫୁଲ ଭିତରେ ଲୁଚିଯାଏ, କେତେବେଳେ ପରଦା ଭାଙ୍ଗରେ ତ କେତେବେଳେ ଚନ୍ଦ୍ରମଲ୍ଲିକା ଗଛର ଗହଳିଆ ବୁଦାରେ। ମୋ' ପାଖରେ ବହୁତ ପଶୁ ପକ୍ଷୀ ଓ ସମସ୍ତଙ୍କୁ ମୁଁ ବହୁତ ଭଲପାଏ। କିନ୍ତୁ କେହି ମୋ' ଥାଳିରୁ ଖାଦ୍ୟ ନେଇ ଖାଇବା ପାଇଁ ସାହସ କରୁ ନ ଥିଲେ। ଗିଲ୍ଲୁ ସମସ୍ତଙ୍କଠୁଁ ଭିନ୍ନ ଥିଲା। ମୁଁ ଯେତେବେଳେ ଖାଇବା ଟେବୁଲ ପାଖକୁ ଯାଏ, ସେ ଝରକା ବାଟେ ବାହାରକୁ ଆସି ବାରଣ୍ଡା ଦେଇ ଟେବୁଲ ଉପରେ ହାଜର ହେଇଯାଏ। ବହୁ କଷ୍ଟରେ ମୁଁ ତାକୁ ଥାଳି ପାଖରେ ବସିବା ଶିଖେଇଥିଲି। ସେଠି ବସି ସେ ଥାଳିରୁ ଗୋଟେ ଗୋଟେ ଭାତ ନେଇ ଖାଏ। ତେବେ କାଜୁ ତା'ର ପ୍ରିୟ ଖାଦ୍ୟ ଥିଲା। କାଜୁ କିଛିଦିନ ନ ମିଳିଲେ ସେ ଅନ୍ୟ ଖାଦ୍ୟ ଖାଉ ନ ଥିଲା। ଯାହା ଦେଲେ ତଳକୁ ଫୋପାଡ଼ି ଦେଉଥିଲା।

ସେଇ ଭିତରେ ଦୁର୍ଘଟଣାର ଶିକାର ହେଇ ମୋତେ କିଛିଦିନ ଡାକ୍ତରଖାନାରେ ରହିବାକୁ ପଡ଼ିଲା। ସେ ସମୟରେ ମୋ' ରୁମ୍‌ର କବାଟ ଖୋଲିଲା ମାତ୍ରକେ ଗିଲ୍ଲୁ ଆଗପରି ଦଉଡ଼ି ଆସେ। ମୋତେ ନ ପାଇ ଅନ୍ୟ କାହାକୁ ଦେଖି ସେଇ ବେଗରେ ଫେରିଯାଏ। ସମସ୍ତେ ତାକୁ କାଜୁ ଦେଉଥିଲେ। କିନ୍ତୁ ଡାକ୍ତରଖାନାରୁ ଫେରି ଦେଖିଲି ତା' ଝୁଲାରେ କାଜୁ ଭର୍ତ୍ତି। ସେ ଜମା ଖାଇନି। ମୋ' ଅସୁସ୍ଥତାରେ ତକିଆ ପାଖରେ ବସି ସେ ତା' କୁନିକୁନି ପଞ୍ଝାରେ ଏମିତି ଆଉଁଶି ଦେଉଥିଲା କି ମୋତେ ଲାଗୁଥିଲା ଯେମିତି କୋଉ ମଣିଷ ଜଣେ। ଗରମ ଦିନରେ ଖରାବେଳେ ମୁଁ ଘର କାମ କଲାବେଳେ ସେ ତା' ଝୁଲାରୁ ବାହାରି ମୋ' ପାଖେପାଖେ ରହୁଥିଲା। ଗରମରୁ ବଞ୍ଚେଇବା ପାଇଁ ସେ ନିଜକୁ ମୋ' ପାଖରେ ଥିବା ପାଣି ସୁରେଇ ଉପରେ ଶୁଏଇ ଦେଉଥିଲା। ଗୁଣ୍ଡୁଚିମାନଙ୍କର ଜୀବନ ପ୍ରାୟ ଦୁଇ ବର୍ଷ ହୋଇଥାଏ। ତେଣୁ ଗିଲ୍ଲୁର ବି ସମୟ ସରିଆସୁଥାଏ। ସେ ଦିନଯାକ କିଛି ଖାଇଲାନି, ପାଣି ପିଇଲାନି। ରାତିରେ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ତା' ଝୁଲାରୁ ବାହାରି ମୋ' ଶେଯ ଉପରକୁ ଆସିଲା। ଥଣ୍ଡା ପଡ଼ିଯାଇଥିବା ତା' ପଞ୍ଝାରେ ସେ ମୋ' ଆଙ୍ଗୁଠିକୁ ଜାବୁଡ଼ି ଧରିଲା, ଠିକ୍ ଯେମିତି ପ୍ରଥମ କରି ଆଘାତ ପାଇଥିବା ଅବସ୍ଥାରେ ଧରିଥିଲା। ତା' ଦେହ ଏତେ ଥଣ୍ଡା ହେଇଥିବା ଦେଖି ମୁଁ ହିଟର ଜଳେଇଲି, କିନ୍ତୁ ସେ ପରଦିନ ସକାଳ ଦେଖିପାରିଲାନି।

ତା' ଝୁଲାକୁ କାଢ଼ି ରଖି ଦିଆଯାଇଥିଲା। ଝରକା ଜାଲିର ଛୋଟ କଣାକୁ ବନ୍ଦ କରିଦିଆଗଲା। ଗୁଣ୍ଡୁଚିମାନଙ୍କର ନୂଆ ପିଢ଼ି ଝରକା ସେପଟେ ଚିକ୍‌ଚିକ୍ କରି ଶବ୍ଦ କରୁଥିଲେ। ଆଉ ଚନ୍ଦ୍ରମଲ୍ଲିକା ଗଛରେ ବସନ୍ତ ଆସିଲେ ନୂଆନୂଆ କଢ଼ି ଆସୁଥିଲା। ସେ ଗଛ ମୂଳରେ ଗିଲ୍ଲୁକୁ ସମାଧି ଦିଆଗଲା।

*– ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର ପରିବେଶ ନିରୀକ୍ଷଣ ପରୀକ୍ଷାଗାର ଯାଦୁଗୁଡ଼ା, ପୂର୍ବ ସିଂହଭୂମ୍, ଝାଡ଼ଖଣ୍ଡ*

# କାଳକାଳକୁ



'ଭଲ ଅନୁବାଦ ତାହା, ଯାହା କେବଳ ଅର୍ଥଗତ ସାମ୍ୟ ନୁହେଁ, ଶୈଳୀର ଗୁଣଗତ ସାମ୍ୟ ପ୍ରତିଷ୍ଠାରେ ଆଗ୍ରହୀ ଥାଏ।''

**– ସେଣ୍ଟ୍ ଜେରୋମ୍**

'**ସେଣ୍ଟ୍ ଜେରୋମ୍** ବାଇବେଲ୍‌ର ସବୁଠୁଁ ସଫଳ ଲାଟିନ୍ ଅନୁବାଦକ, ଯାହାଙ୍କୁ ଅନୁବାଦର ପୃଷ୍ଠପୋଷକ ସନ୍ଥ ଭାବେ ବିବେଚନା କରାଯାଏ। ଅନ୍ତର୍ଜାତୀୟ ଅନୁବାଦକୁ ତାଙ୍କ ଅବଦାନର ସ୍ମୃତିରେ ପାଳିତ ହୁଏ 'ଅନ୍ତର୍ଜାତୀୟ ଅନୁବାଦ ଦିବସ', ପ୍ରତିବର୍ଷ ସେପ୍ଟେମ୍ବର ୩୦ ତାରିଖରେ। 'ଶବ୍ଦାନ୍ତର ନୁହେଁ, ମର୍ମାନ୍ତର ହିଁ ଯଥାର୍ଥ ଅନୁବାଦ'– ଏହି ବିଚାରରେ ଜେରୋମ୍ ବିଶ୍ୱାସୀ ଥିଲେ।

# ପୁସ୍ତକ ପରିଚୟ

## ଶବ୍ଦର ଡେଣାରେ ସକାଳ



**କବି:** ମିତୁ ପଟ୍ଟନାୟକ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ–୫୦
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୧୫୦/–

ମୋଟ ୬୬ଟି କବିତା ସ୍ଥାନିତ ଆଲୋଚ୍ୟ ଏଇ କବିତା ସଂକଳନରେ। ଗ୍ରନ୍ଥାରମ୍ଭରେ କବି ଲେଖିଛନ୍ତି: ''ଯେତେବେଳେ ମୁଁ ଶୂନ୍ୟେଇ ଯାଇଛି, ସେତିକିବେଳେ ହିଁ ମୋ' ଆଖିର ଟୋପାଟୋପା ଲୁହ ଶବ୍ଦମାନଙ୍କୁ ନିଟୋଳ ମୁକ୍ତା କରିଛି। କାଗଜକୁ ଶବ୍ଦରେ ଓଦା କରିଛି। ଓଦାମାଟିର ବାସ୍ନା ପରି ଓଦା କାଗଜର ଗନ୍ଧ ମୋତେ ଆଚ୍ଛାଦିତ କରିଛି ଆଉ ମୋ' ଅସ୍ତିତ୍ୱକୁ ଅନ୍ତରଙ୍ଗ ଭାବରେ ପରଖିବାର ସୁଯୋଗ ଦେଇଛି।'' କବି ମମତା ଦାଶ 'ଅଗ୍ରଲେଖ'ରେ ତାଙ୍କୁ ଜୀବନ ଓ ପ୍ରେମର କବି ଭାବେ ଅଭିହିତ କରିଛନ୍ତି ଏବଂ ଆଶା ରଖିଛନ୍ତି ଯେ, ତାଙ୍କ କବିତା ସମଗ୍ର ଚରାଚର ଓ ତ୍ରିକାଳ ଭିତରେ ନିଜକୁ ରଖିବାକୁ ସମର୍ଥ ହେଉ। ମିତୁଙ୍କ କବିତାରେ ଜୀବନର ସ୍ୱାଦ ସହିତ ଶୂନ୍ୟତାର ପାଦଶବ୍ଦ ବି କେବେ କେବେ ଶୁଭେ: ''ଏଇ ମୋର ସହରକୁ / ମାଘ ଆସେ, ମେଘ ଆସେ/ ପାର୍ବଣରେ ଫରଫର ଉଡ଼େ କାଶତଣ୍ଡୀ/ ଆସିବ ଆସିବ କହି ଆସ ନାହିଁ ତୁମେ/ ଋତୁ ଆସି ଫେରିଯାଏ।'' (ତୁମ ସହରର ଶୀତ, ପୃ:୯୫)

## ରତ୍ନସିଂହାସନରେ ସପ୍ତଧାବିଗ୍ରହ ଉପାସନା



**ସମ୍ପାଦନା:** ଡ. ମଥୁରେନ୍ଦ୍ର ପୃଷ୍ଟି
**ପ୍ରକାଶକ:** ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୨୫୦/–

ଶ୍ରୀମନ୍ଦିରର ରତ୍ନସିଂହାସନରେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ ଥିବା ଅନେକଙ୍କୁ ବିଦିତ, ମାତ୍ର ତହିଁରେ ଯେ ସପ୍ତଧାବିଗ୍ରହ ସଂସ୍ଥାପିତ ଏକଥା ଖୁବ୍ କମ୍ ଲୋକଙ୍କୁ ଜଣା। ଚତୁର୍ଦ୍ଧାମୂର୍ତ୍ତିଙ୍କ ବ୍ୟତୀତ ରତ୍ନସିଂହାସନରେ ସ୍ଥାପିତ ଅନ୍ୟ ବିଗ୍ରହ ତ୍ରୟ ହେଲେ ଶ୍ରୀମାଧବ, ଶ୍ରୀଦେବୀ ଓ ଭୂଦେବୀ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ପ୍ରକାଶିତ ଆଲୋଚ୍ୟ ଗ୍ରନ୍ଥର 'ଅଗ୍ରଲେଖ' ଓ 'ମୁଖବନ୍ଧ'ରେ ଏକଥା ସ୍ପଷ୍ଟ କରାଯାଇଛି। ମୋଟ୍ ୧୮ଟି ନିବନ୍ଧ ପୁସ୍ତକରେ ସ୍ଥାନିତ ଓ ବିଶିଷ୍ଟ ପ୍ରାବନ୍ଧିକମାନଙ୍କ ମଧ୍ୟରେ ଅଛନ୍ତି ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଡ. ମଥୁରେନ୍ଦ୍ର ପୃଷ୍ଟି, ଡ. ଭାସ୍କର ମିଶ୍ର, ଡ. ଶ୍ରୀଚରଣ ମହାନ୍ତି, ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ଡ. ହରିହର କାନୁନ୍‌ଗୋ ପ୍ରମୁଖ। ପରିଷଦ ପକ୍ଷରୁ ଆୟୋଜିତ ପଞ୍ଚମ ଜାତୀୟ ସଂପାନରେ ନିବନ୍ଧଗୁଡ଼ିକ ପଠିତ ଓ ଆଲୋଚିତ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ତତ୍ତ୍ୱ ସମ୍ପର୍କରେ ଏହା ଏକ ମୂଲ୍ୟବାନ୍ ଗ୍ରନ୍ଥ।

# କବିତାର ପୂରା ପ୍ରକଟନ କାହା ପକ୍ଷେ ସମ୍ଭବ ନୁହେଁ

**ସୃଜନ-ସ୍ମୃତି**



ବଂଶୀଧର ଷଡ଼ଙ୍ଗୀ

**ବଂଶୀଧର ଷଡ଼ଙ୍ଗୀ (୧୯୪୦) ଓଡ଼ିଆ ସାହିତ୍ୟରେ ୮ଟି କବିତା ଓ ଗୋଟିଏ ଗଳ୍ପ ସଂକଳନର ମହତ୍ ସ୍ରଷ୍ଟା। 'ଶବରୀ ଚର୍ଯ୍ୟା' ଓ 'ସ୍ୱରୋଦୟ' କବିତାଗ୍ରନ୍ଥ ପାଇଁ ୧୯୯୧ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଓ ୨୦୦୬ରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଦ୍ୱାରା ସେ ପୁରସ୍କୃତ...**

କବିତା ଲେଖିବାର ପ୍ରବଣତା ମୋର ପିଲାଟିବେଳୁ ଥିଲା। ଆମ ଗାଁର ପ୍ରାକୃତିକ ପରିବେଶ ଏଥିପାଇଁ ମୋତେ ଅନେକାଂଶରେ ସହାୟତା କରିଛି। ଗାଁ ବରଗଛ, ପୋଖରୀ କୂଳ, ଖରା, ବର୍ଷା, ଶୀତ ଆଦି ଋତୁର ନାନା ଦୃଶ୍ୟାବଳୀ ସହ ଗାଁ ଠାକୁରବେଢ଼ାର ବଉଳ ଗଛ, ଚମ୍ପାଫୁଲ ଓ ପଣସ ଗଛର ସମାହାର ବେଶ୍ ଆନନ୍ଦଦାୟକ। ପିଲାବେଳେ ଏ ସବୁ ମୋ' ମନରେ ଏକ ପୁଲକ ଆଣୁଥିଲେ। ଯଦିଓ ସେତେବେଳେ ଏହା ମୁଁ ଠିକ୍ ହେଜି ପାରୁ ନ ଥିଲି।

ଗାଁ ସ୍କୁଲ୍‌ରେ ସପ୍ତମ ଶ୍ରେଣୀରେ ପଢ଼ିଲାବେଳେ କବିତା, ଗପ ଆଦି ଲେଖି ଗୋଟେ ହାତଲେଖା ପତ୍ରିକା କାଢ଼ିଥିଲି। ଖୋର୍ଦ୍ଧା ହାଇସ୍କୁଲ୍‌ରେ ମାଟ୍ରିକ୍ ପଢ଼ିଲାବେଳେ ସ୍କୁଲ୍ ପତ୍ରିକାରେ ଦୁଇଟି କବିତା ପ୍ରକାଶ ପାଇଥିଲା। 'ପ୍ରଜାତନ୍ତ୍ର'(ମୀନାବଜାର), 'ସମାଜ' (ଶିଶୁ ରାଇଜ), 'ମାତୃଭୂମି'(କିଶୋର ଫଉଜ) ଆଦିରେ ବି କେତୋଟି କବିତା ପ୍ରକାଶ ପାଇଥିଲା।

ତା'ପରେ ପୁରୀ କଲେଜରେ ଆଇ.ଏ. ପଢ଼ିଲାବେଳେ ଆମ ଉପର ଶ୍ରେଣୀରେ ସୌଭାଗ୍ୟ କୁମାର ମିଶ୍ର ଓ ବି.ଏ. ପ୍ରଥମ ଶ୍ରେଣୀରେ ହରିହର ମିଶ୍ର ପଢୁଥିଲେ। ସେତେବେଳେ ପ୍ରଫୁଲ୍ଲ ପଟ୍ଟନାୟକ, ପ୍ରହ୍ଲାଦ ଜେନା, ଗଣେଶ୍ୱର ମିଶ୍ର ପ୍ରମୁଖ ଅନେକେ କବିତା ଲେଖୁଥିଲେ। ଆମର ଆଦର୍ଶ ଥିଲେ ଗୁରୁପ୍ରସାଦ ମହାନ୍ତି। କବି ଓ ଇଂରାଜୀ ଅଧ୍ୟାପକ। ଆମେ ତାଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିଲୁ। ପରବର୍ତ୍ତୀ ସମୟରେ ରମାକାନ୍ତ ରଥ ମଧ୍ୟ ଆମକୁ କମ୍ ପ୍ରଭାବିତ କରିନାହାନ୍ତି! କିଛିଦିନ କବିତା ଲେଖିଲାପରେ ଆମେ ପ୍ରତ୍ୟେକ ସ୍ୱାଭାବିକ ଭାବେ ଅଲଗା ବାଟ (ଉଭୟ ଆଙ୍ଗିକ ଏବଂ ଆତ୍ମିକ ଭାବେ) ଖୋଜିବାରେ ଲାଗିଲୁ। କିଏ କେତେ ସଫଳ ହେଲୁ ସେ କଥା ଅବଶ୍ୟ ପାଠକେ ଓ ସମାଲୋଚକମାନେ କହିବେ।

ମୋ' କବିତା ସମ୍ପର୍କରେ ମୁଁ ଏତିକି କହିବି ଯେ କବିତାର ଚେତନାତୀତ ଅନୁଭବ ଦ୍ୱାରା ପାଠକ ହୃଦୟରେ ଦିବ୍ୟଭାବ ସୃଷ୍ଟି କରାଇବା, ପ୍ରାଚୀନ କାବ୍ୟ ପରମ୍ପରା ସହ ସାମ୍ପ୍ରତିକ କାବ୍ୟଶୈଳୀର ସମନ୍ୱୟ ଘଟାଇବା, ବକ୍ତବ୍ୟରେ



ଚମତ୍କାରିତା ଆଣିବା ଓ ସାଧାରଣ ଜୀବନରେ ଲୁଚି ରହିଥିବା ସୂକ୍ଷ୍ମ ଦର୍ଶନର ପରିପ୍ରକାଶ ପାଇଁ ପାରୁପର୍ଯ୍ୟନ୍ତ ଶବ୍ଦଚିତ୍ର ଓ କାବ୍ୟ–କାରିଗରୀ ଫୁଟାଇବା ଥିଲା କବିତା ରଚନାରେ ମୋର ଧ୍ୟେୟ। ଆଧୁନିକ ଓଡ଼ିଆ କାବ୍ୟଧାରା ଯେତେବେଳେ ନୈରାଶ୍ୟ, ମୃତ୍ୟୁ ଚେତନା ଓ ବିଷାଦ ଭାବରେ ଆଚ୍ଛନ୍ନ ଥିଲା, ସେହି ସମୟରେ ସକାରାତ୍ମକତାକୁ ନେଇ ଜୀବନ ବଞ୍ଚିବାର ଏକ ନୂଆ ରାହା ଦେଖାଇବା ମଧ୍ୟ ଥିଲା ମୁଁ ଓ ମୋ' ସମସାମୟିକ କବିମାନଙ୍କର ଏକ ଦାୟ।

ଏ ସବୁ ବ୍ୟତୀତ ମୋର ଏକ ଝୁଙ୍କ୍ ଥିଲା କବିତାରେ ଶୂନ୍ୟ ସହିତ ସଂଯୋଗ ସ୍ଥାପନ। ମୋ' ବିଚାରରେ କବିତାର ସାର୍ଥକତା ହିଁ ନିହିତ ଥାଏ ରହସ୍ୟମୟତାରେ, ଯଦିଓ ଯୋଉ ବାଗରେ ଗଲେ ବି ଯୁଗଯୁଗର ପ୍ରୟାସ ସତ୍ତ୍ୱେ କବିତାକୁ ପୂରାପୂରି ପ୍ରକଟ କରିବା କାହା ପକ୍ଷେ ସମ୍ଭବ ହୋଇପାରିନି। ଯଦି ବା କେବେ ସମ୍ଭବ ହୁଏ, ତେବେ ତାହା ହିଁ ହେବ କବିତାର ଅନ୍ତିମ ଦିନ।

ମୋ: ୮୯୧୭୨୭୦୫୫୬

## କେନ୍ଦ୍ରୀୟ ପ୍ୟାନେଲରେ ଓଡ଼ିଶାର ୩ ଓକିଲ

**ନୂଆଦିଲ୍ଲୀ:** କେନ୍ଦ୍ର ସରକାରଙ୍କ ଲୟର୍ସ ପ୍ୟାନେଲ୍‌ରେ ଓଡ଼ିଶାର ୩ଜଣ ଆଇନଜୀବୀଙ୍କ ନାମକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନୁମୋଦନ କରିଛନ୍ତି। ଏହି ଆଇନଜୀବୀମାନେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିବେ। ଗ୍ରୁପ୍ 'ଏ' ଏବଂ 'ବି' ଆଇନ୍‌ଜୀବୀ ପ୍ୟାନେଲରେ ୨୪ଜଣଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଛନ୍ତି। ଏହି ତାଲିକାରେ ବରିଷ୍ଠ ଓକିଲ ଅଶୋକ କୁମାର ପଣ୍ଡା, ସୁପ୍ରିମକୋର୍ଟ ଓକିଲ ଶୁଭ୍ରାଂଶୁ ପାଢ଼ୀଙ୍କୁ ଗ୍ରୁପ୍ 'ଏ' ଏବଂ ନଭଞ୍ଜୟ ମହାପାତ୍ରଙ୍କୁ ଗ୍ରୁପ୍ 'ବି'ରେ ନିଯୁକ୍ତି ମିଳିଛି। ଏହି ଓକିଲମାନେ ତତ୍‌କ୍ଷଣାତ୍ ଏହି ଦାୟିତ୍ୱରେ କାର୍ଯ୍ୟ କରିବେ ବୋଲି ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଆଜି ହେବ ନ୍ୟାୟାଳୟ ଫିସ୍ ସଂଶୋଧନ ବିଲ୍ ଉପରେ ଆଲୋଚନା

ଭୁବନେଶ୍ୱର,୩୦।୯(ବ୍ୟୁରୋ): ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ନ୍ୟାୟାଳୟ-ଫିସ୍ (ଓଡ଼ିଶା ସଂଶୋଧନ) ବିଲ୍ ଗୃହରେ ଆଗତ କରିଥିଲେ। ମନ୍ତ୍ରୀଙ୍କ ବିବୃତ୍ତି ପରେ ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥି ଏହାକୁ ସମର୍ଥନ କରି ଅନ୍‌ଲାଇନରେ କୋର୍ଟ କାର୍ଯ୍ୟ ହେବା ଦ୍ୱାରା ବହୁ ଲୋକ ଉପକୃତ ହେବେ ବୋଲି କହିଥିଲେ। ଅପରପକ୍ଷରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଇଣ୍ଟରନେଟ ସୁବିଧା ସମସ୍ତଙ୍କ ପାଖରେ ନ ଥିବାରୁ ଏହି ବିଲ୍ ଯଥାର୍ଥ ନୁହେଁ ଦର୍ଶାଇ ବିରୋଧ କରିଥିଲେ। ତେବେ ସମୟ ଅଭାବରୁ ଏହା ଉପରେ ବିସ୍ତୃତ ଆଲୋଚନା ହୋଇ ନ ପାରିବାରୁ ଗୁରୁବାରକୁ ଏହା ସ୍ଥଗିତ ରହିଲା ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ। ପରେ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା।

# ଓଡ଼ିଶାରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣରେ ଅଛି

ଭୁବନେଶ୍ୱର,୩୦।୯(ବ୍ୟୁରୋ)

**ଗୃହରେ ବିବୃତି ରଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ**
- ପ୍ରବାସୀଙ୍କ ଲାଗି ସଂକ୍ରମଣ ବଢ଼ିଯାଇଥିଲା
- ମାସ୍କ ଓ ପିପିଇ କିଟ୍ ଦୁର୍ନୀତି ପ୍ରସଙ୍ଗକୁ ନେଇ ସ୍ପଷ୍ଟ କଲେ

ମହାମାରୀ ପରିଚାଳନାରେ ରାଜ୍ୟ ସରକାର ଉତ୍କୃଷ୍ଟ ପଦକ୍ଷେପ ନେଇଥିବାରୁ ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣରେ ରହିଛି। ବୁଧବାର ବିଧାନସଭାରେ ବିରୋଧୀଙ୍କ କୋଭିଡ୍ ସଂକ୍ରାନ୍ତ ମୁଲତବୀ ନୋଟିସ୍ ପରେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ନିଜ ବିବୃତିରେ ଏହା କହିଛନ୍ତି। ସେ କହିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍‌ଡାଉନ୍ କଟକଣା ଯୋଗୁ ପ୍ରଥମ ଦୁଇମାସ ସଂକ୍ରମଣ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିଲା। କିନ୍ତୁ ଅନ୍ୟ ରାଜ୍ୟରେ ଫସିଥିବା ପ୍ରବାସୀ ଓଡ଼ିଆଙ୍କ ପ୍ରତ୍ୟାବର୍ତ୍ତନ ପରେ ସଂକ୍ରମଣ ବୃଦ୍ଧି ପାଇଥିଲା। ତେବେ ୭.୬୭ ଲକ୍ଷ ପ୍ରବାସୀଙ୍କୁ ରଖିବା ଲାଗି ୧୬ ହଜାର ୮୨୪ଟି ଟିଏମ୍‌ସି ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କେବଳ ଆର୍‌ଏମ୍‌ଆରସିରେ କୋଭିଡ୍-୧୯ ନମୁନା ପରୀକ୍ଷା ହେଉଥିଲା। ଏବେ କିନ୍ତୁ ୫୧ଟି ପରୀକ୍ଷଣ କେନ୍ଦ୍ରରେ ପାଖାପାଖି ଦୈନିକ ୫୦ ହଜାର ନମୁନା ଟେଷ୍ଟିଂ କରାଯାଉଛି। ଘରୋଇ ହସ୍ପିଟାଲରେ ଆର୍‌ଟି-ପିସିଆର୍ ପରୀକ୍ଷା ପାଇଁ ପ୍ରତି ଟେଷ୍ଟ ପିଛା ୧୨୦୦ ଟଙ୍କା ଓ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ଲାଗି ୪୫୦ ଟଙ୍କା ମୂଲ୍ୟ ନିର୍ଦ୍ଧାରଣ ହୋଇଥିବା କହିଥିଲେ।

ଅନ୍ୟପକ୍ଷରେ ମଙ୍ଗଳବାର ବିଧାନସଭାରେ ଉଠିଥିବା ମାସ୍କ ଓ ପିପିଇ କିଟ୍ ଦୁର୍ନୀତି ପ୍ରସଙ୍ଗକୁ ନେଇ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହାଉପରେ ସ୍ପଷ୍ଟ କରିଥିଲେ। ସେ କହିଲେ, କୋଭିଡ୍ କିଟ୍ କିଣାରେ ଆସିଥିବା ଦୁର୍ନୀତି ଅଭିଯୋଗ ଲୋକାୟୁକ୍ତଙ୍କ ପାଖରେ ବିଚାରାଧୀନ ଅଛି। ତଦନ୍ତ ପରେ ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ କୋଭିଡ୍-୧୯ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ଲାଗି ଇମରଜେନ୍ସି ପ୍ରୋକ୍ୟୁରମେଣ୍ଟ କମିଟି ଏବଂ ଅର୍ଥ ଓ ଅବକାରୀ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଥିଲା। ଏହି ଅନୁଯାୟୀ ଓଡ଼ିଶା ରାଜ୍ୟ ଔଷଧ ନିଗମ ଯୁଦ୍ଧକାଳୀନଭିତ୍ତିରେ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଇମରଜେନ୍ସି ପ୍ରୋକ୍ୟୁରମେଣ୍ଟ କମିଟି, ମନ୍ତ୍ରୀସ୍ତରୀୟ କମିଟି ଓ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପୂର୍ବକ ସମସ୍ତ ସମୟୋଚିତ ପଦକ୍ଷେପ ଗ୍ରହଣ କରିଥିଲା। ସେପ୍ଟେମ୍ବର ୨୯ ସୁଦ୍ଧା ନିଗମରେ ୧୧ କୋଟି ୧୦ ଲକ୍ଷ ୧୯ ହଜାର ୩୩୩ ପାରାସିଟାମଲ୍, ୪ କୋଟି ୧୩ ଲକ୍ଷ ୬୮ ହଜାର ୮୬୪ଟି ସେଟ୍ରିଜିନ୍ ଡିହାଇଡ୍ରୋକ୍ଲୋରାଇଡ୍, ୨ କୋଟି ୩୨ ଲକ୍ଷ ୮୬ ହଜାର ୧୬୮ଟି ଆଜିଥ୍ରୋମାଇସିନ୍, ୬ ଲକ୍ଷ ୬୫ ହଜାର ୯୫୩ ଲିଟର ସାନିଟାଇଜର ଓ ୫ ଲକ୍ଷ ୯୭ ହଜାର ୫୮୪ ଏନ୍-୯୫ ଓ କେଏନ୍-୯୫ ମାସ୍କ ଗଚ୍ଛିତ ରହିଛି। ୧ କୋଟି ୭୫ ଲକ୍ଷ ୭୭ ହଜାର ଟ୍ରିପଲ୍ ଲେୟାର ଫେସ୍ ମାସ୍କ ରହିଛି। ୩ ଲକ୍ଷ ୭୦ ହଜାର ୮୭୨ ପିପିଇ କିଟ୍, ୧୭ ହଜାର ୭୩୫ ଅକ୍ସିଜେନ୍ ସିଲିଣ୍ଡର, ୨ ଲକ୍ଷ ୭ ହଜାର ୭୨୬ ଫାଭିପିଆର୍‌ଭି, ୪୮ ଲକ୍ଷ ୩୫ ହଜାର ୫୬୫ ହାଇଡ୍ରୋକ୍ଲୋରକୁଇନ୍(୨୦୦ ଏମ୍‌ଜି) ଓ ୯୧ ଲକ୍ଷ ୪୦ ହଜାର ୫୭୦ ହାଇଡ୍ରୋକ୍ଲୋରକୁଇନ୍(୪୦୦ ଏମ୍‌ଜି), ୧୨ ଲକ୍ଷ ୨୯ ହଜାର ୬୫୦ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କିଟ୍ ଗଚ୍ଛିତ ରହିଛି। ସେହିଭଳି କୋଭିଡ୍ ମୁକାବିଲା ପାଇଁ ଡିସିଏଚ୍/ଡିସିଏଚ୍‌ସିରେ ୮୨୫୫ ବେଡ୍ ଥିବାବେଳେ ୪୫୪୪ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। କୋଭିଡ୍ କେୟାର ସେଣ୍ଟରରେ ୧୬ ହଜାର ୮୨୮ ବେଡ୍ ଥିବାବେଳେ ୨୮୫୯ ରୋଗୀ ଚିକିତ୍ସିତ ହେଉଛନ୍ତି। ୧୪୨୬ ଆଇସିୟୁରୁ ୮୦୮ ଓ ୫୩୧ ଭେଣ୍ଟିଲେଟର ମଧ୍ୟରୁ ୨୨୬ରେ ରୋଗୀ ଅଛନ୍ତି। ଭୁବନେଶ୍ୱର, କଟକ ସମେତ ୫ଟି ମହାନଗର ନିଗମ ଅଞ୍ଚଳରେ ଏବେ ବି ଶଯ୍ୟା ଖାଲିରହିଛି। ଏଥିସହ ସରକାରୀ ଓ ବେସରକାରୀ କୋଭିଡ୍ ହସ୍ପିଟାଲରେ ୨୪ ଘଣ୍ଟିଆ ହେଲ୍ପଡେସ୍କ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ତିର୍ତ୍ତୋଲ, ବାଲେଶ୍ୱର ଉପନିର୍ବାଚନ ଲାଗି ଭାଜପାର ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର ୩୦।୯(ବ୍ୟୁରୋ)

**ବାଲେଶ୍ୱର ୧୬, ତିର୍ତ୍ତୋଲରେ ୨୩ ନେତାଙ୍କୁ ଦାୟିତ୍ୱ**

ରାଜ୍ୟରେ ଖାଲି ହୋଇଥିବା ଦୁଇଟି ବିଧାନସଭା ଆସନ ତିର୍ତ୍ତୋଲ ଏବଂ ବାଲେଶ୍ୱର ଆସନରେ ଉପନିର୍ବାଚନ ନେଇ ନିର୍ବାଚନ ତାରିଖ ଘୋଷଣା ସରିଛି। ଆସନ୍ତା ନଭେମ୍ବର ୩ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ବର୍ତ୍ତମାନଠାରୁ ସବୁ ରାଜନୈତିକ ଦଳଗୁଡ଼ିକ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ବୁଧବାର ଏହି ଦୁଇ ଆସନ ପରିଚାଳନା ଦାୟିତ୍ୱ ଦଳର କେତେଜଣ ବରିଷ୍ଠ ନେତାଙ୍କ ହାତରେ ନ୍ୟସ୍ତ କରିଛନ୍ତି। ବାଲେଶ୍ୱର ଆସନରେ ଉପନିର୍ବାଚନ ପରିଚାଳନାର ମୁଖ୍ୟ ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କରିବାକୁ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ମୟୁରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ, ଗୋଲକ ମହାପାତ୍ର, ବିଷ୍ଣୁ ସେଠୀ, ରଘୁନାଥ ମହାନ୍ତି, ପଦ୍ମଲୋଚନ ପଣ୍ଡା, ଜୟନାରାୟଣ ମହାନ୍ତି, ମୋହନ ମାଝି, ସୁକାନ୍ତ ନାୟକ, କାଳନ୍ଦୀ ସାମଲ, ଟଙ୍କଧର ତ୍ରିପାଠୀ, ସ୍ମୃତି ପଟ୍ଟନାୟକ, ଗୋବିନ୍ଦ ଦାଶ, ଅଜୟ କୁମାର ମିଶ୍ର ଏବଂ ଉମାକାନ୍ତ ମହାପାତ୍ରଙ୍କୁ ଦିଆଯାଇଛି। ସେହିପରି ତିର୍ତ୍ତୋଲ ଆସନର ଦାୟିତ୍ୱ ମଧ୍ୟ ଦଳର ବହୁ ବରିଷ୍ଠ ନେତାଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ପୃଥ୍ୱୀରାଜ ହରିଚନ୍ଦନ, ଅପରାଜିତା ଷଡଙ୍ଗୀ, ସମୀର ଦେ, ନୟନ ମହାନ୍ତି, ପ୍ରକାଶ ମିଶ୍ର, ଭୃଗୁବକ୍ସି ପାତ୍ର, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ପ୍ରଭାତୀ ପରିଡ଼ା, ଇରାଶିସ୍ ଆଚାର୍ଯ୍ୟ, ସାରଦା ପ୍ରଧାନ, ବିଭୁ ତରାଇ, ଭୁବନମୋହନ ଜେନା, ପ୍ରକାଶ ବେହେରା, ଅମର ନାୟକ ଆଦିଙ୍କୁ ପ୍ରଦାନ କରାଯାଇଛି।

# ୭୦୦ ଏକର ଜମି ହଡ଼ପ ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ଅନୁଗୋଳ ଜିଲାରେ ଗତ ୧୦ ବର୍ଷ ଭିତରେ ଆଦିବାସୀ ଏବଂ ତଫସିଲଭୁକ୍ତ ଜାତି ଲୋକଙ୍କ ୭୦୦ ଏକରରୁ ଉର୍ଦ୍ଧ୍ୱ ଜମି ଏକ ନିର୍ଦ୍ଦିଷ୍ଟ ପରିବାର ହଡ଼ପ କରିଛି। ଏଥିରେ ବହୁ ବରିଷ୍ଠ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ସେହି ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଦାବି କରିଛନ୍ତି।

ବୁଧବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ଆଦିବାସୀ ଓ ତଫସିଲଭୁକ୍ତ ଜାତି ଲୋକଙ୍କ ଜମି କିଣିଲା ବେଳେ ଅନେକ ଗୁଡିକ ନିୟମ ଅନୁପାଳନ କରାଯାଇଥାଏ। ହେଲେ ସେହି ନିୟମକୁ ଦଳିଦେଇ ଚଞ୍ଚକତା ଓ ମିଥ୍ୟାର ଆଶ୍ରୟ ନେଇ କେତେଜଣ ଉଚ୍ଚ ପଦସ୍ଥ ଅଧିକାରୀ ଜମି ବିକ୍ରୀର ପଞ୍ଜୀକରଣ କରିଛନ୍ତି। ଏହି ଜମିର ଆନୁମାନିକ ମୂଲ୍ୟ ୨୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ରାଜ୍ୟରେ ରାଜସ୍ୱ ମନ୍ତ୍ରୀ ଭାବେ ଜଣେ ଆଦିବାସୀ ନେତା ଥିଲାବେଳେ ଏଭଳି ଘଟଣା କେମିତି ଘଟିଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଆଦିବାସୀ ଏବଂ ଦଳିତଙ୍କ ଜମି କିଣିଲା ବେଳେ ଯେଉଁ ଡାକ୍ତରୀ ସାର୍ଟିଫିକେଟ୍‌ର ବ୍ୟବହାର କରାଯାଇଛି ତାହା ମିଥ୍ୟା ଦସ୍ତାବିଜ ଉପରେ ଆଧାରିତ। ଆଇନ୍‌ତଃ ଜଣେ ଆଦିବାସୀ ବା ତଫସିଲଭୁକ୍ତ ଜାତିର ଲୋକକୁ ବର୍ଷରେ ଥରେ ଜମି ବିକିବାର ବ୍ୟବସ୍ଥା ଥିବାବେଳେ ଏହାକୁ ଅବମାନନା କରାଯାଇ ଗୋଟିଏ ବର୍ଷରେ ବାରମ୍ବାର ଜଣେ ଆଦିବାସୀଙ୍କ ଠାରୁ ଜମି କିଣାଯାଇଛି। ବେଆଇନ ଭାବେ ଯେଉଁ ଜମି କିଣାଯାଇଛି ତାହାକୁ ତୁରନ୍ତ ବାତିଲ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସହ ଦୋଷୀକୁ କଠୋର ଦଣ୍ଡ ବିଧାନ କରିବା ପାଇଁ ପ୍ରଦୀପ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଇଟିଆର୍ ଫାଇଲିଂ...

ସୂଚନା ଯୋଗ୍ୟ, ୨୦୧୮-୧୯ ଆଇଟିଆର୍ ଫାଇଲିଂ କରିବାର ଅବଧିକୁ ସରକାର ବର୍ତ୍ତମାନ ସୁଦ୍ଧା ୪ଥର ବୃଦ୍ଧି କରିଛନ୍ତି। ଆଇଟିଆର୍ ପଇଠ କରିବା ଲାଗି ଟିକସଦାତାଙ୍କ ପାଖକୁ ଏସ୍‌ଏମ୍‌ଏସ୍ ଏବଂ ଇ-ମେଲ ପଠାଯାଉଛି। ଅନ୍ୟ ଏକ ବିଜ୍ଞପ୍ତିରେ ଆୟକର ବିଭାଗ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ସେପ୍ଟେମ୍ବର ୨୯ ସୁଦ୍ଧା ୩୩ ଲକ୍ଷ ଟିକସଦାତାଙ୍କୁ ୧.୧୮ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ପ୍ରଦାନ କରାଯାଇଛି। ଏହା ମଧ୍ୟରେ ୩୨, ୨୩୦ କୋଟି ଟଙ୍କାର ବ୍ୟକ୍ତିଗତ ଆୟକର ରିଫଣ୍ଡ ରହିଥିବା ବେଳେ ୮୬,୦୯୪ କୋଟି ଟଙ୍କାର କର୍ପୋରେଟ ଟିକସ ରିଫଣ୍ଡ ସାମିଲ ରହିଛି।

### ୩ରୁ ୬ ପ୍ରବଳ ବର୍ଷା...

ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଗଞ୍ଜାମ, ଅନୁଗୋଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କନ୍ଧମାଳ, ନୟାଗଡ଼, ବୌଦ୍ଧ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏ ସବୁ ଜିଲାପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଅକ୍ଟୋବର ୨ ତାରିଖରେ ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଅନୁଗୋଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତଳିଆ ଅଞ୍ଚଳରେ ପାଣି ବୁଡି ରହିବା ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଅକ୍ଟୋବର ୨ ତାରିଖ ସୁଦ୍ଧା କୂଳକୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ପରିସ୍ଥିତି ଉପରେ ନଜର ରଖିବାକୁ ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ପରିମାଣ ସମ୍ପର୍କରେ ନିୟମିତ ସୂଚନା ଦେବା ସହିତ ତଳିଆ ଅଞ୍ଚଳଗୁଡ଼ିକ ଉପରେ ନଜର ରଖିବାକୁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୋପାଳପୁରରେ ୮୦.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପୁରୀ ୩୯.୨, କୋରାପୁଟ ୨୧.୬, ଫୁଲବାଣୀ ୧୪, ମାଲକାନଗିରି ୨୨, ଦାରିଙ୍ଗବାଡ଼ି ୧୭, ନୟାଗଡ଼ ୭୦.୪, ଛତ୍ରପୁର ୫୪, ବାଲେଶ୍ୱର ୭.୬, ଚାନ୍ଦବାଲି ୯.୪, ପାରାଦୀପ ୫.୩ ଏବଂ ଭୁବନେଶ୍ୱରରେ ୧୬.୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

### ଅକ୍ଟୋବର ୧୫ରୁ ଖୋଲିବ...

ସମ୍ପର୍କରେ ରାଜ୍ୟ ସରକାର ପରିସ୍ଥିତିକୁ ଦେଖି ବିଚାର କରିପାରିବେ ବୋଲି କୁହାଯାଇଛି। ପିଲା ସ୍କୁଲକୁ ଆସିବା ଲାଗି ଅଭିଭାବକଙ୍କ ଅନୁମତି ବାଧ୍ୟତାମୂଳକ କରାଯାଇଛି। ଉପସ୍ଥାନକୁ ଅଗ୍ରାଧିକାର ନ ଦେବା ଲାଗି କୁହାଯାଇଛି। ଏଥିସହ କଣ୍ଟେନମେଣ୍ଟ ଜୋନ୍ ବାହାରେ ପ୍ରମୋଦ ଉଦ୍ୟାନ ଖୋଲିବା ଲାଗି ମଧ ଅନୁମତି ମିଳିଛି। ସାଂସ୍କୃତିକ, ସାମାଜିକ, କ୍ରୀଡ଼ା, ଧାର୍ମିକ ଓ ରାଜନୈତିକ ସମାବେଶ ଲାଗି ସରକାର ଅନୁମତି ପ୍ରଦାନ କରିଛନ୍ତି। କଣ୍ଟେନ୍‌ମେଣ୍ଟ ବାହାରେ ୧୦୦ ଲୋକଙ୍କୁ ନେଇ ଏସବୁ କାର୍ଯ୍ୟକ୍ରମ ଏଣିକି ସର୍ତ୍ତମୂଳକ ଭାବେ କରାଯାଇପାରିବ। କ୍ରୀଡ଼ାବିତ୍‌ଙ୍କ ପ୍ରଶିକ୍ଷଣ ଲାଗି ସୁଇମିଂ ପୁଲ୍ ଖୋଲିବା ନେଇ ସରକାର ଅନୁମତି ପ୍ରଦାନ କରିଥିବାବେଳେ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଏସ୍‌ଓପି ଜାରି କରାଯିବ ବୋଲି କୁହାଯାଇଛି। ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଅକ୍ଟୋବର ୩୧ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଲକ୍‌ଡାଉନ୍ ବଳବତ୍ତର ରହିବ ବୋଲି ଦର୍ଶାଯାଇଛି। ଅନ୍ତର୍ଜାତୀୟ ବିମାନ ଉଡ଼ାଣ କଟକଣା ଉପରେ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ମହାମାରୀ କରୋନା ଯୋଗୁ ଜାରି ହୋଇଥିବା କଟକଣାକୁ ସରକାର ଆସ୍ତେ ଆସ୍ତେ କୋହଳ କରି ସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛନ୍ତି। ଆର୍ଥିକ କାରବାର ବୃଦ୍ଧି ଓ ସାମାଜିକ ଚଳଣିରେ ପରିବର୍ତ୍ତନ ଆଣିବା ଲାଗି ପ୍ରୟାସ କରାଯାଇଛି। ରାଜ୍ୟ ଭିତରେ କିମ୍ବା ରାଜ୍ୟ-ରାଜ୍ୟ ମଧ୍ୟରେ ସାମଗ୍ରୀ ଓ ଯାତ୍ରୀ ପରିବହନ କଟକଣାକୁ ଉଠାଇ ଦିଆଯାଇଛି।

### ଶନିବାର ସରକାରୀ...

ତେବେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ(ଏସ୍‌ଆର୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) କାର୍ଯ୍ୟାଳୟ, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ମହାନଗର ନିଗମ ଇତ୍ୟାଦି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଖୋଲା ରହିବ। ଏଥିରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସବୁ ଦିନ କାର୍ଯ୍ୟରେ ଯୋଗଦେବେ। ବିଭାଗ ଦ୍ୱାରା ଜାରି କରାଯାଇଥିବା ସମସ୍ତ କୋଭିଡ୍ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୋଣସି କର୍ମଚାରୀ କୋଭିଡ୍ ସଂକ୍ରମିତ ହେବେ ତେବେ ସମ୍ପୃକ୍ତ କାର୍ଯ୍ୟାଳୟ ୨୦୨୦ ଜୁଲାଇ ୨୩ରେ ରାଜ୍ୟ ସରକାର ଜାରି କରିଥିବା ଗାଇଡ୍‌ଲାଇନ୍‌କୁ ଅନୁସରଣ କରିବାକୁ କୁହାଯାଇଛି। ଯେଉଁ କର୍ମଚାରୀଙ୍କୁ ଭର୍ଚୁଆଲ ପ୍ରାଇଭେଟ ନେଟୱର୍କ(ଭିପିଏନ୍)ପ୍ରଦାନ କରାଯାଇଛି ସେମାନେ ଘରେ ରହି କାମ କରିପାରିବେ। ତେବେ ସେହି କର୍ମଚାରୀମାନେ ଜରୁରୀ ପରିସ୍ଥିତିରେ କାର୍ଯ୍ୟାଳୟରେ ଯୋଗଦେବା ପାଇଁ ପ୍ରସ୍ତୁତ ରହିବା ଏବଂ ଟେଲିଫୋନ ଯୋଗେ ସମ୍ପର୍କରେ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରଶାସନିକ ବିଭାଗଗୁଡ଼ିକ ଉପକାର୍ଯ୍ୟାଳୟଗୁଡ଼ିକ ଏବଂ କ୍ଷେତ୍ର କର୍ମଚାରୀମାନେ କିପରି କାର୍ଯ୍ୟ କରିବେ ସେ ନେଇ ନିଷ୍ପତ୍ତି ନେବେ।



କୃଷି ଆଇନ ଓ ଜାତୀୟ ଶିକ୍ଷାନୀତି ବାତିଲ ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ ଆଦି ଦାବି ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ମୁଖ୍ୟମନ୍ତ୍ରୀ ଘରୁ ବାହାରନ୍ତୁ: ସୁର

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ରାଜ୍ୟରେ କରୋନା ପରିସ୍ଥିତି ମେ' ପର୍ଯ୍ୟନ୍ତ ଠିକ୍‌ଠାକ୍ ଚାଲିଥିଲା। ହେଲେ ରାଜ୍ୟ ସରକାର ପ୍ରବାସୀ ଓଡ଼ିଆଙ୍କୁ ଆଣି ଭୁଲ୍ କଲେ। ବିଭିନ୍ନ ଷ୍ଟେଶନରେ ସେମାନେ ଓହ୍ଲାଇବା ଫଳରେ ରାଜ୍ୟ ସାରା ସଂକ୍ରମଣ ବ୍ୟାପିଲା। ଗଞ୍ଜାମ ଓ ଖୋର୍ଦ୍ଧା ଜିଲା ବିଶେଷକରି ଭୁବନେଶ୍ୱରରେ ଏବେ ସେଥିପାଇଁ ପରିସ୍ଥିତି ଭୟଙ୍କର ହୋଇଛି ବୋଲି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ବିଧାନସଭାରେ କହିଛନ୍ତି। ରାଜ୍ୟ ସରକାର ପ୍ରବାସୀଙ୍କୁ ଡାକି କୋଭିଡ୍‌କୁ ନିମନ୍ତ୍ରଣ କରିଛନ୍ତି। ଭୁବନେଶ୍ୱର, ଜଟଣୀ ଓ ଆଖପାଖରେ ପ୍ରତିଦିନ ଏବେ ୨୦୦ ଲୋକ ଜୀବନ ହରାଉଛନ୍ତି। ଡାକ୍ତରମାନେ ରୋଗୀଙ୍କୁ ଛୁଁ ନାହାନ୍ତି। କୋଭିଡ୍ ରୋଗୀଙ୍କର ଯେତିକି ମୃତ୍ୟୁ ହେଉନି, ସେତିକି ସାଧାରଣ ରୋଗୀଙ୍କର ମୃତ୍ୟୁ ଘଟୁଛି। ଏଭଳିସ୍ଥିତିରେ ମୁଖ୍ୟମନ୍ତ୍ରୀ ଘରୁ ବାହାରି ପରିସ୍ଥିତିକୁ ନିଜେ ଦେଖନ୍ତୁ ବୋଲି ସେ କହିଥିଲେ।

### କୋଭିଡ୍ ସେଣ୍ଟରରେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ ଉଠାଇଲେ ନରସିଂହ

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବୁଧବାର ବିଧାନସଭାରେ ବଲାଙ୍ଗୀର ସହରର ଏକ କୋଭିଡ୍ ସେଣ୍ଟରରେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ ଉଠାଇଥିଲେ। ଏହାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। ଉକ୍ତ କୋଭିଡ୍ ସେଣ୍ଟରରେ ଠିକାରେ ନିଯୁକ୍ତ ହୋଇଥିବା ଆୟୁର୍ବେଦିକ୍ ଡାକ୍ତର ରାତି ୧୨ଟାରେ ଜଣେ ମହିଳା କୋଭିଡ୍ ରୋଗୀଙ୍କ ବେଡ୍ ନିକଟକୁ ଯାଇ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଅଭିଯୋଗ ସତ୍ତ୍ୱେ ପୋଲିସ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଓଲଟା ଡାକ୍ତରଙ୍କୁ ବଞ୍ଚାଇବାକୁ ପ୍ରଚେଷ୍ଟା କରାଯାଉଥିବା ସେ କହିଥିଲେ।

### ରାଜ୍ୟରେ ୧୬.୫ ଲକ୍ଷ ବେକାରି

ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ରାଜ୍ୟରେ ବେକାରି ସମସ୍ୟା ବଢ଼ୁଛି। ରହିଥିବା ସୁଯୋଗକୁ ସରକାର ତା'ର ଉପଯୋଗ କରିପାରୁନାହାନ୍ତି। ରାଜ୍ୟରେ କେତେ ବେକାରି ଅଛନ୍ତି ତା'ର ତଥ୍ୟ ମଧ୍ୟ ନାହିଁ। ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ କହୁଥିବାବେଳେ ମୁଖ୍ୟ ଶାସନ ସଚିବ ୧୨ ଲକ୍ଷ କହୁଛନ୍ତି। ମାତ୍ର ବାସ୍ତବରେ ଓଡ଼ିଶାରେ ୧୬.୫ ଲକ୍ଷ ବେକାରି ଯୁବତୀ, ଯୁବକ ଅଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି। ଛୋଟ ଛୋଟ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ବିଭିନ୍ନ ଛୋଟ ବଡ଼ ଫ୍ୟାକ୍ଟ୍ରି ପ୍ରତିଷ୍ଠା ଦ୍ୱାରା ବହୁ ସଂଖ୍ୟାରେ କର୍ମନିଯୁକ୍ତି ସୃଷ୍ଟି କରାଯାଇପାରନ୍ତା। ମାତ୍ର ସରକାରଙ୍କର ଅପାରଗତା ଯୋଗୁ ଆଜି ଓଡ଼ିଶାର ଲୋକେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ସେହିଭଳି ଏଠାରେ ରହିଥିବା ଶିଳ୍ପାନୁଷ୍ଠାନରେ ଓଡ଼ିଆଙ୍କୁ ନିଯୁକ୍ତି ଦିଆଯାଉନି। ୮୦ ପ୍ରତିଶତ ସ୍ଥାନୀୟ ଲୋକ ନିଯୁକ୍ତି ପାଇବାର ବ୍ୟବସ୍ଥା ଥିଲେ ମଧ୍ୟ ଓଡ଼ିଶାରେ ଏହାକୁ ପାଳନ କରାଯାଉ ନ ଥିବା ସେ କହିଥିଲେ।

# ସରପଞ୍ଚଙ୍କୁ ଲକ୍ଷେ ଜରିମାନା, ୩ ଦିନରେ ପଇଠ ନ କଲେ କାର୍ଯ୍ୟାନୁଷ୍ଠାନ

ବରଗଡ଼ ଅଫିସ୍,୩୦।୯

**କୋଭିଡ୍ କଟକଣା ଉଲ୍ଲଂଘନ ମହଙ୍ଗା ପଡ଼ିଲା**

ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ ଅଫିସ ଘେରାଉ କରିବା ଗୌରେନମୁଣ୍ଡା ପଞ୍ଚାୟତର ସରପଞ୍ଚ ମାଳବ ସାହୁଙ୍କୁ ମହଙ୍ଗା ପଡ଼ିଛି। କୋଭିଡ୍ କଟକଣା ଉଲ୍ଲଂଘନ କରିଥିବା ଦର୍ଶାଇ ଗାଇସିଲେଟ୍ ବିଡ଼ିଓ ନିରଞ୍ଜନ ସା ୧ଲକ୍ଷ ଜରିମାନା ପଇଠ କରିବାକୁ ସରପଞ୍ଚ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିନିଦିନ ମଧ୍ୟରେ ଜରିମାନା ପଇଠ ନ କଲେ ସରପଞ୍ଚଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡ଼ିଓ ତାଙ୍କ ପତ୍ରସଂଖ୍ୟା-୩୧୪୭ ତା୨୯।୯।୨୦୨୦ରିଖରେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, କିରୋସିନ ଅନିୟମିତତା ଅଭିଯୋଗ ନେଇ ମଙ୍ଗଳବାର ଶତାଧିକ ଲୋକେ ଗାଇସିଲେଟ ବ୍ଲକ ଅଫିସ ଘେରାଉ କରିଥିଲେ। ତେବେ ଏହି ଘେରାଉ ନେଇ ବ୍ଲକ ପ୍ରଶାସନକୁ ପୂର୍ବରୁ କୌଣସି ସୂଚନା ଦିଆଯାଇ ନଥିଲା। କୌଣସି କାର୍ଯ୍ୟକ୍ରମରେ ୨୦ରୁ ଅଧିକ ଲୋକେ ଭିଡ଼ କରି ପାରିବେ ନାହିଁ ବୋଲି କୋଭିଡ୍ କଟକଣା ଥିବାବେଳେ ସରପଞ୍ଚ ସାହୁ ୧୫୦ ଲୋକଙ୍କୁ ସେଠାରେ ଭିଡ଼ କରାଇ କୋଭିଡ୍ କଟକଣାକୁ ଉଲ୍ଲଂଘନ କରିଥିବା ଯୋଗୁ ତାଙ୍କୁ ସେଭଳି ଜରିମାନା କରାଯାଇଥିବା ବିଡ଼ିଓଙ୍କ ଚିଠିରେ ଦର୍ଶାଯାଇଛି।




ନୂଆ ସିନେମା



ଆଶିଷ-ଲିପ୍‌ସା

## ଦିଲ୍ କହେ ଲଭ୍ ୟୁ ଲଭ୍ ୟୁ

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଦିଲ୍ କହେ ଲଭ୍ ୟୁ ଲଭ୍ ୟୁ'। ନବାଗତ ପ୍ରଯୋଜକ ଆଶିଷ ପ୍ରତାପ ସାମଲ ଏହାର ପ୍ରଯୋଜନା କରୁଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ବିବେକ କୁମାର। ତା' ସହ ବିବେକ ଉକ୍ତ ଚିତ୍ରର କାହାଣୀ, ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଉଛନ୍ତି ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ସତ୍ୟ। ସାଇଶ୍ରୀ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରର ପ୍ରାରମ୍ଭିକ କାମ ଚାଲିଛି ଏବଂ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନାୟକ ଭୂମିକାରେ ଅଭିନୟ କରିବେ ପ୍ରଯୋଜକ ଆଶିଷ ଏବଂ ତାଙ୍କ ବ୍ୟତୀତ ଲିପ୍‌ସା ମିଶ୍ର, ମଧୁ, ଜୀବନ ପଣ୍ଡା, ପୁଷ୍ପା ପଣ୍ଡା, ଗୁଲ୍ଲୁ ଏବଂ ଐଶ୍ୱର୍ଯ୍ୟାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ପ୍ରଥମ ଥର ପାଇଁ ପ୍ରଯୋଜନା ପରି ଦାୟିତ୍ୱ ସହ ନାୟକ ସାଜୁଥିବା ଆଶିଷ ନିଜ ଲକ୍ଷ୍ୟରେ କେତେ ସଫଳ ହେଉଛନ୍ତି ତାହା ଫିଲ୍ମଟି ପରଦା ଉପରକୁ ଆସିବା ପରେ ହିଁ ଜଣାପଡ଼ିବ।

## ପୁଣି ଥରେ ଅମ୍ଲାନ-ରିୟା

ଷ୍ଟାର କିଡ୍ ଅମ୍ଲାନ କୁମାରଙ୍କ ଓଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଟାର୍ଗେଟ'ରୁ। ଏହାସହ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ପ୍ରେମ ଅଢ଼େଇ ଅକ୍ଷର'ରୁ ବାବୁସାନ୍‌ଙ୍କ ଅପୋଜିଟ୍‌ରେ ଡେବ୍ୟୁ କରିଥିଲେ ରିୟା। ପରବର୍ତ୍ତୀ ସମୟରେ ଅମ୍ଲାନ ଏବଂ ରିୟାଙ୍କୁ 'ଗୋଲାପି ଗୋଲାପି', 'ତୁ ମୋ ଦେହର ଛାଇ', 'କଲେଜ ଟାଇମ୍'ରେ ଏକାଠି ଅଭିନୟ କରିସାରିଛନ୍ତି। ଏବେ ପୁଣି ଥରେ ଏହି ଯୋଡି ଏକତ୍ର ବଡ ପରଦାରେ ମୁହଁ ଦେଖାଇବେ। ମା' ପାଣ୍ଡବାଶୁଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ତୋ ପାଇଁ କିଛି ବି..' ରେ ଦୁହେଁ ଅଭିନୟ କରିବେ। ନିକଟରେ ଏହାର ମହୁରତ ଅନୁଷ୍ଠିତ ହୋଇଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେବା ସହ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ନିରଞ୍ଜନ ବେହେରା। ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ଗୁଡଲି ରଥ। ଏ ସମ୍ପର୍କରେ ନିରଞ୍ଜନ କହନ୍ତି, 'ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ, କମେଡି, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ରହିଛି। ଦର୍ଶକ ଏଥିରୁ ଏକ ଡିଫରେଣ୍ଟ ଲଭ ଷ୍ଟୋରୀର ବାସ୍ନା ପାଇବେ।' ଏହାପୂର୍ବରୁ ନିରଞ୍ଜନ 'ଆଣ୍ଟି ନମସ୍କାର', 'ଯୋଗୀ', 'ପ୍ରେମ ପାଇଁ ମହାଭାରତ', 'ହୀରୋ ନଂ ଜିରୋ' 'ପ୍ରେମଲୀଳା' ଏବଂ ବବି ମିଶ୍ରଙ୍କ ପ୍ରଯୋଜିତ 'ଫ୍ଲପ ସିନେମା'ର ନିର୍ଦ୍ଦେଶନା ଦେଇସାରିଛନ୍ତି।



## ସତ ହେଲା ଆକଳନ

ତାପସୀ ପାନ୍ନୁ ଯାହା ଆକଳନ କରିଥିଲେ ତାହା ସତ ହୋଇଛି। ସେ ଅଭିନୟ କରିଥିବା ଏବଂ ହିଟ୍ ସାବ୍ୟସ୍ତ ହୋଇଥିବା ହିନ୍ଦୀ ସିନେମା 'ଥାପ୍ପଡ' ୧୪ତମ ଏସିଆନ ଫିଲ୍ମ ଆୱାର୍ଡର ନୋମିନେସନରେ ତାଲିକାଭୁକ୍ତ ହୋଇଛି। ପୁଣ ଏକାଥରେ ଦୁଇଟି କ୍ୟାଟେଗୋରୀ (ବେଷ୍ଟ ଫିଲ୍ମ, ବେଷ୍ଟ ଏଡିଟିଂ)ରେ ଏହି ଫିଲ୍ମକୁ ସାମିଲ କରାଯାଇଛି। ଏ ନେଇ ତାପସୀ କହନ୍ତି, 'ଫିଲ୍ମର ଶୁଟିଂ ସମୟରେ ଥରେ ମୁଁ ଏହାର ନିର୍ଦ୍ଦେଶକ ଅନୁଭବ ସିହ୍ନାଙ୍କୁ କହିଥିଲି ଯେ, ସାର୍, ଏହି ଫିଲ୍ମ ଦିନେ ଏସିଆନ ଫିଲ୍ମ ଆୱାର୍ଡରେ ସାମିଲ ହେବ। ଆଜି ତାହା ସତ ହୋଇଛି। ଏକଥା ଶୁଣିବା ପରେ ମୋର ଖୁସି କହିଲେ ନ ସରେ।' ଏହି ପୁରସ୍କାରରେ ମୋଟ ୧୧ଟି ପୁରସ୍କାର ରହିଛି ଏବଂ ଏଥିପାଇଁ ୩୯ଟି ଫିଲ୍ମ ବିଭିନ୍ନ କ୍ୟାଟେଗୋରୀରେ ଅଂଶଗ୍ରହଣ କରୁଛନ୍ତି।



ତାପସୀ

## ସଙ୍ଗୀତ ବିନା ବଞ୍ଚିବା ଅସମ୍ଭବ



ମୋ କଥା
ଏନ୍. ଶ୍ରୀନିବାସ ରାଓ

'ସଙ୍ଗୀତ ସତେଯେମିତି ମୋ ରକ୍ତରେ ପ୍ରବାହିତ। ପିଲାଟି ଦିନରୁ ଏହା ପ୍ରତି ଆକର୍ଷିତ ହୋଇଥିଲି। ପରବର୍ତ୍ତୀ ସମୟରେ ଏହା ମୋର ନିଶା ପାଲଟିଯାଇଛି। ଶ୍ରୋତାଙ୍କୁ ସେମାନଙ୍କ ପସନ୍ଦର ଗୀତ ପରିବେଷଣ କରିବାରେ ଯେଉଁ ଆନନ୍ଦ ମିଳିଛି ତାହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଏତିକି କହିବି, ସଙ୍ଗୀତ ବିନା ବଞ୍ଚିବା ଅସମ୍ଭବ।' ଏଭଳି ବକ୍ତବ୍ୟ ରଖନ୍ତି ଭିନ୍ନ ଭିନ୍ନ ଗୀତକୁ ନିଜର ସୁରିଲା କଣ୍ଠରେ ପରିବେଷଣ କରି ଦର୍ଶକଙ୍କ ନିକଟରେ ପ୍ରଶଂସାଭାଜନ ହୋଇଥିବା ଗାୟକ ଏନ୍. ଶ୍ରୀନିବାସ ରାଓ। ହିନ୍ଦୁସ୍ତାନୀ ସଙ୍ଗୀତରେ ବିଶାରଦ ସହ ଭୋକାଲରେ ଡିଗ୍ରୀ ହାସଲ କରିଛନ୍ତି ସେ। ସାମ୍ପ୍ରତିକ ସଙ୍ଗୀତର ସ୍ଥିତି ଉପରେ ଏହି ଗାୟକ କହନ୍ତି, ''ଆମ ରାଜ୍ୟରେ ଗୀତକୁ ଜଣେ କ୍ୟାରିୟର କରିପାରିବ ବୋଲି ମୋର ଦୃଢ଼ ବିଶ୍ୱାସ। କାରଣ ଏବେ ଏଥିପାଇଁ ଅନେକ ପ୍ଲାଟଫର୍ମ ରହିଛି। କେବଳ ଠିକ୍ ଭାବରେ ସାଧନା କରିପାରିଲେ ନିଜ ଲକ୍ଷ୍ୟ ପଥରୁ ଆପଣଙ୍କୁ କେହି ବିଚ୍ୟୁତ କରିପାରିବେ ନାହିଁ। ଶ୍ରୋତାଙ୍କ ରୁଚିକୁ ଆଖି ଆଗରେ ରଖି ଯଦି ଗୀତ ପ୍ରସ୍ତୁତ କରାଯାଏ ତେବେ ସଙ୍ଗୀତ ଭବିଷ୍ୟତକୁ ନେଇ କେହି ପ୍ରଶ୍ନବାଚୀ ଉଠାଇ ପାରିବେ ନାହିଁ।'' ପ୍ରଥମେ ନୀଳମଣି ଓଝା ଏବଂ ପରେ ରାଜକିଶୋର ଗୋଚ୍ଛାୟତଙ୍କ ନିକଟରୁ ସଙ୍ଗୀତ ଶିକ୍ଷା କରିଥିଲି। ବର୍ତ୍ତମାନ ସୁଶାନ୍ତ ପଣ୍ଡାଙ୍କ ନିକଟରୁ ସଙ୍ଗୀତ ଶିକ୍ଷା ଜାରି ରଖିଛନ୍ତି ଏହି ଗାୟକ। ବିଶିଷ୍ଟ ହିନ୍ଦୁସ୍ତାନୀ ସଙ୍ଗୀତ ଗୁରୁ ଚିତ୍ତରଞ୍ଜନ ପାଢ଼ୀ ଏବଂ ଓଡ଼ିଶୀ ସଙ୍ଗୀତ ଗୁରୁ ବିଜୟ ଜେନାଙ୍କ ଦ୍ୱାରା ସେ ବେଶ୍ ଅନୁପ୍ରାଣିତ। ଏହାବ୍ୟତୀତ ଏକ୍ଷେତ୍ରରେ ଗୀତିକାର ସଚ୍ଚି ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ରବି ମହାପାତ୍ର ଏବଂ ଅଜୟ ମହାନ୍ତିଙ୍କ ପ୍ରେରଣାକୁ ଏବେ ମଧ୍ୟ ସ୍ମରଣ କରନ୍ତି ଏନ୍. ଶ୍ରୀନିବାସ। ଏମାନଙ୍କ ବ୍ୟତୀତ ସ୍ତ୍ରୀ ଏମ୍. ଉଷାରାଣୀ ଏବଂ ପୁଅ ଏନ୍. ତରୁଣ କୁମାର ମୋ ଗାୟକ ଜୀବନକୁ ଆଗକୁ ଆଗେଇ ନେବାକୁ ଅନେକ ସାହାଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ସେ ଜଣେ ଜାତୀୟସ୍ତରର କ୍ରୀଡ଼ାବିତ। ଜାତୀୟ ସ୍ତରରେ ଅନୁଷ୍ଠିତ ଆଥଲେଟିକ ପ୍ରତିଯୋଗିତାରେ ନିଜର ଦକ୍ଷତା ଦେଖାଇ ସାରିଛନ୍ତି। ସରକାରୀ ଚାକିରି କରିଥିବା ସତ୍ତ୍ୱେ ସେ ପ୍ରତିଦିନ ସଙ୍ଗୀତ ସାଧନା କରିବାକୁ ଭୁଲି ନ ଥାନ୍ତି। 'କଳାକାରର ଅବସର ନାହିଁ। ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ ଏମିତି ସଙ୍ଗୀତ ସେବା କରିବାକୁ ନିଷ୍ପତ୍ତି ନେଇଛନ୍ତି ବେଶ୍ କେତୋଟି ଭଜନ ଏବଂ ଆଲବମ କ୍ୟାସେଟ ପାଇଁ କଣ୍ଠଦାନ କରିଥିବା ଏହି ଗାୟକ। ଏହାବ୍ୟତୀତ ଖୁବ୍ ଶୀଘ୍ର ସେ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଗୀତ ଗାଇବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି।

## ସୋନମ୍‌ଙ୍କ ଫିଟ୍‌ନେସ୍ ଟିପ୍ସ

ସୋନମ୍ କପୁର ଏବେ ଫିଟ୍‌ନେସ ଟିପ୍ସ ବାଣ୍ଟୁଛନ୍ତି। କେବଳ ସେତିକି ନୁହେଁ, ନିଜେ ମଧ୍ୟ ନିଜ ଫିଟ୍‌ନେସ ପ୍ରତି ବେଶ୍ ସଚେତନ। ପ୍ରତିଦିନ ସକାଳେ ଦୁଇ ଘଣ୍ଟା ଏବଂ ସନ୍ଧ୍ୟାରେ ଦୁଇ ଘଣ୍ଟା ବ୍ୟାୟାମ କରୁଛନ୍ତି। ତା' ସହ ଯୋଗ, ପ୍ରାଣାୟାମ ମଧ୍ୟ ଚାଲିଛି। ଏ ସମ୍ପର୍କରେ ସୋନମ୍ କହନ୍ତି, 'ମୁଁ ସବୁବେଳେ ମୋ ଫିଟ୍‌ନେସ୍ ପ୍ରତି ଗୁରୁତ୍ୱ ଦେଇଥାଏ। ଏବେ ଶୁଟିଂ ନ ଥିଲେ ମଧ୍ୟ ପ୍ରତିଦିନ ଏକ୍ସରସାଇଜ କରିବାକୁ ମୁଁ ଭୁଲୁନାହିଁ। ନିକଟରେ ମୋର କେତେଜଣ ସାଙ୍ଗଙ୍କ ସହ କଥା ହେବା ସମୟରେ ସେମାନଙ୍କୁ ଫିଟ୍‌ନେସ୍ ଟିପ୍ସ ଦେଇଥିଲି। ସେମାନେ ତାହାକୁ ଆପଣେଇଛନ୍ତି ତାହା ମୋ ପାଇଁ ବଡ଼ କଥା। ଏବେ ମୋତେ କେତୋଟି ଅଫର ମିଳିଛି, ହେଲେ ଏ ନେଇ କୌଣସି ନିଷ୍ପତ୍ତି ମୁଁ ନେଇନାହିଁ। ପାଖାପାଖି ଦୁଇ ସପ୍ତାହ ଏ ସମ୍ପର୍କରେ ଚିନ୍ତା କରିବା ପରେ ଯାହା ଡିସିସନ୍ ନେବି।'



ସୋନମ୍

## ଭଲ ବେଳା ଆସିଛି



ଶାହରୁଖ

ସତରେ, ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଶାହରୁଖଙ୍କ ଖୁସି ଏବେ କହିଲେ ନ ସରେ। କାରଣ ଯେଉଁ ଯଶରାଜ ଫିଲ୍ମସ ବ୍ୟାନର ତାଙ୍କୁ ନେମ୍ ଫେମ୍ ଦେଇଛି ସେହି ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ସିନେମାରେ ସେ ପୁଣି ଥରେ ଅଭିନୟ କରିବାକୁ ଯାଉଛନ୍ତି। ପ୍ରଯୋଜକ ଆଦିତ୍ୟ ଚୋପ୍ରା ଏହି ବିଗ୍ ବଜେଟ୍ ଫିଲ୍ମର ଟାଇଟଲ ପରଲୋକଗତ ପ୍ରଯୋଜକ ତଥା ତାଙ୍କର ପିତା ଯଶ ଚୋପ୍ରାଙ୍କ ୮୮ତମ ଜନ୍ମବାର୍ଷିକୀ ଅବସରରେ ଘୋଷଣା କରିବେ। କେବଳ ସେତିକି ନୁହେଁ, ଶାହରୁଖଙ୍କୁ ନେଇ ନିର୍ମିତ ହେବାକୁ ଯାଉଥିବା ନୂଆ ହିନ୍ଦୀ ସିନେମା 'ପଠାନ୍'ର ଶୁଟିଂ ଆସନ୍ତା ମାସରେ ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଛି। ତେଣୁ ଏ ନେଇ ଶାହରୁଖ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ 'ୱାର୍' ଚଳଚ୍ଚିତ୍ରର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ। ଅପରପକ୍ଷରେ ରାଜ କୁମାର ହିରାନୀଙ୍କ ଆଗାମୀ ଫିଲ୍ମରେ ମଧ୍ୟ ଶାହରୁଖ ଅଭିନୟ କରିବେ। କଥା କ'ଣ କି ଗତ କିଛିବର୍ଷ ଧରି ଶାହରୁଖଙ୍କ ଅଭିନୀତ ସିନେମାଗୁଡିକ ଫ୍ଲପ୍ ହେଉଛି, ଯାହା ତାଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏବେ ସେ ଅଭିନୟ କରିବାକୁ ଯାଉଥିବା ନୂଆ ଫିଲ୍ମଗୁଡ଼ିକ ତାଙ୍କ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ ବୋଲି ଆଶା ରଖିଛନ୍ତି ଶାହରୁଖ।

ଧରିତ୍ରୀ
DHARITRI


www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଅକ୍ଟୋବର ୧/୨୦୨୦ Thursday, October 1/ 2020

# ରୟାଲ୍ସର ପ୍ରଥମ ପରାଜୟ


**ଦୁବାଇ, ୩୦।୯**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରେକର୍ଡ ରନ ଚେଜ୍ କରିଥିବା ରାଜସ୍ଥାନ ରୟାଲ୍ସ ବୁଧବାର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ କୋଲକାତା ନାଇଟ ରାଇଡର୍ସଠାରୁ ଆଶ୍ଚର୍ଯ୍ୟଜନକ ଭାବେ ୩୭ ରନରେ ହାରିଯାଇଛି। ୧୭୫ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ରୟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ କରି ପାରିଥିଲା। ୩ ମ୍ୟାଚରୁ ରୟାଲ୍ସର ଏହା ପ୍ରଥମ ପରାଜୟ। ଅନ୍ୟପକ୍ଷରେ ଦଳଗତ ପ୍ରଦର୍ଶନ ଯୋଗୁ ନାଇଟ ରାଇଡର୍ସର ବିଜୟ ସମ୍ଭବ ହୋଇଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଏହି ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରୟାଲ୍ସ ତୃତୀୟ ସ୍ଥାନକୁ ଖସିଛି। କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ୨୨୪ ରନର ବିଜୟ ଲକ୍ଷ୍ୟକୁ ଚେଜ୍ କରିଥିବା ରୟାଲ୍ସ ବ୍ୟାଟ୍ସମ୍ୟାନମାନେ ଏଠାରେ ଆଶ୍ଚର୍ଯ୍ୟଜନକଭାବେ ଫେଲ୍ ମାରିଥିଲେ। ଅଧିନାୟକ ଷ୍ଟିଭ୍ ସ୍ମିଥ ୩, ସଞ୍ଜୁ ସାମ୍ସନ ୮, ରବିନ ଉଥପ୍ପା ୨, ରିୟାନ ପରାଗ ୧, ରାହୁଲ ଟେୱାଟିଆ ୧୪, ଜୋସ ବଟଲର ୨୧ ରନରେ ଆଉଟ ହେବାରୁ ଦଳ ସହଜରେ ପରାଜୟ ବରଣ କରିଥିଲା। ଟମ୍ କୁରାନ(୫୪ ରନ, ୩୬ ବଲ, ୨ ଚୌକା, ୩ ଛକା) ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। କୋଲକାତା ପକ୍ଷରୁ ଶିବମ୍ ମାଭି, କମଲେଶ୍ ନାଗରକୋଟି ଓ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏ ଏବଂ ପ୍ୟାଟ୍ କୁମିନ୍ସ, ସୁନୀଲ ନାରିନ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ରୟାଲ୍ସ ଅଧିନାୟକ ଷ୍ଟିଭ୍ ସ୍ମିଥ। କୋଲକାତାର ଦୁଇ ଓପନର ଶୁବମନ ଗିଲ୍ ଓ ସୁନୀଲ ନାରିନ ଆକ୍ରମଣାତ୍ମକ ଆରମ୍ଭ କରିପାରି ନ ଥିଲେ। ଓପନିଂ ଯୋଡ଼ିରେ ୨୯ ବଲ୍‌ରୁ ୩୬ ରନ ଯୋଗ ହେବାପରେ ନାରିନ ୧୫(୧୪ ବଲ, ୨ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ବିପକ୍ଷ ଦଳର ଜୟଦେବ ଉନାଡକଟ୍‌ଙ୍କୁ ପ୍ରଥମ ସଫଳତା ମିଳିଥିଲା। ଟପ୍ ଅର୍ଡରରେ ନୀତୀଶ ରାଣା ୨୨ (୧୭ ବଲ, ୨ ଚୌକା, ୧ଛକା) କରିପାରିଥିବାବେଳେ ଶୁବମନ ୪୭(୩୪ ବଲ, ୫ ଚୌକା, ୧ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ମିଡିଲ ଅର୍ଡରରେ ଅଧିନାୟକ ଦୀନେଶ କାର୍ତ୍ତିକ ପୁଣି ଫେଲ୍ ମାରିଥିଲେ। ଏଥର ସେ ମାତ୍ର ୧ ରନ କରିଥିବାବେଳେ ଜୋଫ୍ରା ଆର୍ଚରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ କୋଲକାତା ବଡ଼ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲା। ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ ମାତ୍ର ୨୪(୧୪ ବଲ, ୩ ଛକା) ରନରେ ଆଉଟ ହେବାରୁ ଦଳକୁ ଶକ୍ତ ଧକ୍କା ହୋଇଥିଲା। ଶେଷ ଭାଗରେ ଇଅନ ମୋର୍ଗାନ ୨୩ ବଲ୍‌ରୁ ୩୪(୧ ଚୌକା, ୨ ଛକା) ରନ କରିବାରୁ କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୧୭୪ ରନରେ ପହଞ୍ଚି ପାରିଥିଲା। ରୟାଲ୍ସ ବୋଲରଙ୍କ ମଧ୍ୟରେ ଜୋଫ୍ରା ଆର୍ଚର ସର୍ବାଧିକ ୨ଟି ଏବଂ ଜୟଦେବ ଉନାଡକଟ, ରାହୁଲ ଟେୱାଟିଆ, ଅଙ୍କିତ ରାଜପୁତ ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶୁବମନ ଗିଲ୍



ଷ୍ଟିଭ୍ ସ୍ମିଥ୍‌ଙ୍କୁ ଆଉଟ୍ କରିବା ପରେ ପ୍ୟାଟ୍ କୁମିନ୍ସ।

## ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୪/୬ (ଶୁବମନ-୪୭, ମୋର୍ଗାନ-୩୪*, ରସେଲ-୨୪, ନୀତୀଶ-୨୨, ଆର୍ଚରେ-୨/୧୮, ଉନାଡକଟ-୧/୧୪, ଟେୱାଟିଆ-୧/୬, ଅଙ୍କିତ-୧/୩୯, କୁରାନ-୧/୩୭)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୩୭/୯ (ଟମ୍ କୁରାନ-୫୪*, ବଟଲର-୨୧, ମାଭି-୨/୨୦, ନାଗରକୋଟି-୨/୧୩, ନାରିନ-୧/୪୦, କୁମିନ୍ସ-୧/୧୩, ବରୁଣ-୨/୨୫, କୁଲଦୀପ-୧/୨୦)।

**ଶିବମ୍ ମାଭି ମ୍ୟାନ୍ ଅଫ୍ ଦି ମ୍ୟାଚ୍**

## ଆୟାରଙ୍କୁ ୧୨ ଲକ୍ଷ ଜରିମାନା

**ଆବୁଧାବି, ୩୦।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମଙ୍ଗଳବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ସ୍ଲୋ ଓଭରରେଟ୍ ବୋଲିଂ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଶ୍ରେୟାସ ଆୟାରଙ୍କୁ ୧୨ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଚଳିତ ସିଜନରେ ଆୟାର ପ୍ରଥମଥରପାଇଁ ଆଚରଣ ବିଧି ଉଲଂଘନ କରିଛନ୍ତି ବୋଲି ଆଇପିଏଲ ପକ୍ଷରୁ ଏକ ରିଲିଜ୍‌ରେ ପ୍ରକାଶ କରାଯାଇଛି। ଗତ ସପ୍ତାହରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କୁ ମଧ୍ୟ ସମାନ କାରଣରୁ ୧୨ ଲକ୍ଷ ଟଙ୍କାର ଜରିମାନା କରାଯାଇଥିଲା। ସନ୍‌ରାଇଜର୍ସ ନିକଟରୁ ପରାଜୟ ପାଇଁ ଆୟାର ଦୁଃଖିତ ଥିବାବେଳେ ମୋଟା ଅଙ୍କର ଜରିମାନା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

## ସାଇର ନୂଆ ଲୋଗୋ ଉନ୍ମୋଚିତ

**ନୂଆଦିଲ୍ଲୀ,୩୦।୯(ପି.ଟି.):** କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ବୁଧବାର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନୂଆ ଲୋଗୋ ଉନ୍ମୋଚନ କରିଛନ୍ତି। ୧୯୮୨ରେ ସାଇ ପ୍ରତିଷ୍ଠା କରାଯାଇଥିଲା। ଏହାପରେ ପ୍ରଥମଥର ପାଇଁ ନୂଆ ଲୋଗୋ ଉନ୍ମୋଚନ କରାଯାଇଛି। ନୂଆ ଲୋଗୋରେ ସାଇ ଗାଢ଼ ଅକ୍ଷରରେ ଲେଖାଯାଇଛି। ଲୋଗୋର




ବ୍ୟାକ୍‌ଗ୍ରାଉଣ୍ଡରେ ଜଣେ ଆଥଲେଟ୍ ସଫଳତା ପାଇବାକୁ ଉଡୁଥିବାର ଚିତ୍ର ରହିଛି। ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଲୋଗୋ ଉନ୍ମୋଚିତ ହୋଇଥିଲା। ଏଥିରେ କ୍ରୀଡ଼ା ସଚିବ ରବି ମିତ୍ତଲ, ସାଇ ନିର୍ଦ୍ଦେଶକ ଜେନେରାଲ ସନ୍ଦୀପ ପ୍ରଧାନ, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଅଧ୍ୟକ୍ଷ ନରିନ୍ଦର ବାତ୍ରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିବା ପରେ ସାଇର ଲୋଗୋ ପରିବର୍ତ୍ତନ କରିବାକୁ ରିଜିଜୁ ପ୍ରସ୍ତାବ ଦେଇଥିଲେ। ଏହାକୁ ଅଧିକ ସରଳ ଓ ଅର୍ଥବୋଧକ କରିବାକୁ ପ୍ରୟାସ କରାଯାଇଛି। ନୂଆ ଲୋଗୋ ଛୋଟ ଓ ଅର୍ଥବୋଧକ ହୋଇଛି। ତେବେ ଏହାର ଲକ୍ଷ୍ୟ ବଡ଼ ବୋଲି ସେ କହିଛନ୍ତି। ଲୋଗୋ ହେଉଛି ଏକ ସଂସ୍ଥାର ପରିଚୟ। ଦୀର୍ଘ ବର୍ଷ ହେବ ସାଇ ଦେଶରେ କ୍ରୀଡ଼ାର ପ୍ରଚାର ଓ ପ୍ରସାର କରିଆସୁଛି। କିନ୍ତୁ ଏହାର ଲୋଗୋ ବହୁତ ପୁରୁଣା ଓ ଅବ୍ୟବସ୍ଥିତ ହୋଇଯାଇଥିଲା। ନୂଆ ଲୋଗୋରେ ସାଇର ନାମ ଅଧିକ ଭଲଭାବେ ଦୃଶ୍ୟମାନ ହେଉଛି ବୋଲି ରିଜିଜୁ କହିଛନ୍ତି। ସେହିପରି ୨୦୨୮ ଲସ୍ ଏଞ୍ଜେଲସ ଅଲିମ୍ପିକ୍ସରେ ଭାରତ ପଦକ ତାଲିକାର ଶ୍ରେଷ୍ଠ ୧୦ ପାଇବ ବୋଲି ରିଜିଜୁ ତାଙ୍କ ବକ୍ତବ୍ୟକୁ ଦୋହରାଇଥିଲେ।

**ଆଇପିଏଲ୍**
(ଗୁରୁବାର ମ୍ୟାଚ)
**କିଙ୍ଗ୍ସ ଇଲେଭେନ ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

## ନାଡାଲ, ଥିମ୍, ୱାୱରିଙ୍କା ୩ୟ ରାଉଣ୍ଡରେ

**ଫ୍ରେଞ୍ଚ ଓପନ୍ ଟେନିସ୍**

**ପ୍ୟାରିସ୍,୩୦।୯(ଏପି)**

ଫ୍ରେଞ୍ଚ ଓପନ୍ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସିଡେଡ୍ ଖେଳାଳିମାନେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ସ୍ପେନର ରାଫାଲ ନାଡାଲ, ଅଷ୍ଟ୍ରିଆର ତୃତୀୟ ସିଡ୍ ଖେଳାଳି ଡୋମିନିକ୍ ଥିମ୍, ଆମେରିକାର ଏସ୍. କୋର୍ଡା, ୧୬ତମ ସିଡ୍ ସୁଇଜରଲାଣ୍ଡର ଷ୍ଟାନିସ୍‌ଲାସ ୱାୱରିଙ୍କା, ଆମେରିକାର ଟେଲର ଫ୍ରିଜ୍ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ନାଡାଲ ଦ୍ୱିତୀୟ ରାଉଣ୍ଡରେ ଅମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କୁ ୬-୧, ୬-୦, ୬-୩ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ଥିମ୍ ଆମେରିକାର ଜ୍ୟାକ ସକ୍‌ଙ୍କୁ ୬-୧, ୬-୩, ୭-୬ ସେଟ୍‌ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପଟେ ୱାୱରିଙ୍କା ଦ୍ୱିତୀୟ ରାଉଣ୍ଡରେ ଜର୍ମାନୀର ଡୋମିନିକ୍ କୋଏପ୍‌ଫେରଙ୍କୁ ୬-୩, ୬-୨, ୩-୬, ୬-୧ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। କୋର୍ଡା ନିଜ ଦେଶ ଆମେରିକାର ଜନ୍ ଇସ୍ନରଙ୍କୁ ୬-୪, ୬-୪, ୨-୬, ୬-୪ ସେଟ୍‌ରେ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଫ୍ରିଜ୍ ମୋଲଡୋଭାର ରାଡୁ ଆଲବୋଟଙ୍କୁ ୬-୩, ୬-୨, ୬-୪ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି।

## ସେରେନା ଓହରିଲେ, ପିରୋଙ୍କୋଭା, ବୌଚାର୍ଡ ବିଜୟୀ



ୟୁଗେନି ବୌଚାର୍ଡ

**ପ୍ୟାରିସ୍,୩୦।୯(ଏପି)**

ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସରେ ମଧ୍ୟ ତାରକା ଖେଳାଳିମାନେ ଅଗ୍ରଗତି କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆହତ ସମସ୍ୟା ଯୋଗୁ ସେରେନା ୱିଲିୟମ୍ସ ଦ୍ୱିତୀୟ ରାଉଣ୍ଡରୁ ଓହରିଯିବା କାରଣରୁ ବୁଲ୍‌ଗେରିଆର ଶ୍ୱେତାନା ପିରଙ୍କୋଭା ୱାକ୍‌ଓଭର ପାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି କାନାଡ଼ାର ୟୁଗେନି ବୌଚାର୍ଡ ୫-୭, ୬-୪, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଡାରିଆ ଗାଭରିଲୋଭାଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଚେକ୍ ଗଣରାଜ୍ୟର କାଟେରିନା ସିନିଆକୋଭା ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ଦ୍ୱିତୀୟ ରାଉଣ୍ଡରେ ୬-୩, ୬-୪ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ତୃତୀୟ ରାଉଣ୍ଡରେ ସେ ଡଚ୍ ଖେଳାଳି କିକି ବେର୍ଟେନ୍ସଙ୍କୁ ଭେଟିବେ। ବେର୍ଟେନ୍ସ ଦ୍ୱିତୀୟ ରାଉଣ୍ଡରେ ଇଟାଲୀର ସାରା ଇରାନୀଙ୍କୁ ୭-୬, ୩-୬, ୯-୭ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ୟୁକ୍ରେନ୍‌ର ତୃତୀୟ ସିଡ୍ ଖେଳାଳି ଏଲିନା ଭିଟୋଲିନା ମେକ୍ସିକୋର ରେନାଟା ଜାରାଜୁଆଙ୍କୁ ୬-୩, ୦-୬, ୬-୨ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଋତୁକାଳୀନ ରୋଗ, ଭାଇରାଲ୍ ସଂକ୍ରମଣରୁ ସୁରକ୍ଷାର ଅବ୍ୟର୍ଥ ଉପଚାର**
**"ଜୋଲି ତୁଳସୀ 51 ଡ୍ରପ୍‌ସ" ହେଲା ଲୋକଙ୍କ ପ୍ରଥମ ପସନ୍ଦ**

**ନୂଆଦିଲ୍ଲୀ:** ଆଜିର ଏଇ ଯୁଗରେ ସୁଦୃଢ଼ ଇମ୍ୟୁନିଟି ରହିବା ସବୁଠାରୁ ବଡ଼ ଆବଶ୍ୟକତାରେ ପରିଣତ ହୋଇଯାଇଛି । ଅନେକ ନୂଆ ନୂଆ ପ୍ରଡକ୍ଟ ବଜାରକୁ ଆସିଛି, କିନ୍ତୁ ଯେଉଁ ଆୟୁର୍ବେଦିକ ଉପଚାର ବଜାରରେ ଚହଳ ସୃଷ୍ଟି କରିଛି ତାହା ହେଉଛି "Jolly Tulsi 51 Drops" । ପରମ ପୂଜନୀୟ ବୈଦ୍ୟ ସତ୍‌ପାଲ ମଧୋକ ଜୀଙ୍କ ଖାସ୍ ବିଧିରେ ପ୍ରସ୍ତୁତ ବହୁବର୍ଷ ଧରି ବିଶ୍ୱସନୀୟ ଆୟୁର୍ବେଦିକ ଉପଚାର "ଜୋଲି ତୁଳସୀ 51 ଡ୍ରପ୍‌ସ"ର ଅସାଧାରଣ ବୈଶିଷ୍ଟ୍ୟ କାରଣରୁ ଏହା ଲୋକମାନଙ୍କର ପ୍ରଥମ ପସନ୍ଦରେ ପରିଣତ ହୋଇ-ପାରିଛି ।

**ଲ୍ୟାବ୍ ପ୍ରମାଣିତ ଓ ବର୍ଷ ବର୍ଷ ପୁରୁଣା ବିଶ୍ୱସନୀୟ ଇମ୍ୟୁନିଟି ବର୍ଦ୍ଧକ**




ସେବନ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା (Immunity) ଅତ୍ୟନ୍ତ ସୁଦୃଢ଼ ହୋଇଯାଇଥାଏ ଓ କୌଣସି ପ୍ରକାର ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଶରୀରରେ ପ୍ରବେଶ କରିପାରି ନ ଥାଏ ।

ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୂତପୂର୍ବ ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମର ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ଯାହା ଗ୍ରାହକଙ୍କ ମନରେ ଭ୍ରମ ସୃଷ୍ଟି କରୁଛି। କେତେଜଣ ଦୋକାନୀ ଅଧିକ କମିଶନ ପାଇବା ଲୋଭରେ ଜୋଲି ତୁଳସୀ 51 ମାଗିଲେ ଅନ୍ୟ କିଛି ଏକା ସଦୃଶ ନାମର ତୁଳସୀ ଡ୍ରପ୍‌ସ ଧରାଇଦେଉଛନ୍ତି, ଯାହାର କୌଣସି ପ୍ରାମାଣିକତା ନାହିଁ ଏବଂ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଏଥିପାଇଁ କମ୍ପାନୀ ନିଜ ଗ୍ରାହକମାନଙ୍କୁ ସତର୍କ କରାଇଦେବାକୁ ଚାହୁଁଛି ଯେ ଏପରି ଏକା ସଦୃଶ ନାମର ନକଲି ତୁଳସୀ ଡ୍ରପ୍‌ସ ଓ ଏପରି ଦୋକାନୀଙ୍କଠାରୁ ଦୂରେଇ ରୁହନ୍ତୁ। ଜୋଲି ତୁଳସୀ 51 ଡ୍ରପ୍‌ସ ନାମକୁ ଭଲ ଭାବେ ଦେଖିବା ପରେ ହିଁ କିଣନ୍ତୁ, ଯାହାର ପରିଣାମ ବର୍ଷ ବର୍ଷର ପୁରୁଣା, ବିଶ୍ୱସନୀୟ ଓ ପରୀକ୍ଷିତ ତଥା ଲ୍ୟାବ୍‌ରେ ପ୍ରମାଣିତ (Clinical Proved) ଅଟେ।

**ଜୋଲି ତୁଳସୀ 51 ଡ୍ରପ୍‌ସ ସମସ୍ତଙ୍କ ପ୍ରଥମ ପସନ୍ଦ କାହିଁକି:**

ଏହାର ବୈଶିଷ୍ଟ୍ୟ ଉପରେ ନଜର ପକାଇବାକୁ ଗଲେ ଏହା ଇମ୍ୟୁନିଟି ବଢ଼ାଇବା ସହିତ ଶରୀରରୁ ସମସ୍ତ ବିଷାକ୍ତ ପଦାର୍ଥ (Toxins)କୁ ମଧ୍ୟ ବାହାରକୁ କାଢ଼ିଦେଇଥାଏ (Body Detox) ଏବଂ ଶରୀରକୁ ଭିତରୁ ସଫା କରିଥାଏ। ଏହା ବ୍ୟତୀତ ଏହା Anti Viral, Anti Bacterial, Anti Oxidant, Anti Septic, Anti Aging ଗୁଣରେ ଭରପୂର। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଏହାର ପରିଣାମ ଲ୍ୟାବ୍ ପ୍ରମାଣିତ ଅଟେ। ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଗବେଷଣା (Clinical Trial)ରେ ଏହି ପରିଣାମ ସତ୍ୟ ପ୍ରମାଣିତ ହୋଇଛି। ପୂଜନୀୟ ବୈଦ୍ୟ ସତ୍‌ପାଲ ମଧୋକ ଜୀଙ୍କ ଏହି ପ୍ରଭାବଶାଳୀ ଆୟୁର୍ବେଦିକ ଉପଚାର ଉପରେ ଲୋକମାନେ ଏହାର ବୈଶିଷ୍ଟ୍ୟ କାରଣରୁ ବିଶ୍ୱାସ କରିଛନ୍ତି ଏବଂ ନୂଆ ନୂଆ ପ୍ରଡକ୍ଟସ୍‌କୁ ଛାଡ଼ି ଜୋଲି 51 ଡ୍ରପ୍‌ସକୁ ହିଁ ସେମାନଙ୍କର ପ୍ରଥମ ପସନ୍ଦ ଭାବେ ବାଛିଛନ୍ତି ।

ଏହା ସବୁ ବୟସର ପୁରୁଷ, ମହିଳା ଓ ଶିଶୁଙ୍କ ଦ୍ୱାରା କରାଯାଇପାରିବ ଏବଂ ଏହା ସମସ୍ତଙ୍କ ପାଇଁ ସମାନ ରୂପେ ପ୍ରଭାବୀ ଅଟେ ।

**ଧ୍ୟାନ ଦିଅନ୍ତୁ :** ମୌସୁମୀ ଋତୁ ପରେ ବଦଳୁଥିବା ଋତୁରେ ଭାଇରାଲ୍, ବ୍ୟାକ୍ଟେରିଆଲ୍ ସଂକ୍ରମଣ ବ୍ୟାପିବାର ଆଶଙ୍କା ବଢ଼ିଯାଇଥାଏ, କାରଣ ଏପରି ଋତୁ ଏଥିପାଇଁ ଅନୁକୂଳ ହୋଇଥାଏ। ଏପରି କ୍ଷେତ୍ରରେ ଦୁନିଆକୁ କବଳିତ କରି ରଖିଥିବା ମହାମାରୀ ବ୍ୟତୀତ ଅନ୍ୟାନ୍ୟ ଋତୁକାଳୀନ ରୋଗ ମଧ୍ୟ ହୋଇପାରେ।

**କିପରି କାମ କରିଥାଏ Jolly Tulsi 51 Drops:** Immune System ଦୁର୍ବଳ ହେବା ଦ୍ୱାରା ଭାଇରସ୍ ଓ ବ୍ୟାକ୍ଟେରିଆ ଶରୀରକୁ କ୍ଷତି ପହଞ୍ଚାନ୍ତି ଏବଂ ଭାଇରାଲ୍ ସଂକ୍ରମଣର ବିପଦ ବଢ଼ିଯାଏ। ଜୋଲି ତୁଳସୀ 51 ଡ୍ରପ୍‌ସ ପାଞ୍ଚ ପ୍ରକାର ତୁଳସୀର ଅର୍କରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ କରାଯାଇଥିବା ଏକ ମିଶ୍ରଣ ଅଟେ ଯାହାର ନିୟମିତ

ପ୍ରୟୋଗ ବିଧି ଓ ଅଧିକ ସୂଚନା ପାଇଁ କମ୍ପାନୀର ହେଲ୍‌ପଲାଇନ୍‌ରେ ଆୟୁର୍ବେଦିକ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**Helpline/Website:**
**0161-520-1588**
**www.jollypharmaindia.com**

## ନଭେମ୍ବର ୪ରୁ ମହିଳା ଚ୍ୟାଲେଞ୍ଜର ସିରିଜ

**ନୂଆଦିଲ୍ଲୀ,୩୦।୯(ପି.ଟି.):** ମହିଳାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଭାବେ ଜଣାଶୁଣା ଥିବା ବହୁପ୍ରତୀକ୍ଷିତ ଚ୍ୟାଲେଞ୍ଜର ସିରିଜ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ଏହି ମେଗା ଇଭେଣ୍ଟ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆସନ୍ତା ନଭେମ୍ବର ୪ରୁ ୯ ତାରିଖ ମଧ୍ୟରେ ଆୟୋଜନ ହେବ। ଏ ନେଇ ଆଇପିଏଲ୍‌ର ଜଣେ ଅଧିକାରୀ ବୁଧବାର ସ୍ପଷ୍ଟ କରିଛନ୍ତି।

କୋଭିଡ୍-୧୯ ମହାମାରୀ କାରଣରୁ ଭାରତରେ ମହିଳା କ୍ରିକେଟ ଠପ୍ ହୋଇଯାଇଛି। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କଡ଼ା ସମାଲୋଚନାର ମଧ୍ୟ ଶିକାର ହୋଇଛି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି କହିଆସୁଥିଲେ। ଏବେ ଆଇପିଏଲ୍ ତରଫରୁ ସ୍ପଷ୍ଟ କରାଯାଇଛି। ଟ୍ରେଲବ୍ଲେଜର, ଭେଲୋସିଟି ଓ ସୁପରନୋଭାସ ଭଳି ୩ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ସିଙ୍ଗଲ୍ ରାଉଣ୍ଡ ରବିନ୍ ଲିଗ୍‌ରେ ଦଳଗୁଡିକ ପରସ୍ପରକୁ ମୁକାବିଲା କରିବେ। ୯ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ନୂଆ ମହିଳା ଚୟନକର୍ତ୍ତା ନୀତୁ ଡେଭିଡ୍‌ଙ୍କ ଅଧ୍ୟକ୍ଷତାରେ ଦଳଗୁଡିକ ଚୟନ କରାଯିବ। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଦଳଗୁଡିକ ୟୁଏଇ ଯାତ୍ରା କରିବେ।

## ୬ ଆଇପିଏଲ୍ ଦଳ ସହ କୋଟାକର ସହଭାଗିତା

**ଭୁବନେଶ୍ୱର, ୩୦।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ଦିଲ୍ଲୀ କ୍ୟାପିଟାଲ୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ, କୋଲକାତା ନାଇଟ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଆଦି ୬ଟି ଦଳ ସହିତ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏହାର ସହଭାଗିତା ଘୋଷଣା କରିଛି। ଅନୁଷ୍ଠାନ ପକ୍ଷରୁ ମାଇଁଟିମ୍ ଡେବିଟ ଓ କ୍ରେଡିଟ କାର୍ଡ ପ୍ରଚଳନ କରାଯାଇଛି। କୋଟାକ କ୍ରିକେଟ ସଂସ୍କରଣ ବର୍ଗର ଡେବିଟ ଓ କ୍ରେଡିଟ କାର୍ଡଗୁଡ଼ିକରେ ଖେଳାଳିମାନଙ୍କର ଚିତ୍ର, ଦଳର ଲୋଗୋ, ୱାଟରମାର୍କ, ଆନୁଷ୍ଠାନିକ ପତାକା ଆଦି ସ୍ଥାନିତ ହୋଇଛି। "କ୍ରିକେଟ ଭାରତୀୟଙ୍କ ହୃଦୟରେ ରହିଛି ଏବଂ କୋଟି କୋଟି ସମର୍ଥକ ଏହାକୁ ଅତି ଆଗ୍ରହର ସହିତ ଅନୁସରଣ କରନ୍ତି। ଚଳିତ ବର୍ଷ ବିଶେଷ ପରିସ୍ଥିତି ଯୋଗୁ କ୍ରିକେଟ ଖେଳର ଉତ୍କଣ୍ଠା ଏବଂ ଏହାପ୍ରତି ଆଗ୍ରହ ଭିନ୍ନଏକ ସ୍ତରରେ ରହିଛି। ଏହି ପରିପ୍ରେକ୍ଷୀରେ ଆମେ ୬ଟି ଶକ୍ତିଶାଳୀ ଦଳ ସହିତ ସହଭାଗିତା କରୁଛୁ ଏବଂ ମାଇଁଟିମ୍ ଡେବିଟ ଓ କ୍ରେଡିଟ କାର୍ଡ ପ୍ରଚଳନ କରୁଛୁ। ଭାରତର କ୍ରିକେଟପ୍ରେମୀମାନେ ଏବେ ପକେଟରେ ସେମାନଙ୍କ ପ୍ରିୟ କ୍ରିକେଟ ଦଳର ଏକ ସ୍ମୃତି ରଖିପାରିବେ ଏବଂ ପ୍ରତିଥର ସ୍ୱାଇପ୍‌ରେ ସେମାନଙ୍କର ଲୟାଲଟି ଯୋଗ କରିପାରିବେ" ବୋଲି କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଉଦୟ କୋଟାକ କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ